ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୪
୩୧ ଡିସେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 234
31st December, 2025 Wednesday
Kendrapara

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ
ନ ବୈ ସୁଖଂ ପ୍ରାପ୍ନୁ ବନ୍ତୀହ ଭିନ୍ନା
ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି
ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ ।

## ଏବେ ହେଲମେଟ୍ ପିନ୍ଧିଲେ ବି କଟିବ ଚାଲାଣ



**ନୂଆଦିଲ୍ଲୀ,୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ହେଲମେଟ ପିନ୍ଧିଲେ ମଧ କଟିପାରେ ୨୦୦୦ ଟଙ୍କା ଚାଲାଣ। (ମୋଟରସାଇକିଲ ଓ ସ୍କୁଟର) ଚାଳକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ହେଲମେଟ ନ ପିନ୍ଧିବା ପାଇଁ ଚାଲାଣ ହେଉଛି ତା' ସହିତ ଏବେ ହେଲମେଟ ଠିକ ଭାବେ ନ ପିନ୍ଧିଲେ ମଧ ଟ୍ରାଫିକ ପୋଲିସ ୧୦୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରିପାରନ୍ତି। ଅନେକ ଚାଳକ ଚାଲାଣ ଏଡାଇବା ପାଇଁ ହେଲମେଟ ପିନ୍ଧୁଛନ୍ତି, କିନ୍ତୁ ତା'ର ଷ୍ଟ୍ରାପ (ବେକ ବା ଚିବୁକ ତଳେ ବାନ୍ଧିବା ବେଲ୍ଟ) ବାନ୍ଧୁ ନାହାନ୍ତି କିମ୍ବା ଠିକ ଭାବେ କଷୁ ନାହାନ୍ତି। ଏହା ଏବେ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଭାବେ ଗଣାହେଉଛି। ଭାରତ ସରକାରଙ୍କ ମୋଟର ଯାନ ଆଇନ ୧୯୯୮ର ସଂଶୋଧନ ଅନୁଯାୟୀ, ହେଲମେଟ କେବଳ ମୁଣ୍ଡରେ ରଖିବା ନୁହେଁ, ତାକୁ ଠିକ ଭାବେ ପିନ୍ଧିବା ଜରୁରୀ। ଷ୍ଟ୍ରାପ ଚିବୁକ ତଳେ ବାନ୍ଧି କଷି ରଖିବା ଦରକାର, ଯାହା ଦ୍ୱାରା ଦୁର୍ଘଟଣା ସମୟରେ ହେଲମେଟ ଉଡି ନଯାଇ ମୁଣ୍ଡକୁ ସୁରକ୍ଷା ଦେଇପାରିବ। ଯଦି ହେଲମେଟ ପିନ୍ଧି ମଧ ଷ୍ଟ୍ରାପ ଖୋଲା ରହିଲା କିମ୍ବା ଠିକ କସା ନ ଗଲା, ତେବେ ୧୦୦୦ ଟଙ୍କା ଜରିମାନା ହେବ। ଏହା ସହିତ ହେଲମେଟରେ ଆଇଏସଆଇ ମାର୍କ (ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ) ନ ଥିଲେ ଆଉ ୧୦୦୦ ଟଙ୍କା ଚାଲାଣ କଟିପାରେ। ମୋଟ ଉପରେ ଅସୁରକ୍ଷିତ ହେଲମେଟ ପିନ୍ଧିବା ପାଇଁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଦଣ୍ଡ ହୋଇପାରେ। ଦିଲ୍ଲୀ ପୋଲିସ ଏହି ନିୟମକୁ କଡାକଡି ଲାଗୁ କରୁଛନ୍ତି ଏବଂ ଅଣ- ଆଇଏସଆଇ ହେଲମେଟ ପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଖାଲିଦା ଜିୟାଙ୍କ ପରଲୋକ

**ନୂଆଦିଲ୍ଲୀ,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ପରଲୋକରେ ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଖାଲିଦା ଜିଆ। ଦୀର୍ଘ ଦିନ ଧରି ଅସୁସ୍ଥ



ରହିବା ପରେ ସେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡିତ ଥିଲେ। ଡାକ୍ତରଙ୍କ ଅନୁଯାୟୀ, ସେ ଆର୍ଥ୍ରାଇଟିସ୍ ଏବଂ ମଧୁମେହ ସହିତ ହୃଦରୋଗରେ ମଧ ପୀଡିତ ଥିଲେ।

ଖାଲିଦା ଜିଆ ଦୁଇଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ସେ ୧୯୯୧ରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

### ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆଶଙ୍କା

## ମୁହାଁମୁହିଁ ସାଉଦି ଆରବ-ୟୁଏଇ

**ୟେମେନ,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ସବୁବେଳେ ଅଶାନ୍ତ ରହୁଥିବା ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧର ଆଶଙ୍କା ଦେଖାଦେଇଛି। ଗୃହଯୁଦ୍ଧଗ୍ରସ୍ତ ୟେମେନକୁ ନେଇ ମୁହାଁମୁହିଁ ହୋଇଛନ୍ତି ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)।

ୟେମେନର ମୁକାଲ୍ଲା ବନ୍ଦରରେ ଥିବା ୟୁଏଇର ଦୁଇଟି ଜାହାଜ ଉପରେ ଏୟାରଷ୍ଟ୍ରାଇକ୍ କରିଛି ସାଉଦି ବାୟୁସେନା। ଏହା ସହିତ ୟେମେନରୁ ନିଜ ସୈନିକଙ୍କୁ ପ୍ରତ୍ୟାହାର କରିବାକୁ ୟୁଏଇକୁ ୨୪ ଘଣ୍ଟାର ସମୟ ଦେଇଛି ସାଉଦି ଆରବ। ଯଦି ୟୁଏଇ ଏହାକୁ ନମାନେ ତେବେ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି।

ସାଉଦି ଆରବ ଅଭିଯୋଗ କରିଛି ଯେ ସଂଯୁକ୍ତ ଆରବ ଏମିରେଟ୍ସ ୟେମେନ ବିଚ୍ଛିନ୍ନତାବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର



ଯୋଗାଇ ଦେଉଛି। ସାଉଦି ଆରବ ଗତ ତିନିଦିନ ମଧରେ ୟେମେନ ବିଚ୍ଛିନ୍ନତାବାଦୀଙ୍କ ଉପରେ ଦୁଇଟି ବଡ଼ ବିମାନ ଆକ୍ରମଣ କରିଛି। ଏବେ ସାଉଦି ଆରବ ଏହି ମାମଲାରେ ୟୁଏଇକୁ ଧମକ ଦେଇଛି। ସାଉଦି ଆରବ କହିଛି, 'ତୁମ ପାଖରେ ୟେମେନରୁ ତୁମର ଭଡ଼ାଟିଆ ସୈନ୍ୟମାନଙ୍କୁ ପ୍ରତ୍ୟାହାର କରିବା ପାଇଁ ୨୪ ଘଣ୍ଟା ସମୟ ଅଛି।' ତେବେ ସର୍ବଶେଷ ସୂଚନା ଅନୁସାରେ ୟୁଏଇ ୟେମେନରେ ନିଜର ଅପରେସନ ଶେଷ କରିବା ବିଷୟ ଘୋଷଣା କରିଛି।

ସୂଚନାଯୋଗ୍ୟ ଯେ ୟେମେନରେ ଏବେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ସାଉଦି ଆରବ ସେଠାକାର ସରକାରଙ୍କୁ ସମର୍ଥନ କରୁଥିବାବେଳେ ୟୁଏଇ ବିଦ୍ରୋହୀମାନଙ୍କୁ ସମର୍ଥନ କରୁଛି। ବିଦ୍ରୋହୀଙ୍କୁ ସହାୟତା କରିବାକୁ ୟୁଏଇ ଯେଉଁ ଜାହାଜରେ ଅସ୍ତ୍ରଶସ୍ତ୍ର ପଠାଇଥିଲା, ତାହାକୁ ସାଉଦି ଆରବ ଏୟାରଷ୍ଟ୍ରାଇକ କରି ନଷ୍ଟ କରିଦେଇଛି।

## ଭିଜିଲାନ୍ସ ଜାଲରେ କୋଟିପତି ଅତିରିକ୍ତ ତହସିଲଦାର

**କଟକ,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ଭିଜିଲାନ୍ସ ଜାଲରେ ଫସିଲେ କୋଟିପତି ବାରଙ୍ଗ ଅତିରିକ୍ତ ତହସିଲଦାର। ବାରଙ୍ଗ ତହସିଲର କରାଯାଇଥିଲା। ଶ୍ରୀ ପଣ୍ଡାଙ୍କ ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ଜିତେନ୍ଦ୍ର ପଣ୍ଡାଙ୍କ ଘରୁ ୭୫ଲକ୍ଷ ଟଙ୍କା ଜବତ କରାଯାଇଛି।





ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘରେ ମଂଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି । ମୋଟ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଭୁବନେଶ୍ୱର ବ୍ରିଟ କଲୋନୀସ୍ଥିତ ତାଙ୍କ ଶାଶୁଙ୍କ ଘରୁ ୭୫ଲକ୍ଷ ଟଙ୍କା ଜବତ ହୋଇଛି । ଭୁବନେଶ୍ୱର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ ଶ୍ରୀ ପଣ୍ଡାଙ୍କ ୪ଟି ସ୍ଥାନରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସରକାରୀ କାର୍ଯ୍ୟାଳୟରେ ନୂଆବର୍ଷ ପାଳନ ମନା

**ଭୁବନେଶ୍ୱର,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଂରାଜୀ ନବବର୍ଷ ୨୦୨୬ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି। ଜାନୁଆରି ୧ ତାରିଖ ଏକ କାର୍ଯ୍ୟ ଦିବସ ହୋଇଥିବାରୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ଅନ୍ୟ ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବାକୁ କେହି ବ୍ୟକ୍ତିଗତ ଭାବରେ ଆସିବା ଉଚିତ୍ ନୁହେଁ ବୋଲି ସିଏମଓ ପକ୍ଷରୁ ଜାରି ବିବୃତିରେ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି।

ସରକାରୀ କାର୍ଯ୍ୟାଳୟରେ ନୂତନ ବର୍ଷ ପାଳନ ନକରିବାକୁ ପରାମର୍ଶ ଦିଆଯାଇଛି। ସେହିପରି କାର୍ଯ୍ୟକ୍ରମ, ବୈଠକ ଏବଂ ପାର୍ଟିକୁ ନିଷେଧ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନର ମୁଖ୍ୟଙ୍କୁ ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛ ବୋଲି ବିବୃତିରେ କୁହାଯାଇଛି।

ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଇଂରାଜୀ ନୂଆ ବର୍ଷ ୨୦୨୬ ପାଇଁ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ଏହି ଦିନ ମୋର କାର୍ଯ୍ୟାଳୟ ଗୋଟିଏ ସାଧାରଣ କାର୍ଯ୍ୟଦିବସ ଭଳି ଚାଲିବ ଏବଂ ନିୟମିତ ଭାବେ ସରକାରୀ କାର୍ଯ୍ୟ




ହେବ। ତେଣୁ, ମୋର କାର୍ଯ୍ୟାଳୟକୁ ନୂଆବର୍ଷର ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଜଣାଇବା ପାଇଁ କେହି ନ ଆସିବାକୁ ଅନୁରୋଧ। ସରକାରୀ କର୍ମଚାରୀମାନେ ମଧ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି, ଅଫିସ୍ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଅନୁରୋଧ। ଓଡ଼ିଶାର ଜନସାଧାରଣ ତଥା ମୋର ଶୁଭାକାଂକ୍ଷୀଙ୍କ ସଦିଚ୍ଛା ମୋ ସହିତ ସବୁବେଳେ ରହିଆସିଛି। ସେଥିପାଇଁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ। ମୋର ସରକାରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ୧୦ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ଆଇପିଏସ ଅଧିକାରୀ ସତ୍ୟଜିତ ନାୟକ ଏବଂ ଉମାଶଙ୍କର ଦାସଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ଆର. ପ୍ରକାଶଙ୍କୁ ମଧ ଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି। ଏହା ବ୍ୟତୀତ ଏସ. ସାଇନି ଏବଂ କେନ୍ଦ୍ରୀୟ ଡେପୁଟେସନରେ ଥିବା ସୂର୍ଯ୍ୟା ଥାଙ୍କାପାନଙ୍କୁ ମଧ ଅତିରିକ୍ତ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏମ.ଏସ. ସମ୍ପତଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ

**ମାର୍ଶାଘାଇ,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ମେହେନ୍ଦୀ ନଗର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀଙ୍କୁ ୱାର୍ଡସଭ୍ୟଙ୍କ ଆକ୍ରମଣ ନେଇ ପାଟକୁରା ଥାନାରେ ମାମଲା। ମାର୍ଶାଘାଇ ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ମାର୍ଶାଘାଇ ସରପଞ୍ଚ ଓ ତାଙ୍କ ଅନୁଗତମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ଦ୍ଧୁମ ମାଡ଼ ମାରିବା ଘଟଣା ମନରୁ ଲିଭି ନଥିବା ବେଳେ ଆଜି ମାର୍ଶାଘାଇ ଅନ୍ତର୍ଗତ ମେହେନ୍ଦିନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ୱାର୍ଡମେମ୍ବର ମାଡମାରି ରକ୍ତାକ୍ତ କରିଦେଇଥିବା ଘଟଣା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଗୁଳି କରି ହତ୍ୟା

**ଢାକା,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକଙ୍କ ନାଁ ବଜେନ୍ଦ୍ର ବିଶ୍ୱାସ। ଏହି ଘଟଣା ସେହି ମୈମନସିଂ ଜିଲ୍ଲାରେ ଘଟିଛି ଯେଉଁଠାରେ ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସଙ୍କୁ ଉତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଥିଲେ। ଗତ ୧୦ଦିନ ମଧରେ ବାଂଲାଦେଶରେ ୩ ଜଣ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଗଲାଣି। କିଛିଦିନ ପୂର୍ବେ ଅମୃତ ମଣ୍ଡଳଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ତାଙ୍କ ଉପରେ ଦାଦାବଟି ଆଦାୟ ଅଭିଯୋଗ ହୋଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବଜେନ୍ଦ୍ରଙ୍କୁ ତାଙ୍କ ସହକର୍ମୀ ନୋମାନ



ମିଆଁ ଗୁଳିକରି ହତ୍ୟା କରିଛନ୍ତି। ଘଟଣାଟି ସୋମବାର ସନ୍ଧ୍ୟାରେ ଘଟିଥିଲେ ବି ପୁଲିସ ବିଳମ୍ବରେ ଏହି ଘଟଣାର ସୂଚନା ଦେଇଛି। ଉଭୟ ଭାଲୁକା ଉପଜିଲ୍ଲାର ଲାବିବ ଗ୍ରୁପ୍ ପୋଷାକ କାରଖାନା ସୁଲତାନ ସ୍ୱେଟର୍ସ ଲିମିଟେଡରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ପୁଲିସ ନୋମାନକୁ ଗିରଫ କରିଛି। ବଜେନ୍ଦ୍ର ଅନସାର ନାମକ ସିକ୍ୟୁରିଟ ସଂସ୍ଥାର କର୍ମଚାରୀ ଥିଲେ। କାରଖାନାକୁ ସୁରକ୍ଷା ଦେବା ପାଇଁ ୨୦ ଜଣ ଅନସାର ସଦସ୍ୟଙ୍କୁ ନିୟୋଜିତ କରାଯାଇଥିଲା। ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବଜେନ୍ଦ୍ର ଏବଂ ନୋମାନ କାରଖାନାରେ ସୁରକ୍ଷା କର୍ମୀ ଭାବରେ ନିଯୁକ୍ତ ଥିଲେ ଏବଂ କାରଖାନା ଭିତରେ ଥିବା ଅନସାର ବାରାକରେ ରହୁଥିଲେ। ଉଭୟ କଥାବର୍ତ୍ତା କରୁଥିବାବେଳେ ହଠାତ୍ ନୋମାନ ବଜେନ୍ଦ୍ରଙ୍କ ଆଡ଼କୁ ବନ୍ଧୁକ ଦେଖାଇଲା। କୁହାଯାଉଛି ଯେ ସେ ମଜା କରୁଥିଲେ, କିନ୍ତୁ ଟ୍ରିଗର ଚିପି ହୋଇଯିବାରୁ ଗୁଳିଚାଳନା ହୋଇଥିଲା।

## ନଥିପତ୍ରରେ ଜନଶୁଣାଣି: ହତାଶରେ ଅଭିଯୋଗକାରୀ

**ରାଜନଗର,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହିତ ଗ୍ରାମାଂଚଳର କ୍ରମ ବିକାଶକୁ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଆୟୋଜନ କରୁଛନ୍ତି। ପ୍ରଥମେ ଏହି ଜନଶୁଣାଣୀ ଶିବିର କାର୍ଯ୍ୟଧାରାକୁ ଜନସାଧାରଣ ପସନ୍ଦ କରୁଥିଲେ । ସେମାନଙ୍କର ମୌଳିକ ସମସ୍ୟାକୁ ଉପସ୍ଥାପନ କରିବା ପାଇଁ ସୁଯୋଗ ପାଉଥିଲେ । ଜିଲ୍ଲାର ମୁଖିଆମାନେ ଗୋଟିଏ ଜାଗାରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣୁଥିଲେ । ଗୋଟିଏ ଜନଶୁଣାଣୀ ଶିବିର ନୁହେଁ, କ୍ରମାଗତ ଭାବରେ ଏହି ଶିବିରକୁ ଆସି ସେମାନଙ୍କର ଦାବୀକୁ ରଖୁଥିଲେ । ସ୍ଥାଣୁ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ନାମକୁ ମାତ୍ର ଶିବିରରେ ଯୋଗଦେବା ଓ ଅଭିଯୋଗପତ୍ରକୁ ସରକାରୀ ଦସ୍ତାବିଜର ନାଲିଫିତା ଭିତରେ ଚାପି ରଖିବା ଘଟଣା ବର୍ଷର ଶେଷ ଜନଶୁଣାଣୀ ଶିବିରରେ ଯୋଗଦେଇଥିବା ଅଭିଯୋଗକାରୀଙ୍କ ଉଦ୍‌ବେଗ ଜନଶୁଣାଣୀ ଶିବିରର ବ୍ୟର୍ଥତାକୁ ପଦାରେ ପକାଇଛି । ଚଳିତବର୍ଷ ଜିଲ୍ଲାର ଶେଷ ଜନଶୁଣାଣୀ ଶିବିର ରାଜନଗର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକ କେରଡାଗଡ ଗ୍ରାମର ସମାଜସେବୀ ଅରୁଣକୁମାର ସାହୁ ଅଭିଯୋଗ କରିଥିଲେ ଯେ, ନବଗଠିତ କେରଡାଗଡ ଗ୍ରାମପଚାଂୟତର ନୂତନ ଘର ନିର୍ମାଣ କରିବା ପାଇଁ ତତ୍କାଳୀନ ବିଡିଓ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ନିର୍ବାହ କରିବା ପାଇଁ ମୌଖିକ ଆଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟଟିକୁ କନିଷ୍ଠ ଯନ୍ତ୍ରୀ ଅର୍ପଣ କୁମାର ମଲିକଙ୍କ ତତ୍ୱାବଧାନରେ ସୂଚାରୁ ରୂପେ ପୂର୍ଣ୍ଣାଙ୍ଗ କରିଥିଲୁ । ସେହି ଗୃହର ପୋଟିକୋ ପୂର୍ବ ଏଷ୍ଟିମେଟରେ ନଥିବାରୁ ପଚାଂୟତ ସମିତିକୁ ପ୍ରୋଜେକ୍ଟ ଦେଇ ଫାଇଲ ଖୋଲାଯାଇ ୱାର୍କଅର୍ଡର ଇସ୍ୟୁ ହେବା ପରେ ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀଙ୍କୁ ପୋଟିକୋ ବିଲ ନିମନ୍ତେ କହିବାରୁ ସେ ବିଲ ପୂର୍ବରୁ ପେମେଂଟ ଦିଆଯାଇଅଛି ବୋଲି କହିଲେ। ମୁଁ କରିଥିବା କାର୍ଯ୍ୟର ବିଲକୁ ଚଂଚକତା କରି ଅର୍ପଣ ମଲିକ ନେଇଯାଇଥିବା ଜାଣିବାକୁ ପାଇଲି । ଏସଂପର୍କରେ ବିଭିନ୍ନ ସମୟରେ ଅଭିଯୋଗ କଲେ ମଧ ବିଲ ମିଳୁନଥିବା ନେଇ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଅଭିଯୋଗ କରିଥିଲେ । ସେହିପରି ବେଲପାଳ ଗ୍ରାମର ସନ୍ତୋଷ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବର୍ଷ ଶେଷରେ ଚାକିରି ପାଇଲେ ୧୫୪୩ ଆଶାୟୀ



**ଭୁବନେଶ୍ୱର,୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଶାୟୀଙ୍କୁ ଚାକିରି ବାଣ୍ଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରାୟ ୧୧ଟି ବିଭାଗ ୧୫୪୩ଜଣଙ୍କୁ ନିଯୁକ୍ତି ମିଳିଛି। ଭୁବନେଶ୍ୱର ରେଳୱେ ଅଡିଟୋରିୟମ ହଲରେ ହୋଇଥିବା ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରେ ଚୟନ ହୋଇଥିବା ଆଶାୟୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ, ଅର୍ଥ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ସମବାୟ ବିଭାଗ, ପର୍ଯ୍ୟଟନ ବିଭାଗ, ସ୍ୱରାଷ୍ଟ୍ର ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଯୋଜନା ଓ ସଂଯୋଜନା ବିଭାଗର ମୋଟ ୧୫୪୩ଜଣଙ୍କୁ ନିଯୁକ୍ତିପତ୍ର ମିଳିଛି। ଏଥିରୁ ଗଣଶିକ୍ଷା ବିଭାଗରେ ୭୫୫, ୩୮୨ଜଣଙ୍କୁ ଓଡିଶା ସିଭିଲ ସର୍ଭିସ ଓ ୧୪ଜଣଙ୍କୁ ଅନ୍ୟ ବିଭାଗରେ ରହିଛି। ସେହିପରି ୩୯୨ ଜଣଙ୍କୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ନିଯୁକ୍ତି ମିଳିଛି।

## ସବୁ ବଙ୍ଗଭାଷୀ ଯଦି ଭୂମିହୀନ, ତେବେ ଶହଶହ ଏକର ଜଙ୍ଗଲ ଜମି ନେଲା କିଏ ?

**କେନ୍ଦ୍ରାପଡ଼ା,୩୦।୧୨
ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବଙ୍ଗଭାଷୀଙ୍କୁ ଜମି ପଟ୍ଟା ପ୍ରଦାନ ଏକ ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି । ବିଭିନ୍ନ ସମୟରେ ରାଜନୈତିକ ଦଳ ତଥା ନେତାମାନେ ଏହାକୁ ଅସ୍ତ୍ର କରି ଭୋଟ ହାତେଇବାରେ ସଫଳ ହୋଇଛନ୍ତି । ତେବେ ଏଠାରେ ବିଗତ ୧୫ବର୍ଷର ନିରବଚ୍ଛିନ୍ନ ପ୍ରତିନିଧିତ୍ୱ ପରେ ଏହି ପ୍ରସଙ୍ଗକୁ ନେଇ ଏବେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଜନ ପ୍ରତିନିଧି ଦେଢ ବର୍ଷ ମଧ୍ୟରେ ବଙ୍ଗଭାଷୀଙ୍କୁ ଜମିପଟ୍ଟା ଦେବାରେ ବିଫଳ ହୋଇଥିବା ଦର୍ଶାଇ ପୂର୍ବର ଜନପ୍ରତିନିଧି ନିକଟରେ ଢେର ବର୍ଷିଛନ୍ତି । ରାଜନୀତିରେ ନିଜର ବିଫଳତାକୁ ଘୋଡ଼ାଇବା ସହିତ ବର୍ତ୍ତମାନର ଜନ ପ୍ରତିନିଧିଙ୍କୁ କାଠ ଗଡ଼ାରେ ଛିଡ଼ା କରାଇଦେଇ ପୁଣି ବଙ୍ଗଭାଷୀଙ୍କ ଅନୁଗ୍ରହ ପାଇବାକୁ କରାଯାଇଥିବା ଏହି ପ୍ରୟାସ ରେ ଅବଶ୍ୟ କିଛି ଅସ୍ୱାଭାବିକତା ନାହିଁ । ଏଥିନେଇ ଯଦିଓ ମହାକାଳପଡ଼ାର ଜନପ୍ରତିନିଧି କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାଁନ୍ତି ତଥାପି ଶାସକ ଦଳର ଅନ୍ୟ ଜଣେ ନେତା ଏହାର କଡ଼ା ଜବାବ ରଖି ୧୫ବର୍ଷର ବିଫଳତାକୁ ପଦାରେ ପକାଇ ଦେଇଛନ୍ତି ।

ଇଏତ ସବୁ ରାଜନୀତିର କଥା । ହେଲେ ଏହି ପ୍ରସଙ୍ଗକୁ ନେଇ ସଚେତନ ମହଲରେ ଅନେକ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଅନେକଙ୍କ କହିବା କଥାଯେ, ଜମିପଟ୍ଟା କାହାକୁ ଦିଆଯିବ ଓ କି'ଏ ନେବେ ସେଥିନେଇ ଏଯାଏ ସରକାରୀ ଭାବେ କୌଣସି ସ୍ୱଷ୍ଟତା ଆସିନାହିଁ । ମହାକାଳପଡ଼ା ଅଂଚଳରେ ପୂର୍ବରୁ ଚିହ୍ନଟ ହୋଇଥିବା ବଙ୍ଗଳାଦେଶୀମାନେ ଅଛନ୍ତି କି ନାହିଁ ଏବଂ ସେମାନଙ୍କୁ ଛାଡ଼ି ଆଉ କେହି ଆସିଛନ୍ତି କି ନାହିଁ, ତା'ର ସଠିକ

### ବଙ୍ଗଭାଷୀଙ୍କୁ ଜମି ପଟ୍ଟା ଦେବା ପ୍ରସଙ୍ଗ

ଯାଂଚ ଏଯାଏ କରାଗଲା ନାହିଁ । ଅନ୍ୟପକ୍ଷରେ ଶହଶହ ଏକର ଜଙ୍ଗଲ ଜମିକୁ କିସମ ବଦଳାଇ କି'ଏ ଓ କେଉଁମାନେ ନେଇଛନ୍ତି ତା'ର ମଧ୍ୟ କେହି ଖୋଜଖବର ନେଉନାହାଁନ୍ତି । ଚଂଚକତା ଉପାୟରେ ଏହିସବୁ ଜଙ୍ଗଲଜମିର ହେରଫେରରେ କ'ଣ କେହି ବଙ୍ଗଭାଷୀ ହିତାଧିକାରୀ ହୋଇନାହାଁନ୍ତି ? ପ୍ରତ୍ୟେହ ମହାକାଳପଡ଼ା ତହସିଲରେ ଅବରୋଧ କେଶ୍ କ୍ରମେ ପ୍ରଦାନ କରାଯାଇଥିବା ଓ କରାଯାଉଥିବା ଜମି ପଟ୍ଟା ତାହେଲେ କେଉଁମାନେ ନେଇଛନ୍ତି ଓ ନେଉଛନ୍ତି ପ୍ରଥମେ ତା'ର ତଦନ୍ତକୁ ନେତାମାନେ ଅଣଦେଖା କରିବା ନେଇ ସଚେତନ ମହଲରେ ବିସ୍ମୟ ପ୍ରକାଶ କରାଯାଇଛି । ଏଥିସହିତ କୁହାଯାଇଛି ଯେ, ୧୫.୦୮.୧୯୯୬ ତାରିଖରେ ମହାକାଳପଡ଼ା ତହସିଲ କାର୍ଯ୍ୟ ଆରମ୍ଭ କଲା । ତେବେ ବିଷ୍ଣୁ ଚରଣ ରାଉତ ନାମକ ଜଣେ ଅଧିକାରୀ ୧୨.୧୧.୨୦୧୦ ଠାରୁ ୩୧.୦୧.୨୦୧୩ ଯାଏ ତହସିଲଦାର ଥିବାବେଳେ ଅଲେଖ ତରାଇ ନାମକ ଜଣେ ଆରଆଇଙ୍କୁ ରାମନଗର ଓ ପେଟଛେଲା ସର୍କଲ ଦୁଇଟିରେ ଆରଆଇ ଭାବେ ଅବସ୍ଥାପିତ କରିଥିଲେ । ସେହି ସମୟରେ ରାମନଗର, ଖରିନାସୀ, ପେଟଛେଲା, ବରକନ୍ଧା, ଜମ୍ଭୁ, ସୁନିତୀ, ବଡିଘର, ବଉଳକଣି ଆଦି ପଂଚାୟତରେ ହଜାର ହଜାର ସଂଖ୍ୟାରେ ଅବରୋଧ କେଶ୍ ରୁଜୁ କରାଯାଇଥିଲା । ଫଳରେ ଶହ ଶହ ଏକର ଜଙ୍ଗଲ ଜମି ଅବରୋଧକାରୀଙ୍କ ଦଖଲକୁ ଚାଲିଗଲା ।

ଏବେ ଗତ କିଛି ବର୍ଷ ହେଲା ବର୍ଦ୍ଧମାନ ଇଷ୍ଟେଟ୍‌ର ଜାଲ୍ ହାତଲେଖା ପଟ୍ଟା ଓ ଅବରୋଧ କେଶ୍‌କୁ ଆଳ କରି ଅନେକ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇ ନିଜ ନିଜର କେଶ୍‌କୁ ତହସିଲକୁ ରିମାଣ୍ଡରେ ଆଣିବା ସହିତ ତହସିଲରେ ମୋଟା ଅଙ୍କର କାରବାର କରି ନିଜ ନାମରେ ଫଏସଲା କରାଇ ଜମିପଟ୍ଟା କରାଇ ନେଇ ଚାଲିଛନ୍ତି । ଏଥିରେ ବଡ଼ ବଡ଼ ର୍‍ୟାକେଟ୍ କାମ କରୁଛି । କାଁ ଭାଁ ଗରିବ ଗୁରୁବା କେତୋଟି ପରିବାରକୁ ଛାଡ଼ି ଦେଲେ ଉପରୋକ୍ତ ପଂଚାୟତଗୁଡ଼ିକର ବହୁ ପରିବାର ଏକର ଏକର ଜଙ୍ଗଲ ଜମିର ପଟ୍ଟାଧାରୀ ମାଲିକ ବନି ସାରିଛନ୍ତି । ସାବକ ଖାତାରେ ଜଙ୍ଗଲ ଜମି ଥିବା ଶହ ଶହ ଏକର ଜମି ବାଇ ଖାତା ଜରିଆରେ ରେକର୍ଡ଼ କରାଯାଇଛି । ଏହି ଅଂଚଳ ଅଭୟାରଣ୍ୟ ତଥା ପରିବେଶ ସମ୍ବେଦନଶୀଳ ଅଂଚଳ ଅନ୍ତର୍ଭୂକ୍ତ ହୋଇଥିବାବେଳେ ଜଙ୍ଗଲ ଜମିର ସୁରକ୍ଷା ଦେବା ପରିବର୍ତ୍ତେ ରାଜସ୍ୱ ବିଭାଗ ଅଧିକାରୀମାନେ ବାଇ ଖାତା ଜରିଆରେ ଏହି ଜଙ୍ଗଲ ଜମିକୁ ଚୂଡ଼ା ମୁଢି ଭଳି କିପରି ବାଣ୍ଟି ଚାଲିଛନ୍ତି । ଏଭଳି ସ୍ଥିତିରେ ପ୍ରକୃତରେ କି'ଏ ଭୂମିହୀନ ତାହା ବଡ଼ ପ୍ରଶ୍ନ ଛିଡ଼ା କରିଛି । ପ୍ରକୃତ ଦେଶର ନାଗରିକ ଭୂମିହୀନଙ୍କୁ ପଟ୍ଟା ମିଳୁ କିନ୍ତୁ ସରକାର ବାଇ ଖାତାରେ ହେରଫେର ହୋଇଥିବା ଜଙ୍ଗଲ ଜମିର ପୁନଃଉଦ୍ଧାର କରିବାର ଆବଶ୍ୟକତା ରହିଛି।

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୧ ଡିସେମ୍ବର ୨୦୨୫ । ବୁଧବାର




## ଓପିଡି ବନ୍ଦକୁ ଏସସିବି ଡାକ୍ତରଙ୍କ ସମର୍ଥନ

**କଟକ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ମଞ୍ଜୁରିପ୍ରାପ୍ତ ପଦକୁ ବାଦ୍ ଦେଲେ ପ୍ରାୟ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି । ଏହାସହ ଡାକ୍ତରଖାନାରେ ଡାକ୍ତରଙ୍କ ପାଇଁ ଅନେକ ସମସ୍ୟା ମଧ ସୃଷ୍ଟି ହେଉଛି । ତେଣୁ ଖାଲି ପଡ଼ିଥିବା ପଦବୀ ପୂରଣ ସହ ଡାକ୍ତରଙ୍କ ଅନ୍ୟାନ୍ୟ ୧୩ଟି ଦାବି ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦରେ ଶୁକ୍ରବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମ୍ସା) । ଫଳରେ ପ୍ରାୟ ୫ ଦିନ ହେବ ୧ ଘଣ୍ଟିଆ ବର୍ହିବିଭାଗ ସେବା ବନ୍ଦ ରଖୁଛନ୍ତି ଡାକ୍ତର ।

ଆଉ ଏହି କ୍ରମରେ ମଙ୍ଗଳବାର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଶିଶୁ ଭବନରେ କାର୍ଯ୍ୟରତ ଡାକ୍ତରମାନେ ଓମସାକୁ ସମର୍ଥନ ଜଣାଇ ନୀରବ ପ୍ରତିବାଦ କହିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଘଣ୍ଟା ଓପିଡି କାର୍ଯ୍ୟ ବନ୍ଦ ଡାକ୍ତରମାନେ କରିଥିବା ବେଳେ, ଏସସିବି ମେଡିକାଲ କଲେଜରେ କାର୍ଯ୍ୟରତ ଜୁନିୟର ଡାକ୍ତରମାନେ ମଧ କଳା ବ୍ୟାଚ୍ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଥିଲେ ।

ତେବେ ଯେଉଁ ୧୩ଟି ଦାବି ଉପରେ ସୋମବାର ସରକାରଙ୍କ ସହ ଆଲୋଚ଼ନା କରାଯାଇଥିବା ବେଳେ ଏହା ସଫଳ ହୋଇନାହିଁ । ତେଣୁ ଏସସିବିର ଜୁନିଅର ଡାକ୍ତରମାନେ ମଧ ଏହାକୁ ସମର୍ଥନ ଜଣାଇ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କହିଛନ୍ତି । ଏମିତିରେ ଯଦି ସରକାର ଆଗକୁ ଏହି ଦାବି ପୂରଣ ନକରନ୍ତି, ତେବେ ସଂପୂର୍ଣ୍ଣ ରୋଗୀସେବା ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ଜୁନିୟର ଡାକ୍ତରମାନେ ।

## ହାଟରେ ବୁଲିଲା ବୁଲଡୋଜର

**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ବାଲିପାଟଣା ତହସିଲ କାର୍ଯ୍ୟାଳୟ ସାମ୍ନାରୁ ଦୀର୍ଘଦିନ ଧରି ହୋଇଆସୁଥିବା ଜବରଦଖଲ ମଙ୍ଗଳବାର ପ୍ରଶାସନ ପକ୍ଷରୁ ହଟାଯାଇଛି । ପୂର୍ବରୁ ଜାରି ହୋଇଥିବା ନୋଟିସ ପରେ ମଙ୍ଗଳବାର ବାଲିପାଟଣା ହାଟ ଅଞ୍ଚଳରେ ବୁଲଡୋଜର ଚ଼ଳାଇ ଅବୈଧ ନିର୍ମାଣ ଭାଙ୍ଗାଯାଇଛି । ଏହି କାର୍ଯ୍ୟାନୁଷ୍ଠାନ ଫଳରେ ତହସିଲ ସାମ୍ନା ଅଞ୍ଚଳ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ହେବ ବୋଲି ପ୍ରଶାସନ କହିଛି ।

ପ୍ରଶାସନିକ ସୂଚ଼ନା ଅନୁସାରେ, ପ୍ରାୟ ୩ ଦଶନ୍ଧିରୁ ଅଧିକ ସମୟ ଧରି କିଛି ସ୍ଥାନୀୟ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ କରିଥିଲେ । ସେଠାରେ ସୁନା ଦୋକାନ, ଗ୍ରୋସରୀ, ମୋବାଇଲ, ଘଣ୍ଟା, ସାର ଓ ପାନ ଦୋକାନ ଖୋଲି ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ ହେଉଥିଲା । ତହସିଲ, ସବ୍ ରେଜିଷ୍ଟର କାର୍ଯ୍ୟ ଓ ହାଟ ଥିବାରୁ ଏଠାରେ ପ୍ରାୟ ସମୟରେ ଭିଡ଼ ଲାଗି ରହୁଥିଲା ।

ଆଜିର ଅଭିଯାନ ସମୟରେ ବାଲିପାଟଣା ତହସିଲଦାର କଳ୍ପନା ଦାସ, ଅତିରିକ୍ତ ତହସିଲଦାର ସୌରଭ ବଡ୍ଡୁ, ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ସହ ତହସିଲ ଓ ପୋଲିସ କର୍ମଚ଼ାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । କୌଣସି ଅପ୍ରିୟ ଘଟଣା ଘଟିନଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି ରଖାଯାଇଥିଲା ।

ନୋଟିସ ପାଇବା ପରେ କିଛି ଦଖଲଦାର ନିଜେ ହାତରେ ଘର ଭାଙ୍ଗିବା ସହ ସାମଗ୍ରୀ ଖାଲି କରିଥିଲେ । ତହସିଲଦାର ସୂଚ଼ନା ଦେଇଛନ୍ତି ଯେ, ମୋଟ ୪୦ ଡିସିମିଲ ଅର୍ଥାତ ୧୦ ଗୁଣ୍ଠ ସରକାରୀ ଜମି ସମ୍ପୂର୍ଣ୍ଣ ଭାବେ ଖାଲି କରାଯିବ । ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଅଞ୍ଚଳରେ ସୁସଂଗଠିତ ବିକାଶ ହେବ ବୋଲି ଆଶା ପ୍ରକାଶ କରାଯାଇଛି ।

## ପୁରୀରେ ସବୁ ଅଧିକାରୀଙ୍କ ଛୁଟି ବାତିଲ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**




ସରକାରୀ ଅଧିକାରୀ ନେଇପାରିବେ ନାହିଁ ଛୁଟି । ଆଜିଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ । ପୁରୀ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ । ମୁଖ୍ୟ କାର୍ଯ୍ୟାଳୟ ନଛାଡିବାକୁ ଜିଲ୍ଲାପାଳଙ୍କ କଡା ନିର୍ଦ୍ଦେଶ । ୨୦୨୬ ନୂଆବର୍ଷ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଜାରି କରିଛନ୍ତି ନିର୍ଦ୍ଦେଶନାମା । ପୁରୀରେ ପର୍ଯ୍ୟଟକ ଏବଂ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ନିଆଯାଇଛି ପଦକ୍ଷେପ । ଜିଲ୍ଲାର ବିଭିନ୍ନ ସ୍ଥାନରେ ପର୍ଯ୍ୟଟନସ୍ଥଳୀ, ତୀର୍ଥସ୍ଥାନ ରହିଥିବାରୁ ଭିଡ଼କୁ ଦେଖି ନିଷ୍ପତ୍ତି ନେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ।

ଆସନ୍ତା ୨୦୨୬ ନୂଆବର୍ଷ ସୁଖ ସମୃଦ୍ଧି ପୂର୍ଣ୍ଣ ହେଉ । ଏହି ଆଶା ନେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀମନ୍ଦିରକୁ ଧାଇଁ ଆସୁଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ । ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ନୂଆବର୍ଷରେ ଏକ ନୂଆ ଢଙ୍ଗରେ ଜୀବନ ଜୀବିକାକୁ ଆଗେଇ ନେବା ପାଇଁ ଭକ୍ତମାନେ ଶ୍ରୀମନ୍ଦିରକୁ ଛୁଟି ଆସୁଛନ୍ତି । ନବବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହାକୁ କିଭଳି ଶୃଙ୍ଖଳିତ କରାଯାଇପାରିବ ସେନେଇ ଶ୍ରୀମନ୍ଦିର, ପୁରୀ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭକ୍ତମାନେ କିଭଳି ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ଓ ସଅଳ ନୀତିକାନ୍ତି ମହାପ୍ରଭୁଙ୍କର ହୋଇପାରିବ ସେନେଇ ସେବାୟତଙ୍କ ସହ ଆଲୋଚ଼ନା କରାଯାଇଛି ।

ସେପଟେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହୋଇ ସାରିଥିବା ବେଳେ ବିଭିନ୍ନ ହୋଟେଲ ଗୁଡ଼ିକରେ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି । ଡିଜେ ନାଇଟ୍ ସହ ବଲିଉଡ, ଓଲିଉଡ ସିଙ୍ଗରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପର୍ଯ୍ୟଟକଙ୍କୁ ଆପ୍ୟାୟିତ କରିବା ପାଇଁ ବିଭିନ୍ନ ହୋଟେଲରେ ଦେଶୀ ବିଦେଶୀ ଖାଦ୍ୟର ବ୍ୟବସ୍ଥା କରାଯାଉଛି ।

ଭୁବନେଶ୍ୱରରୁ ଆସୁଥିବା ଚ଼ାରିଚ଼କିଆ ଯାନ ଗୁଡିକ ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ଏବଂ ଜେଲ୍ ରୋଡ ପାର୍କିଂରେ ଗାଡ଼ି ରଖିପାରିବେ । ବ୍ରହ୍ମଗିରି ପଟୁ ଆସୁଥିବା ଚ଼ାରିଚ଼କିଆ ଯାନ ଷ୍ଟର୍ଲିଙ୍ଗ ଛକ ଏବଂ ଯାତ୍ରୀକା ଠାରେ ପାର୍କିଂ କରିପାରିବେ । ସେହିପରି କୋଣାର୍କ ପଟୁ ଆସୁଥିବା ଗାଡିଗୁଡିକ ତାଳବଣିଆ ପଡ଼ିଆରେ ପାର୍କିଂ କରିପାରିବେ । ଆସନ୍ତା ୩୧ ଏବଂ ୧ ତାରିଖ ଦୁଇଦିନ ପାଇଁ ଏହି କଟକଣା ଜାରି କରିଛି ପୁରୀ ପୋଲିସ । ସେହିପରି ବଡ଼ଦାଣ୍ଡ ମାର୍କେଟ ଛକ ଠାରୁ ଶ୍ରୀମନ୍ଦିର ଯାଏଁ ପୋଲିସ ପକ୍ଷରୁ ନୋ ଭେହିକିଲ ଜୋନ୍ କରାଯାଇଛି ।

## ଦୟନୀୟ ଅବସ୍ଥାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତର କୁସପଦା ଗ୍ରାମଠାରୁ ମହାଦେଇପୁର, କେମ୍ପସଡ଼ା ଓ କବିତ୍ରା ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ଲମ୍ବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଦୟନୀୟ ଅବସ୍ଥା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଦୈନିକ ଯନ୍ତ୍ରଣାର କାରଣ ହୋଇପଡିଛି । ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ମାତ୍ର ୫ କିଲୋମିଟର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଠାରୁ କେବଳ ୧ କିଲୋମିଟର ଦୂରରେ ଅବସ୍ଥିତ ଏହି ମୁଖ୍ୟ ସଡ଼କଟି ଏବେ ଅବହେଳାର ସ୍ପଷ୍ଟ ଉଦାହରଣ ହୋଇପଡ଼ିଛି ।

ସଡ଼କର ଅଧିକାଂଶ ସ୍ଥାନରୁ ପିଚୁ ସମ୍ପୂର୍ଣ୍ଣ ଭାବେ ଉଠିଯାଇ ତଳର ମେଣ୍ଟାଲ ଗୁଡ଼ିକ ବାହାରକୁ ମୁନିଆଁ ହୋଇ ରହିଛି । ଏହାର ଫଳରେ ରାସ୍ତାଟି ଏକ ପଥର ଗଦା ପରି ଦେଖାଯାଉଛି ଓ ଯାତାୟତ କରିବା ଦୁର୍ବିସହ ହୋଇପଡ଼ିଛି । ବାଇକ୍ ଓ ସାଇକେଲ ଚ଼ାଳକମାନେ ବାରମ୍ବାର ପଙ୍କଚ଼ର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଚ଼ାରିଚ଼କିଆ ଯାନ ଓ ବସ୍ ଚ଼ଳାଚ଼ଳ ସମୟରେ ଚ଼କରୁ ଛିଟିକି ପଡୁଥିବା ମେଣ୍ଟାଲ ଗୁଡ଼ିକ ଅନ୍ୟ ଯାତ୍ରୀଙ୍କ ପାଇଁ ଭୟଙ୍କର ବିପଦ ସୃଷ୍ଟି କରୁଛି ।

ବିଶେଷକରି ଛାତ୍ରଛାତ୍ରୀମାନେ ପ୍ରତିଦିନ ବିଦ୍ୟାଳୟ ଓ କଲେଜ ଯିବା ଆସିବା କରୁଥିବାରୁ ଅଭିଭାବକମାନଙ୍କ ମନରେ ଗଭୀର ଚ଼ିନ୍ତା ଓ ଆତଙ୍କ ସୃଷ୍ଟି ହୋଇଛି । ପୂର୍ବରୁ ଏହି ରାସ୍ତାରେ ପଡ଼ି ଅନେକ ଲୋକ ଆହତ ହୋଇ ଖଣ୍ଡିଆ–ଖାବରା ହୋଇଥିବା ଘଟଣା ସ୍ଥାନୀୟ ଲୋକଙ୍କୁ ଅଧିକ ଭୟଭୀତ କରୁଛି ।

ଜିଲ୍ଲାରୁ ହଜାର ହଜାର କୋଟି ଟଙ୍କା ଖଣିଜ ପାଣ୍ଠି ରାଜ୍ୟ କୋଷାଗାରକୁ ଯାଉଥିବା ସତ୍ତ୍ୱେ ଗ୍ରାମାଞ୍ଚଳର ଏହି ପ୍ରମୁଖ ସଡ଼କର ଏପରି ଦୁରବସ୍ଥାକୁ ସ୍ଥାନୀୟ ଲୋକେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ଶୀଘ୍ର ସଡ଼କର ମରାମତି ଓ ପୁନର୍ନିର୍ମାଣ କାମ ଆରମ୍ଭ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

## ପୂର୍ତ୍ତବିଭାଗ ବଙ୍ଗଳାରେ ଅଧିକ କକ୍ଷ ନିର୍ମାଣ ଦାବି

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**




ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ନିର୍ମାଣ କରାଯାଇଥିଲା ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ।ବଙ୍ଗଳା ପରିସରରେ ପ୍ରାରମ୍ଭରୁ ୨ଟି କକ୍ଷ ରହିଛି । ବଙ୍ଗଳାର ପ୍ରଥମ କକ୍ଷଟି ସଦାସର୍ବଦା ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବେଳେ ୨ୟ କକ୍ଷଟିକୁ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ସଂରକ୍ଷିତ ନିମନ୍ତେ ଉଦ୍ଧିଷ୍ଟ ରଖିଥିବା ଜଣାପଡିଛି । ଫଳରେ କେବେ କେହି ବ୍ୟକ୍ତିବିଶେଷ ଜରୁରୀକାଳୀନ ପରିସ୍ଥିତିରେ ବଙ୍ଗଳାରେ ରହିବାକୁ ଚ଼ାହିଁଲେ ବି କକ୍ଷର ଅଭାବ ପରିଲକ୍ଷିତ ହୋଇଥାଏ । ତେଣୁ ଖଣ୍ଡପଡ଼ା, କଣ୍ଟିଲୋ ଓ ଫତେଗଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ କେବେ କେହି ବଙ୍ଗଳାରେ ରାତ୍ର ଯାପନ କରିବାକୁ ଚ଼ାହିଁଲେ ବି ବଙ୍ଗଳା ପରିସରରେ ଆବଶ୍ୟକ କକ୍ଷର ଅଭାବ ପରିଲକ୍ଷିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଖଣ୍ଡପଡ଼ା ସହରରେ ରେଷ୍ଟୁରାଣ୍ଟ, ଲଜ, ଯାତ୍ରୀନିବାସ କି ଧର୍ମଶାଳା ସେପରି କିଛି ନଥିବା ବେଳେ ସମସ୍ତଙ୍କ ରହିବା ନିମନ୍ତେ ବଙ୍ଗଳା ହିଁ ଏକମାତ୍ର ଭରଷା ଅଟେ ।

ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆଉ ୨ କିମ୍ବା ୩ଟି ବିଳାସପୂର୍ଣ୍ଣ କକ୍ଷ ନିର୍ମାଣର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଏଥିପ୍ରତି ନୟାଗଡ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ ଓ ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କିନ୍ନରଙ୍କୁ ଆକ୍ରମଣ ଥାନାରେ ଉତ୍ତେଜନା

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକରେ ୨ ଗୋଷ୍ଠୀ କିନ୍ନରଙ୍କ ବିବାଦ ଥମିବାର ନାଁ ଧରୁନି । ଉଭୟ ଗୋଷ୍ଠୀ ମଧରେ ଛକା ପଞ୍ଝା ଲାଗି ରହିଥିବା ବେଳେ ମଙ୍ଗଳବାର ସକାଳେ ଗୋଟିଏ ଗୋଷ୍ଠୀର ୪ଜଣ କିନ୍ନରଙ୍କୁ ଆକ୍ରମଣ ସହ ଚୁଟି କାଟି ଦେଇଛନ୍ତି । ଏପରିକି ସେମାନଙ୍କ ଠାରୁ ଟଙ୍କା ସୁନା ଅଳଙ୍କାର ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି ।

ସୂଚ଼ନା ମୁତାବକ ଭଦ୍ରକ ଚ଼ରମ୍ପାରେ ରହୁଥିବା ଶ୍ରାବଣୀ କିନ୍ନର ଓ ସଞ୍ଜନା ସାସମଲ କିନ୍ନର ୨ ଗୋଷ୍ଠୀ ମଧରେ ବିବାଦ ଲାଗି ରହିଛି । ପୂର୍ବରୁ ମଧ ଟାଉନ ଥାନାରେ ଉଭୟଙ୍କ ବିରୋଧରେ ଅଭିଯୋଗ ସହ ମାମଲା ରୁଜୁ ହୋଇଛି । ମଙ୍ଗଳବାର ସକାଳେ ଶ୍ରାବଣୀ ଗୋଷ୍ଠୀର ୪ ଜଣ ଘରକୁ ଫେରୁଥିବା ବେଳେ ଚ଼ରମ୍ପା ଡଗରା ସାହି ନିକଟରେ ସଞ୍ଜନା ଗୋଷ୍ଠୀର କିଛି କିନ୍ନର ଓ କିଛି ଯୁବକ ତାଙ୍କୁ ଆକ୍ରମଣ କରି ଟଙ୍କା ସୁନା ଛଡାଇ ନେଇଛନ୍ତି ଓ ଚୁଟି ମଧ କାଟି ଦେଇଛନ୍ତି । ଏନେଇ ଶ୍ରାବଣୀ ଗୋଷ୍ଠୀର କିନ୍ନର ମାନେ ଭଦ୍ରକ ଟାଉନ ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପାଟିତୁଣ୍ଡ କରିଛନ୍ତି ।

## ଅର୍ଣ୍ଣପୂର୍ଣ୍ଣା ଥ୍ରୀଏଟରରେ ମଞ୍ଚସ୍ଥ ହେଲା ନାଟକ 'ଟଙ୍କା'

**ଫୁଲନଖରା: ଏକ୍ସପ୍ରେସ ନ୍ୟୁଜ୍**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅର୍ଣ୍ଣପୂର୍ଣ୍ଣା ଥ୍ରୀଏଟର ବି ଗ୍ରୁପ କଟକର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା କାର୍ଯ୍ୟକ୍ରମରେ ମଞ୍ଚସ୍ଥ ହେଲା ନାଟକ 'ଟଙ୍କା' । ଟଙ୍କା ଯେ ମଣିଷର ସବୁ ତାହା କହିବା ବାହୁଲ୍ୟ, କିନ୍ତୁ ଟଙ୍କା ପାଇଁ ନିଜର ପାରିବାରିକ ସମ୍ପର୍କ କିଭଳି ନଷ୍ଟ ହୋଇଯାଉଛି, ତାହା ହିଁ ଏହି ନାଟକର ବିଷୟ ବସ୍ତୁ । ଏହି ନାଟକଟିକୁ ରଚ଼ନା କରିଥିଲେ ଡ଼ ବୈଜୟନ୍ତି ମିଶ୍ର, ନିର୍ଦ୍ଦେଶନା ଦେଇଥିଲେ ଅକ୍ଷୟ କୁମାର ରଣା । ଅଭିନୟରେ ଥିଲେ ଶ୍ରୀଧର ରାଉତ, ଅଭୟ ସ୍ୱାଇଁ, ଦିଲ୍ଲୀପ ଜେନା, ଚ଼ିତ୍ତରଞ୍ଜନ ଦାସ, ସତ୍ୟନାରାୟଣ ଦାସ, ଅଭିଳାଷ ଶତପଥୀ, ରଞ୍ଜନ ସାହୁ, ଅମିତ ପ୍ରଧାନ, ଦିଲ୍ଲୀପ ମହାରଣା, ପ୍ରଦୀପ ନାଗ, ଜିତେନ୍ଦ୍ର ପ୍ରଧାନ, ପ୍ରିୟଙ୍କା ପାଢ଼ୀ, ସ୍ୱତାଶ୍ରୀ ପାଢ଼ୀ ଓ ଆଲୋକ ଓ ଶବ୍ଦ ଦୀପକ ଦାଶ ଥିଲେ ଓ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଓ ସମ୍ମାନିତ ଅତିଥି ଭାବେ ଅଭିନେତା ଶ୍ରୀତମ ଦାଶ ଏବଂ ଥ୍ରୀଏଟର ଆର୍ଟ ଅଫ ସମ୍ବାଦ ସ୍କୁଲ ଅଫ ମିଡ଼ିଆ ଆଣ୍ଡ କଲଚ଼ର ମୁଖ୍ୟ ଦୋଳଗୋବିନ୍ଦ ରଥ । ସମ୍ପାଦିକା ଆଲ୍ହାଦିନ କର, ସଭାପତି ନୃସିଂହ ପ୍ରସାଦ ରାୟଗୁରୁ, ନାଟକ ଟିର ଭୂୟସୀ ପ୍ରଶଂସା କରିଥିଲେ । ସଂଯୋଜନା କରିଥିଲେ ସ୍ୱପ୍ନାରାଣୀ ପାତ୍ର । ନାଟ୍ୟଧାରାର ଏହି କାର୍ଯ୍ୟକ୍ରମଟିକୁ ଆଶିଷ ମହାନ୍ତି, ଜଗନ ମହାନ୍ତି, ଆଲୋକ ସ୍ୱାଇଁ, ଚ଼ନ୍ଦନ ସାହୁ, ସଫିଉଲ୍ଲ ହକିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।

## କାଥରିନ ଦାସଙ୍କ ସ୍ମୃତିରେ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି

**କେନ୍ଦ୍ରାପଡ଼ା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ଅବସରରେ କେନ୍ଦ୍ରାପଡା ଜିଲ୍ଲାର ୪୮୫ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି । ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ସାନ୍ତସାହିସ୍ଥିତ ବଳଦେବଜୀଉ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତୋଷାଳୀ ସ୍ୟାଣ୍ଡ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଟି.ବାନାମ୍ବର ପାତ୍ର ଓ ମୁଖ୍ୟବକ୍ତା ଭାବେ ଡ.ହରିହର କାନୁନଗୋ ଯୋଗଦେଇ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ବାଣ୍ଟିବା ଅବସରରେ କହିଥିଲେ ଯେ ପିଲାଙ୍କ ପାଇଁ ପ୍ରକୃତ ଈଶ୍ୱର ହେଉଛନ୍ତି ମା ଓ ବାପା । ସେହି ଈଶ୍ୱରଙ୍କୁ ଭୟ, ଭକ୍ତି ଓ ପୂଜା କଲେ ତୁମେମାନେ ଜୀବନରେ ସଫଳ ମଣିଷ ହୋଇପାରିବ । ସମ୍ମାନିତ ଅତିଥି ଭାବେ ଡ. ସୁକାନ୍ତ ମହାପାତ୍ର, ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆମେରିକାରେ ଅବସ୍ଥାନ କରୁଥିବା ଶିକ୍ଷାବୀତ ଡାଭିଡ ବି.କ୍ରସ, ଟି.ବାନାମ୍ବର ପାତ୍ର, ସୁନିତ ମିଚେଲ ଦାସ, ଶାରଦାକାନ୍ତ ଦାସ ଓ ଅରୁଣ ପ୍ରତାପ ଦାସ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଡ.ଦାସଙ୍କୁ କୃତଜ୍ଞତା ଜଣାଇଥିଲେ । ଏଥିସହିତ ଦୀର୍ଘ ବର୍ଷ ଧରି ଟ୍ରଷ୍ଟର କାର୍ଯ୍ୟକ୍ରମକୁ ସୁଚାରୁରୂପେ ନିର୍ବାହ କରି ଆସିଥିବା ସମାଜସେବୀ ପ୍ରଦିପ କୁମାର ମହାନ୍ତିଙ୍କୁ ସମସ୍ତ ଅତିଥି କୃତଜ୍ଞତା ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ କଲେଜରୁ ଆସିଥିବା ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମେଧାବୃତ୍ତି ପ୍ରଦାନ କରିଥିଲେ । ଉତ୍ସବରେ ସୁଦୂର ଆମେରିକାରୁ ଆସିଥିବା ଡ. ଦାସଙ୍କ ବହୁ ବନ୍ଧୁ ଓ ପରିଜନମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ରହ୍ମପୁରସ୍ଥିତ ନିଷ୍ଠ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ସୁକାନ୍ତ ମହାପାତ୍ର, ତୋଷାଳୀ ସ୍ୟାଣ୍ଡ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଟି.ବାନାମ୍ବର ପାତ୍ରଙ୍କୁ ତୁଳସୀକ୍ଷେତ୍ର ସମ୍ମାନ ଏବଂ ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ ଓ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କୁ କାଥରିନ ଦାସ ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ମମତା ଦାସ, ରଣଧିର କୁମାର, ସ୍ମିତା ଦାସ, ଆଲୋକ ପଟ୍ଟନାୟକ, ସୁଜାତା ପ୍ରିୟମ୍ବଦା ଦାସ, ଡ. କାଳୀ ପଟ୍ଟନାୟକ, ଜୟନ୍ତୀ ପଟ୍ଟନାୟକ, ରୋଜାଲିନ ଦାସ, ସମରେନ୍ଦ୍ର ଦାସ, ମିଚଲେ ମାରି, ସୁପ୍ରିୟା ଶାନ୍ତି ଦାସ, ଧିରେନ୍ଦ୍ର ଦାସ, ଆଦ୍ୟାଶା ପଟ୍ଟନାୟକ, ଭୂମିକା ଦାସ, ଆଦିତ୍ୟ ପଟ୍ଟନାୟକ, ପ୍ରତୀକ କୁମାର, ଡା. ସ୍ନେହଲତା କାନୁନଗୋ, ପ୍ରଦିପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଭୁବନମୋହନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ଅରୁଣ ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ଆଲୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଣିଜ୍ୟ

## ଘରୋଇ ବିମାନ ଯାତାୟାତ ୭ ପ୍ରତିଶତ ବୃଦ୍ଧି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ମଙ୍ଗଳବାର ଏକ ରିପୋର୍ଟରେ କୁହାଯାଇଛି ଯେ, ପାର୍ବଣ ଋତୁର ଚ଼ାହିଦା ଯୋଗୁଁ ନଭେମ୍ବର ୨୦୨୫ରେ ଭାରତର ଘରୋଇ ଯାତ୍ରୀ ଯାତାୟାତ ୭ ପ୍ରତିଶତ ବୃଦ୍ଧି ପାଇ ୧୫.୨ ନିୟୁତ ହୋଇଛି, ଯଦିଓ ମାସ ଶେଷ ଆଡ଼କୁ ଗତି ମିଆଦ ହ୍ରାସ ପାଇଛି ।

ଏମ୍‌କେ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ରିପୋର୍ଟରେ କହିଛି ଯେ ଡିସେମ୍ବର-୨୫ ମଧଭାଗ ସୁଦ୍ଧା କାର୍ଯ୍ୟ ସ୍ୱାଭାବିକ ହେବା ସହିତ, ଯାତ୍ରୀ ପରିମାଣ ସ୍ଥିର ହୋଇଛି, ଯେତେବେଳେ ପାଗ ସମ୍ବନ୍ଧୀୟ ବାଧା ଅନ-ଟାଇମ୍ ପ୍ରଦର୍ଶନ (ଓଟିପି) ଏବଂ ବାତିଲକରଣ ଉପରେ ପ୍ରଭାବ ପକାଇଛି ।




ତଥାପି, ଡିସେମ୍ବର ୨୦୨୫ରେ ଆଜି ପର୍ଯ୍ୟନ୍ତ ଦୈନିକ ଧାରା ସ୍ଥିର ବାର୍ଷିକ ଅଭିବୃଦ୍ଧି ସୂଚ଼ିତ କରୁଛି, ଯାହା ମୁଖ୍ୟତଃ ମାସର ପ୍ରଥମାର୍ଦ୍ଧରେ ଇଣ୍ଡିଗୋରେ ଏୟାରଲାଇନ୍ସ-ବ୍ୟାପୀ କାର୍ଯ୍ୟକ୍ଷମ ବାଧା ଯୋଗୁଁ ହୋଇଛି ।

ରିପୋର୍ଟରେ କୁହାଯାଇଛି ଯେ ଇଣ୍ଡିଗୋ ପାଗ, ସଫ୍ଟୱେର୍ ସମସ୍ୟା ଏବଂ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ (ଏଫଟିଏଲ) ମାନଦଣ୍ଡ କାର୍ଯ୍ୟକାରୀ କରିବା କାରଣରୁ ବାଧାପ୍ରାପ୍ତ ହୋଇଥିଲା, ଯାହା ନଭେମ୍ବର-୨୫ରେ ଏହାର ବଜାର ଅଂଶ ମାସିକ ୨୦୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୬୩.୬ ପ୍ରତିଶତକୁ ଖସି ଆସିଥିଲା ।

ଅତିରିକ୍ତ ସ୍ଲଟ୍, ଫ୍ଲିଟ୍ ବିସ୍ତାର ଏବଂ ଶୀତକାଳୀନ ସୂଚ଼ୀରେ ଅଧିକ ଉପଲବ୍ଧ ସିଟ୍ କିଲୋମିଟର ଦ୍ୱାରା ସମର୍ଥିତ ସ୍ପାଇସ୍‌ଜେଟର ଅଂଶ ୧୧୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୩.୭ ପ୍ରତିଶତ ହୋଇଛି । ଏୟାର ଇଣ୍ଡିଆ ଗ୍ରୁପର ଅଂଶ ୧୦୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇ ୨୬.୭ ପ୍ରତିଶତ ହୋଇଛି ।

ନଭେମ୍ବର-୨୫ରେ ପ୍ରମୁଖ ଏୟାରଲାଇନ୍ସଗୁଡ଼ିକରେ ଯାତ୍ରୀ ଲୋଡ୍ ଫ୍ୟାକ୍ଟର (ପିଏଲଏଫ)ରେ ଉନ୍ନତି ଦେଖାଦେଇଛି, ଏୟାର ଇଣ୍ଡିଆ ଗ୍ରୁପ ସର୍ବାଧିକ ମାସିକ ୧୦.୨ ପ୍ରତିଶତ ବୃଦ୍ଧି ସହିତ ପ୍ୟାକ୍ ଆଗରେ ରହିଛି ।

ଇଣ୍ଡିଗୋ ଏବଂ ସ୍ପାଇସ୍‌ଜେଟ୍ ଯଥାକ୍ରମେ ୮୮.୭ ପ୍ରତିଶତ ଏବଂ ୮୭.୭ ପ୍ରତିଶତ ଚଖର ଦେଖିଛନ୍ତି, ଏବଂ ଆକାସା ୯୩.୮ ପ୍ରତିଶତ ରେକର୍ଡ କରିଛନ୍ତି ।

ମାସ ମଧରେ ବାତିଲକରଣ ଏକ ମିଶ୍ରିତ ଧାରା ଦେଖାଇଛି, ଇଣ୍ଡିଗୋ ସର୍ବାଧିକ ବାତିଲକରଣ ହାର ୧.୫୭ ପ୍ରତିଶତ (୦.୪୮ ପ୍ରତିଶତ ଏମଓଏମରୁ ଅଧିକ) ରେକର୍ଡ କରିଛି ।

ପାଗ ବାଧା ମଧରେ ସମୟାନୁବର୍ତ୍ତୀ କାର୍ଯ୍ୟଦକ୍ଷତା ଦୁର୍ବଳ ହୋଇଛି କାରଣ ଇଣ୍ଡିଗୋର ଓଟିପି ୮୪.୧ ପ୍ରତିଶତରୁ ୬୯ ପ୍ରତିଶତକୁ ହ୍ରାସ ପାଇଛି, ଏୟାର ଇଣ୍ଡିଆ ଗ୍ରୁପର ୭୯.୩ ପ୍ରତିଶତରୁ ୬୯.୧ ପ୍ରତିଶତକୁ ହ୍ରାସ ପାଇଛି, ଯେତେବେଳେ ସ୍ପାଇସଜେଟ୍ ସର୍ବନିମ୍ନ ଓଟିପି ୪୮.୪ ପ୍ରତିଶତରେ ରେକର୍ଡ କରିଛି ।

ବର୍ତ୍ତମାନ ମଜଭୁତ ହେଉଥିବା ରିଫାଇନିଂ ଫାଟ ଏବଂ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସକୁ ଦୃଷ୍ଟିରେ ରଖି, ଆମେ ଆଶା କରୁଛୁ ଯେ ଜାନୁଆରୀ-୨୫ ପାଇଁ ବିମାନ ଟରବାଇନ୍ ଇନ୍ଧନ ମୂଲ୍ୟ ବର୍ତ୍ତମାନର ୯୯.୬ ଟଙ୍କା ପ୍ରତି ଲିଟର ସ୍ତର (ଦିଲ୍ଲୀରେ)ରୁ ୫-୬ ପ୍ରତିଶତ ଗଡ଼୍ଗ ହ୍ରାସ ପାଇବ, ଫାର୍ମ ପୂର୍ବାନୁମାନ କରିଛି ।

## ପହରିଆପଡ଼ାବାସୀ ମୌଳିକ ସୁବିଧାରୁ ବଞ୍ଚିତ

**ନୂଆପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଆଜି ବି ବିକାଶ ଅପହଞ୍ଚ । ସରକାରୀ ଅଧିକାରୀ ଓ ନିର୍ବାଚ଼ିତ ପ୍ରତିନିଧିଙ୍କ ପାଦ ପଡ଼ିନି । ଗାଁରେ କେହି ଜଣେବି ପଞ୍ଚମରୁ ଅଧିକ ପଢିନାହାନ୍ତି । ଖୋଲାକୂଅ ପାଣି ପିଅନ୍ତି । ରାସ୍ତା ଓ ବିଜୁଳି ଆଲୁଅ ସ୍ୱପ୍ନ । ଅନେକ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ଭତ୍ତା ସହ ରାସନ କାର୍ଡ଼ରୁ ବଞ୍ଚିତ । ମୌଳିକ ସୁବିଧାରୁ ବଞ୍ଚିତ ଏପରି ଏକ ଗାଁ ରହିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡ଼ା ପଞ୍ଚାୟତ ଢେକୁନପାଣି ଗାଁର ଟିକ୍ରାପଡ଼ା ପହରିଆପଡ଼ା ।

ସୁନାବେଡ଼ା ଅଭୟାରଣ୍ୟ ପହରିଆପଡ଼ାରେ ୧୨ଟି ପରିବାରରରେ ୫୦ରୁ ଅଧିକ ଲୋକେ ବସବାସ କରନ୍ତି । ଏହି ବସତିକୁ ଶହେ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ବି ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଯୋଜନା ସାତସପନ ହୋଇଛି । ଏଯାଏଁ ଗାଁକୁ ଜଣେ ବି ସରକାରୀ ଅଧିକାରୀଙ୍କ ପାଦ ପଡ଼ିନି । ପୁଣି ଗାଁର କେହି ଜଣେ ବି ପଞ୍ଚମରୁ ଅଧିକ ପାଠପଢି ନାହାନ୍ତି । ଏଠି ଭଲ ରାସ୍ତା, ବିଜୁଳି ସଂଯୋଗ ହୋଇନି । ଗୋଟିଏ ବି ଛାତ ଘରନାହିଁ । ବହୁବର୍ଷ ପୂର୍ବେ କାଡ଼ା ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିଲା । ଯାହା ଏବେ ଜରାଜୀର୍ଣ ଅବସ୍ଥାରେ । ସଭିଏଁ ଚ଼ାଳକାଠ ଓ ମାଟି ତିଆରି ଛପରଘରେ ଆଶ୍ରୟ ନେଇଛନ୍ତି । ଭଙ୍ଗା ଦଦରା ଘରେ ଜୀବନ ବିତୁଛି । ଏଠି ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀରେ ୮ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଗାଁର ଭଣଗାମୁଣ୍ଡା ନାଳାରେ ପୋଲ ନିର୍ମାଣ ହୋଇନି ଓ ଅସରାଏ ବର୍ଷାରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ସ୍କୁଲକୁ ଶିକ୍ଷକ ଆସିପାରନ୍ତି ନାହିଁ ଓ ପାଠପଢା ବନ୍ଦ ହୁଏ । ଏବେ ଗାଁର ୭ ଜଣ ପିଲା ଅଧାରୁ ପାଠ ଛାଡ଼ି ଦେଇଛନ୍ତି । ଦୁଇ ଜଣ ଶିଶୁ ଅଙ୍ଗନବାଡ଼ିର ପୃଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି । ଗାଁରେ ବିଦ୍ୟୁତ ଖୁଣ୍ଟ ପୋତିବା ସହ ତା'ର ଟଣାହୋଇ ଘରେ ମିଟର ଲାଗିଛି । କିନ୍ତୁ, ବିଜୁଳିର ଦେଖାନାହିଁ । ସେହିପରି ବିଶୁଦ୍ଧ ପାନୀୟ ଜଳ ପାଇଁ ପାଇପ ପୋଡିବା ସହ ଷ୍ଟାଣ୍ଡପୋଷ୍ଟ ଓ ଟେପ ଲାଗିଛି । ହେଲେ ବିଶୁଦ୍ଧ ପାନୀୟ ଜଳ ସ୍ୱପ୍ନ ହୋଇରହିଛି । ଲୋକେ ଖୋଲାକୂଅର ପାଣି ପିଉଛନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ପରିବାର ଚ଼ଳାନ୍ତି । କନ୍ଦମୂଳ ଏମାନଙ୍କ ମୁଖ୍ୟଖାଦ୍ୟ । ବାଉଁଶ ତିଆରି ସାମଗ୍ରୀ ବିକ୍ରିକରି ରୋଜଗାର କଲେ ପରିବାର ଚ଼ଳେ । ଆଜି ବି ମଧାହ୍ନ ଭୋଜନରେ ବାସିପଖାଳ ଭାତ ଓ ଶାଗ ନିତିଦିନିଆ ଖାଦ୍ୟ । ସରକାରୀ ଯୋଜନାକୁ ଘରେ ପହଞ୍ଚାଇବାକୁ ସରକାର ଉଦ୍ୟମ କରୁଛନ୍ତି । କିନ୍ତୁ, ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଗାଁର ଏକ ଯୋଗ୍ୟ ପରିବାର ରାସନକାର୍ଡ଼ରୁ ବଞ୍ଚିତ । କମଳା ପହରିଆ ଦିବ୍ୟାଙ୍ଗ ଭତ୍ତା ଓ ୩ ଜଣ ବୃଦ୍ଧବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ଜଙ୍ଗଲ ଅଧିବାସୀ ପହରିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଛି । ଫଳରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଜଙ୍ଗଲ ଜମି ଅଧିକାର ବି ମିଳୁନି । ଏଣୁ ତୁରନ୍ତ ଗାଁ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ନଳସିଂ ପହରିଆ, ସନ୍ଧରୀବାଇ ପହରିଆ, କମଳା ପହରିଆ ପ୍ରମୁଖ ଦାବି କରିଛନ୍ତି ।

ଏନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୁଁ ନିଜେ ପହରିଆପଡ଼ାକୁ ଯିବି । ସେଠି ସବୁ ସୁବିଧା ଅସୁବିଧା ବୁଝିବା ସହ ସମସ୍ତ ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି ।



## ସିନେମାଫିନେମା ଟିଭିଫିବି

## ଫେବୃଆରୀ ୨୬ରେ ରଶ୍ମିକା-ବିଜୟଙ୍କ ହାତଗଣ୍ଠି

ସାଉଥ ସିନେମାର ଷ୍ଟାର କପଲ୍ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ସେମାନଙ୍କ ବିବାହକୁ ନେଇ ବହୁତ ଦିନ ଧରି ଚ଼ର୍ଚ୍ଚାରେ ରହି ଆସିଛନ୍ତି । ସମ୍ପ୍ରତି ଗୁଜବ ପ୍ରଚ଼ାରିତ ହୋଇଥିଲା ଯେ ରଶ୍ମିକା ଏବଂ ବିଜୟ ଗୁପ୍ତ ଭାବରେ ନିର୍ବନ୍ଧ କରିଛନ୍ତି, ଯାହାକୁ ପରେ ବିଜୟଙ୍କ ପିଆର ଦ୍ୱାରା ନିଶ୍ଚିତ କରାଯାଇଥିଲା । ଏହା ପରେ, ଖବର ଆସିଥିଲା ଯେ ଦୁହେଁ ଖୁବ୍‌ଶୀଘ୍ର ବିବାହ କରିବେ ।

ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନାଙ୍କ ନିର୍ବନ୍ଧ ଗତ ଅକ୍ଟୋବରରେ ହୋଇଥିବା ନେଇ ଗୁଜବ ହୋଇଥିଲା । ସେବେଠାରୁ ପ୍ରଶଂସକମାନେ ଦମ୍ପତିଙ୍କ ପକ୍ଷରୁ ଏକ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରିଛନ୍ତି । ଏବେ, ଏହା ପରି ମନେ ହେଉଛି ଯେ ଶେଷରେ ଅପେକ୍ଷାର ଅନ୍ତ ହୋଇଛି । କାରଣ ଏହି ଷ୍ଟାର କପଲ୍ ୨୦୨୬ରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ।

ଏକ ମିଡିଆ ରିପୋର୍ଟ ଅନୁସାରେ, ରଶ୍ମିକା ଏବଂ ବିଜୟଙ୍କ ବିବାହ ତାରିଖ ଏବଂ ସ୍ଥାନ ନିଶ୍ଚିତ ହୋଇସାରିଛି । କିନ୍ତୁ ରଶ୍ମିକା କିମ୍ବା ବିଜୟ ଏପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କ ବିଷୟରେ କିଛି ସାର୍ବଜନୀନ କରିନାହାଁନ୍ତି । ମିଡିଆ ରିପୋର୍ଟ ଅନୁଯାୟୀ, ସେମାନଙ୍କ ଟିମ୍ ନିଶ୍ଚିତ କରିଛନ୍ତି ଯେ ଏହି ଦମ୍ପତି ଫେବୃଆରୀରେ ବିବାହ କରିବେ । ଏହି ଦମ୍ପତିଙ୍କ ନିକଟତର ଏକ ସୂତ୍ର ଏବେ ନିଶ୍ଚିତ କରିଛି ଯେ ରଶ୍ମିକା ଏବଂ ବିଜୟ ଫେବୃଆରୀ ୨୬ ତାରିଖରେ ଉଦୟପୁରର ଏକ ପ୍ରାସାଦରେ ବିବାହ କରିବେ । ସେମାନେ ବିବାହ ପାଇଁ ଏକ ଐତିହ୍ୟ ସମ୍ପତ୍ତି ଚୂଡ଼ାନ୍ତ କରିଛନ୍ତି । ସେମାନଙ୍କ ନିର୍ବନ୍ଧ ପରି, ଏହି ଦମ୍ପତି ବିବାହକୁ ଯଥାସମ୍ଭବ ବ୍ୟକ୍ତିଗତ ରଖିବାକୁ ଯୋଜନା କରୁଛନ୍ତି, କେବଳ ସେମାନଙ୍କ ନିକଟତମ ବନ୍ଧୁମାନେ ଉପସ୍ଥିତ ରହିବେ ବୋଲି ଜଣାପଡିଛି ।

ଗଣମାଧମ ରିପୋର୍ଟ ଅନୁଯାୟୀ, ଦଶହରାର ଗୋଟିଏ ଦିନ ପରେ, ଅକ୍ଟୋବର୩, ୨୦୨୫ରେ ରଶ୍ମିକା ଏବଂ ବିଜୟ ହାଇଦ୍ରାବାଦରେ ସିକ୍ରେଟ ନିର୍ବନ୍ଧ କରିଥିଲେ । ଯଦିଓ ବିଜୟ କିମ୍ବା ରଶ୍ମିକା କେହି ସାର୍ବଜନୀନ ଘୋଷଣା କରିନଥିଲେ, ଖବର ଲିକ୍ ହେବା ପରେ ବିଜୟଙ୍କ ଟିମ୍ ଗଣମାଧମକୁ ଖବରଟି ନିଶ୍ଚିତ କରିଥିଲେ । ସେମାନେ ଏହା ମଧ କହିଥିଲେ ଯେ ଏହି ଦମ୍ପତି ଫେବୃଆରୀରେ ବିବାହ କରିବେ ।

ଓଡ଼ିଶା

# ଜିରୋ ନାଇଟ୍ କଟକଣା କ'ଣ କାଗଜକଲମରେ

**୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜିରୋ ନାଇଟ୍‌କୁ ନେଇ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ କଡ଼ା କଟକଣା ଘୋଷଣା କରିଥିବାବେଳେ, ଯାଜପୁର ଜିଲ୍ଲାର ବ୍ୟାସନଗର ଓ କଳିଙ୍ଗନଗର ଅଞ୍ଚଳରେ ଏହି କଟକଣା କେବଳ କାଗଜରେ ସୀମିତ ରହିବ କି? ଏହି ପ୍ରଶ୍ନ ଏବେ ସବୁଠୁ ବଡ଼ । ମଧ୍ୟରାତ୍ରି ପରେ ଡିଜେ, ସାଉଣ୍ଡ ସିଷ୍ଟମ, ନାଚ-ଗୀତ ବନ୍ଦ ନିର୍ଦ୍ଦେଶ ଥିଲେ ମଧ୍ୟ ଯାଜପୁର ଜିଲ୍ଲାରେ ଦିନକୁଦିନ ଅବାଧ ନିଶାକରବାର ଚାଲିଥିବା ସତ୍ୟ ସମସ୍ତଙ୍କୁ ଜଣା । ଜିରୋ ନାଇଟ୍ ଆଢ଼ୁରେ ଏହି ନିଶା ମାଫିଆ ଆଉ ଅଧିକ ସକ୍ରିୟ ହେବାର ଆଶଙ୍କା ଗୁରୁତର ହୋଇଉଠିଛି । ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ନିଶା କାରବାର ଅବାଧ ଅବାଧ ଚାଲୁଛି । ସାଧାରଣରେ ଏବେ ପ୍ରଶ୍ନ ଉଠେ ଅବକାରୀ ଓ ପୋଲିସ ବିଭାଗ କେଉଁଠି? କଳିଙ୍ଗନଗର, ଯାଜପୁର ରୋଡ୍ ଓ ଶିଳ୍ପାଞ୍ଚଳ ଆଞ୍ଚଳିକ ରାସ୍ତାରେ ନିଶା ଦ୍ରବ୍ୟ ସହଜରେ ଉପଲବ୍ଧ-ଏହା ନିଶା-ମାଫିଆଙ୍କ ସକ୍ରିୟତାକୁ ସ୍ପଷ୍ଟ କରୁଛି । ଅବକାରୀ ବିଭାଗର ନିୟମିତ ଚଢ଼ାଉ କେଉଁଠି ଉଠୁଛି ପ୍ରଶ୍ନ ? ଅବୈଧ ମଦ ଦୋକାନ ଓ ସପ୍ଲାୟ ଚେନ୍‌କୁ କିଏ ଆଶ୍ରୟ ଦେଉଛି ? ଏପରି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମୁଖରେ ଚର୍ଚ୍ଚା ହେଉଛି । ନିଶାରେ ଗାଡ଼ି ଚଲାଇବା ଦ୍ୱାରା ଦୁର୍ଘଟଣା ଘାଟି, ରାସ୍ତାରେ ନିଶାଡ଼ିଙ୍କ ମୃତ୍ୟୁ ସହ ସାଧାରଣଙ୍କ ମୃତ୍ୟୁକୁ ଆମନ୍ତ୍ରଣ କରୁଛି । ପ୍ରତିବର୍ଷ ଜିରୋ ନାଇଟ୍‌ରେ ମଦ୍ୟପାନ କରି ଗାଡ଼ି ଚଲାଇବା, ରାସ୍ତାରେ ସାଧାରଣ ଲୋକେ ବିପଦରେ । ଏହିପରି ଦୁର୍ଘଟଣା ଓ ଆହତ ଘଟଣା ଯାଜପୁର ପାଇଁ ନୂଆ ନୁହେଁ । ଏହାର ସିଧାସଳଖ ଶିକାର ହେଉଛନ୍ତି ଶ୍ରମିକ, ସାଧାରଣ ଯାତ୍ରୀ, ମହିଳା ଓ ଶିଶୁମାନେ । ପୁଲିସ ଘୋଷଣାରେ ରହିଛି, କାର୍ଯ୍ୟାନୁଷ୍ଠାନ କେତେ ସାଧାରଣରେ ଉଠୁଛି ପ୍ରଶ୍ନ ? ପୁଲିସ ପକ୍ଷରୁ ପାଟ୍ରୋଲିଂ, ରାସ୍ତାପାର୍ଶ୍ୱରେ ଉତ୍ସବ ନିଷେଧ, ଡ୍ରଙ୍କ-ଡ୍ରାଇଭ୍ ଚେକିଂ ଘୋଷଣା କରାଯାଇଛି । କିନ୍ତୁ ପୂର୍ବ ଅନୁଭବ କହୁଛି-ଘୋଷଣା ଥାଏ, ନିଶା ଚାଲିଥାଏ । ଜିରୋ ନାଇଟ୍ ଯେଣୁ ଯାଜପୁର ପାଇଁ ନିଶା, ଦୁର୍ଘଟଣା ଓ ଅନ୍ୟାୟର ରାତି ନ ହୋଇଯାଏ, ସେଥିପାଇଁ ପୁଲିସ, ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନର ଯୁଗ୍ମ କାର୍ଯ୍ୟାନୁଷ୍ଠାନ କେତେ କଡ଼ା ହୁଏ-ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି ।



## ଆଜିର ରାଶିଫଳ

| ତାରିଖ | ବୁଧବାର-ଦ୍ୱାଦଶୀ |
|---|---|
| ୩୧.୧୨.୨୦୨୫ | ନକ୍ଷତ୍ର- କୃତ୍ତିକା, ମେଷଚନ୍ଦ୍ର |

| | |
|---|---|
| ମେଷ | : ଦିନଟି ସୁଖର ଦିନ ହେବ । |
| ବୃଷ | : ଅଶାନ୍ତିରେ ଦିନଟି କଟିବ । |
| ମିଥୁନ | : ନୂତନ ଆୟ କରିବେ । |
| କର୍କଟ | : ସୁଖ ସମାଚାର ପ୍ରାପ୍ତ ହେବେ । |
| ସିଂହ | : ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| କନ୍ୟା | : ଶାରୀରିକ ଅସୁସ୍ଥତା ଭୋଗିବେ । |
| ତୁଳା | : ସ୍ତ୍ରୀଧନ ପ୍ରାପ୍ତି ହେବେ । |
| ବିଛା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ଧନୁ | : ପୁତ୍ରକଷ୍ଟ ଦୂର ହେବ । |
| ମକର | : ଅଶାନ୍ତିରେ ଦିନଟି କଟିବ । |
| କୁମ୍ଭ | : ଦ୍ରବ୍ୟପ୍ରାପ୍ତି ହେବେ । |
| ମୀନ | : ପୂର୍ବ କଥାକୁ ନେଇ ମନସ୍ତାପ କରିବେ । |

## ଜିଲ୍ଲା ଶିକ୍ଷାଧିକାରୀ ଓ ଶ୍ରୀ ରାମକୃଷ୍ଣ ବିଦ୍ୟା ମନ୍ଦିର ମଧ୍ୟରେ ମଧୁଚନ୍ଦ୍ରିକା

**କୋରାପୁଟ, ୩୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ସଦର ମହକୁମାର ପେଣ୍ଟସ୍ଥଳୀ ଗୁଥଇ ପରିଚିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଏକ ବହୁମୂଲ୍ୟ ସରକାରୀ ଜାଗା ୧ ଏକର ୧୦ ସେଣ୍ଟରୁ ଊର୍ଦ୍ଧ୍ୱ ଜାଗାରେ ବେଆଇନ ଭାବେ ଇଂରାଜୀ ଶିକ୍ଷାନୁଷ୍ଠାନ କରି ଘରୋଇ ଶିକ୍ଷା ବ୍ୟବସାୟ ଚଳେଇ ଆସୁଥିବା ଶ୍ରୀ ରାମକୃଷ୍ଣ ବିଦ୍ୟାମନ୍ଦିର ଅନୁଷ୍ଠାନର ଅଧକ୍ଷଙ୍କୁ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ କୋରାପୁଟଙ୍କ ତରଫରୁ ଅନେକ ବେଆଇନ ଅନୁକମ୍ପା ଯୋଗେଇ ଦେବା ସହ ବର୍ତ୍ତମାନ ଚିଠି ନଂ ୧୦୬୫୩/ଆର୍‌ଟିଆଇ/୨୦୨୫ ତାରିଖ ୨୩/୧୨/୨୫ ଅନୁସାରେ ଜନ ସୂଚନା ଅଧିକାରୀ (ପିଆଇଓ) ପଦରେ ଅଳଙ୍କୃତ କରିବା ଏକ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି ।

ସୂଚନାପ୍ରାପ୍ତ ଯେ ସ୍କୁଲ ପରିଚାଳନା ଓ ସିବିଏସ୍‌ଇ ଏଫିଲେସନ ସମ୍ବନ୍ଧୀୟ କିଛି ଦସ୍ତାବିଜ ସୂଚନା ଅଧିକାର ଆଇନ ଅନୁସାରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ମଗାଯାଇଥିବା ବେଳେ ସେହି କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ହସ୍ତଗତ ନ କରେଇ ସୂଚନା ସମ୍ବନ୍ଧୀୟ କୌଣସି ଦସ୍ତାବିଜ ହସ୍ତଗତ ନ କରେଇ ନିଜ ମୁଣ୍ଡରୁ ଅଠା ହଟେଇବା ପାଇଁ ଶ୍ରୀ ରାମକୃଷ୍ଣ ବିଦ୍ୟା ମନ୍ଦିର ଅଧକ୍ଷଙ୍କୁ ପିଆଇଓ ର ଆଖ୍ୟା ଦେଇ ଦରଖାସ୍ତ କାରୀଙ୍କ ଦରଖାସ୍ତକୁ ଅଧିନିୟମ ୩, ସେକ୍ସନ ୬ ଆର୍‌ଟିଆଇ ନିୟମ ୨୦୦୫ ଅନୁଯାୟୀ ଦରଖାସ୍ତଟି ପ୍ରେରଣ ଆବେଦନକାରୀଙ୍କୁ ସିଧାସଳଖ ସମସ୍ତ ଦସ୍ତାବିଜ ଯୋଗେଇଦେବା ପାଇଁ ଅନୁରୋଧ କରିଛନ୍ତି, ଯାହାକି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ । ଅଧିନିୟମ ୩ ସେକ୍ସନ ୬ ଆର୍‌ଟିଆଇ ନିୟମ ୨୦୦୫ ଅନୁଯାୟୀ ଗୋଟିଏ ସରକାରୀ କାର୍ଯ୍ୟାଳୟଙ୍କ ପିଆଇଓ ଠାରୁ ଅନ୍ୟ ଏକ ସରକାରୀ କାର୍ଯ୍ୟାଳୟର ପିଆଇଓଙ୍କ ପାଖକୁ ମଗାଯାଇଥିବା ସୂଚନା ଗୁଡିକ ତଥ୍ୟ ଓ ପ୍ରମାଣ ଯୋଗେଇବା ପାଇଁ ଦରଖାସ୍ତଗୁଡିକୁ ପଠେଇବାର ପ୍ରୟୋଜନ ରହିଥିବା ବେଳେ ଏକ ସରକାରୀ କାର୍ଯ୍ୟାଳୟର ପିଆଇଓଙ୍କ ଠାରୁ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର ଅଧକ୍ଷଙ୍କୁ ପିଆଇଓରେ ଆଖ୍ୟା ଦେଇ ଚିଠି ପଠେଇବା କେତେଦୂର ଯୁକ୍ତି ଯୁକ୍ତ ତାହା ତଦନ୍ତ ସାପେକ୍ଷ । ଏହିଭଳି ବେଆଇନ ଚିଠିରୁ ସ୍ପଷ୍ଟ ଯେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କିଭଳି ଭାବରେ ଶ୍ରୀ ରାମକୃଷ୍ଣ ବିଦ୍ୟାମନ୍ଦିରକୁ ଘଣ୍ଟ ଘୋଡ଼ାଯାଉଛି । ସ୍ପଷ୍ଟ ଅନୁମେୟ ଯେ ସରକାରୀ ଜାଗାରେ ଗଢି ଉଠିଥିବା ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନ ସହିତ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟଙ୍କ ପ୍ରିୟା ପ୍ରୀତି କିଭଳି ଭାବେ ଚାଲିଛି । ସୂଚନା ଅନୁସାରେ ରାମକୃଷ୍ଣ ସତସଙ୍ଗ, ପୂଜାରୀପୁଟ, କୋରାପୁଟ ନାମରେ ସହର ଉପକଣ୍ଠରେ ଥିବା ଅତି ମୂଲ୍ୟବାନ ସରକାରୀ ଜାଗାକୁ ବେଆଇନ ଦଖଲ କରି ଘରୋଇ ଇଂରାଜୀ ମଧ୍ୟମିକ ଶିକ୍ଷା ବ୍ୟବସାୟ ଚଳେଇ ନିରୀହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳି ପ୍ରଶାସନକୁ ଭୁଆଁ ବୁଲେଇ ବ୍ୟକ୍ତଗତ ଭାବରେ ସରକାରୀ ଓ ସାଧାରଣ ବ୍ୟକ୍ତିଙ୍କ ଠାରୁ କୋଟିକୋଟି ଟଙ୍କା ଆଦାୟ କରି ସ୍କୁଲ ଚଳେଇବା କେତେଦୂର ଆଇନ ସମ୍ମତ ତାହା ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।


DISTRICT EDUCATION OFFICE, KORAPUT
To
The Public Information Officer
Principal of Sri Rama krishna Vidya Mandir at Koraput District
Yours faithfully
Public Information Officer, O/o- District Education Officer, Koraput

## ସାମ୍ବାଦିକତା ଆଳରେ ଗଞ୍ଜେଇ ଚୋରାଚାଲାଣ

**ଖୋର୍ଦ୍ଧା : ଏକ୍ସପ୍ରେସ୍ ନ୍ୟୁଜ୍**

ସାମ୍ବାଦିକ ଆଳରେ ଗଞ୍ଜେଇ ଚୋରାଚାଲାଣ ପଡିଲା ମହଙ୍ଗା । ଖୋର୍ଦ୍ଧା ଅବକାରୀ ବିଭାଗର ଜିଲା ମୋବାଇଲ ୟୁନିଟ ହାତରେ ଧରାପଡ଼ିଲେ ୱେବ ଚ୍ୟାନେଲ ସାମ୍ବାଦିକ ପ୍ରତାପ ଦିଗଲ ଓ ତାଙ୍କ ସହଯୋଗୀ । ଉଭୟଙ୍କ ଘର କନ୍ଧମାଳ ଅଞ୍ଚଳରେ । ପ୍ରତାପ ପୂର୍ବରୁ ମଧ ଏହି କାରବାର ଲିପ୍ତ ରହିଛନ୍ତି । ସେମାନଙ୍କ ନିକଟରୁ ୨୩କେଜି ଗଞ୍ଜେଇ ସହ ତିନି ଗୋଟି ମୋବାଇଲ ଫୋନ, ଗୋଟେ ନ୍ୟୁଜ୍ କ୍ୟାମେରା ସହ ବୁମ, ପରିଚୟ ପତ୍ର ଏବଂ ଏକ କାର୍ ଜବତ କରିଛି ବିଭାଗ । କନ୍ଧମାଳରୁ ଚୋରାଚାଲାଣ କରୁଥିଲେ । ଆଜି ସାରୁଅ ବଜାରରୁ ଗିରଫ କରିଛି ଅବକାରୀ ବିଭାଗଛ ସେହିପରି ଜାତୀୟ ରାଜପଥ ୧୬ ମଳିପଡା ଫ୍ଲାଏଓଭର ପାର୍ଶ୍ୱରୁ ୨୨କେଜି ଗଞ୍ଜେଇ, ଗୋଟିଏ ଟୋଏଟା କାର୍ ଏବଂ ଏକ ମୋବାଇଲ ଫୋନ ସହ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଜିଲା ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି । ମୋଟ ୪୫ କେଜି ଗଞ୍ଜେଇ, ୨ଟି ଇନୋଭା, ୫ଟି ମୋବାଇଲ ଜବତ କରାଯାଇଥିବା ଏସପି ତ୍ରିପାଠୀ ସୂଚନା ଦେଇଛନ୍ତି ।

## ହାଟଡିହୀ ଅଞ୍ଚଳରେ ହାତୀ ଉପଦ୍ରବ

**ହାଟଡିହୀ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି । ହାତୀଟି ବ୍ଲକ ଅଧୀନ ବିଭିନ୍ନ ଗାଁ ଏବଂ ଛକ ବଜାରରେ ବୁଲୁଥିବାବେଳେ ଜଙ୍ଗଲ ବିଭାଗର କର୍ମଚାରୀମାନେ ହାତୀର ଗତିବିଧିକୁ ନଜର ରଖିଛନ୍ତି । ଆନନ୍ଦପୁର ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ହାତୀଟି ଯାଜପୁର ଜିଲା ଟମକା ଅଞ୍ଚଳରୁ ପଳାଇଆସିଛି । ହାତୀଟି ବୈତରଣୀ ନଦୀ ପାର୍ ହୋଇ ହାଟଡିହୀ ଅଞ୍ଚଳକୁ ପ୍ରବେଶ କରିଥିଲା ।

## ଗୋଟିଏ ଛେଳିକୁ ଦୁଇଜଣ ମାଲିକ

**ନୀଳଗିରି, ୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଛେଳିର ପ୍ରକୃତ ମାଲିକ କିଏ ? ଏ ନେଇ ନୀଳଗିରି ଥାନାରେ ତୁମ୍ବିତୋଫାନ ହୋଇଛି ।ମାଲିକାନା ନେଇ ଥାନାରେ ଛେଳିର ହେଲା ଟିଆଇ ପରେଡ । ପ୍ରକୃତ ମାଲିକକୁ ଚିହ୍ନିବାକୁ ଛେଳିଟିର ଟିଆଇ ପରେଡ୍ କରାଯିବା ଓ ସାକ୍ଷୀ ପାଇଁ ଆଉ ଏକ ଛେଳିକୁ ଅଣାଯିବା ଚର୍ଚ୍ଚାର ବିଷୟ ହୋଇଛି । ନୀଳଗିରି ଥାନାରେ ଏକ ଛେଳି ଚୋରି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ଏହାକୁ ନେଇ ଉଭୟପକ୍ଷ ସନ୍ଧ୍ୟାରେ ଥାନାରେ ଉପସ୍ଥିତ ରହିଥିବାବେଳେ ପ୍ରଥମ ପକ୍ଷ ଛେଳି ତାଙ୍କର ବୋଲି ଦାବି କରୁଥିବା ବେଳେ ଦ୍ୱିତୀୟ ପକ୍ଷ ସୋମନାଥପୁର ଗ୍ରାମରୁ କିଣି ଆଣିଥିବାର ଦାବି କରିଛନ୍ତି । ତଦନ୍ତକାରି ଅଧିକାରୀ ଶ୍ରୀନିବାସ ରାଉତ ଶେଷରେ ଦୁଇ ପକ୍ଷଙ୍କୁ ଛେଳି ନିକଟରେ ଛିଡା କରି ଛେଳି ଯେଉଁ ପକ୍ଷ ନିକଟକୁ ଯିବ, ଛେଳି ତା'ର ହେବ ବୋଲି କହିଥିଲେ । ମାତ୍ର ଛେଳିଟି କାହାରି ନିକଟକୁ ନ ଯିବାରୁ ଥାନାରେ ରଖାଯାଇଛି ।

ସୂଚନା ଅନୁସାରେ, ନୀଳଗିରି ସାନଅତା ଗ୍ରାମର ମୋନାଲିସା ଦାସଙ୍କ ଏକ ମାଈ ଛେଳି ଦେଢ଼ ମାସ ପୂର୍ବରୁ ହଜି ଯାଇଥିଲାଛ ବହୁ ଖୋଜା ଖୋଜି ପରେ ବି ପାଇ ନ ଥିଲେ । ଗତ ଶୁକ୍ରବାର ଦିନ ତାଙ୍କ ଛେଳି ନୀଳଗିରି ଗୁଡ଼ିଖାଣିଆ ଗ୍ରାମର ଲକ୍ଷ୍ମଣ ବିନ୍ଧାଣିଙ୍କ ଘରେ ଥିବାର ଶୁଣି ଯାଇଥିଲେଛ ଛେଳିକୁ ମଧ ଆଣି ଥାନାରେ ହାଜର କରାଇଥିଲେ । ଏପଟେ ଉକ୍ତ ଛେଳିକୁ ସୋମନାଥପୁର ଗ୍ରାମରୁ ଦୁଇ ହଜାର ଟଙ୍କା ଦେଇ କିଣି ଆଣିଥିବାର ପ୍ରକାଶ କରିଛନ୍ତି ଲକ୍ଷ୍ମଣ । ଶେଷରେ ଏ ଛେଳି କାହାର କହି ପୁଲିସ ଦୁଇ ପକ୍ଷଙ୍କୁ ଛିଡା କରାଇ ଥିବା ବେଳେ ଛେଳିଟି କାହା ନିକଟକୁ ବି ଯାଇ ନଥିଲା । ଉଭୟ ମାଲିକ ନିଜ ନିଜର ଛେଳି ଦାବି କରୁଥିବା ବେଳେ କୌଣସି ପ୍ରମାଣ ମିଳିପାରି ନାହିଁ । ନୀଳଗିରି ପୋଲିସ ଏ ଛେଳି କାହାର ତଦନ୍ତ କରୁଛି । ତେବେ ଏହି ମାମଲାର କୌଣସି ସମାଧାନ ହୋଇପାରିନଥିବା ବେଳେ ଛେଳିଟି ବର୍ତ୍ତମାନ ନୀଳଗିରି ଥାନାରେ ରହିଛି । ଯେପର୍ଯ୍ୟନ୍ତ ଏହାର କୌଣସି ସମାଧାନ ନହୋଇଛି ସେ ପର୍ଯ୍ୟନ୍ତ ଥାନରେ ରହିବ ଛେଳି ।

## ନିରଞ୍ଜନଙ୍କ ପାଇଁ ବାଧକ ସାଜିଛି ସରକାରୀ ଅର୍ଥ

**ଦାରିଙ୍ଗବାଡ଼ି, ୩୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କିଛି କରିବାର ଇଚ୍ଛା ଅନେକ ହେଲେ ବାଧକ ସାଜିଛି ଅର୍ଥ । ଗୋପାଳନ, ଛେଳି ଲାଳନପାଳନ କରି ପରିବାର ପ୍ରତିପୋଷଣ ହେଉଥିବା ବ୍ୟକ୍ତିଙ୍କୁ ସରକାରୀ ସହାୟତା ନାହିଁ । ନିଜେ ଗୋପାଳନ କରିବା ସହ ଅନ୍ୟର ଗାଈ ବଳଦ, ଛେଳି ଚରାଇ ୨ ପଇସା ମିଳିଲେ ସେଥିରେ ନିଜେ ଓ ପରିବାର ଲୋକଙ୍କୁ ବଞ୍ଚାଇ ୨ ଓଳି ୨ ମୁଠା ଖାଇବାକୁ ଦେବା ସହ ନିଜେ ପାଳନ କରୁଥିବା ଗାଈ, ବଳଦ, ଛେଳି ଓ ବାଛୁରୀଙ୍କୁ ଖାଇବାକୁ ଦିଅନ୍ତି । ନିଜେ ଭଙ୍ଗା ଦଦରା ଘରେ ରହିବା ସହ ନିଜ ନିଜ ଗାଈ, ବଳଦ ଏବଂ ଛେଳିକୁ ରଖିବା ପାଇଁ ଭଲ ଘର ଟେ ନାହିଁ ଫଳରେ ଅଧିକାଂଶ ସମୟ ଗାଈ, ବଳଦ ବିଭିନ୍ନ ରୋଗର ଶୀକାର ହୁଅନ୍ତି ଓ ସେଥିପାଇଁ ବହୁ ଅର୍ଥ ଖର୍ଚ୍ଚ ହୋଇଯାଏ ଏଭଳି ଘଟଣା ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ପଞ୍ଚାୟତ ସିକପାଟା ଗ୍ରାମର ନିରଞ୍ଜନ ପ୍ରଧାନଙ୍କ କ୍ଷେତ୍ରରେ । ସେ ମୋଟ ୨୦ଟି ଗାଈ, ବଳଦ ଓ ୧୦ଟି ଛେଳି ରଖିଛନ୍ତି । ସେମାନଙ୍କୁ ସେ ଆର୍ଥିକ ଅନାଟନ ମଧ୍ୟରେ ମୁଣ୍ଡ ଗୁଞ୍ଜିବାକୁ ଭଲ ଘର ଟିଏ ଦେଇ ପାରିନାହାନ୍ତି । ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରି ଶେଷରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନଲାଇନ ଅଭିଯୋଗ ଶୁଣାଣିରେ ଗୁହାରି କରିଛନ୍ତି । ଗୋପାଳନ କରିବାରେ ଅନେକ ଇଚ୍ଛା ରହିଥିଲେ ସୁଦ୍ଧା ତାଙ୍କୁ ସରକାରୀ ଯୋଜନା ନିକଟରେ ପହଞ୍ଚି ପାରୁ ନ ଥିବା ନିରଞ୍ଜନ କହିଛନ୍ତି । ସରକାର ଅତି କମରେ ଗୁହାଳ ଘର ଓ ଛେଳି ଏବଂ ଗୋପାଳନ ପାଇଁ ଆବଶ୍ୟକ ସରଞ୍ଜାମ ଓ ସୁବିଧା ଯୋଗାଇଦେଲେ ସେ ଆହୁରି ଅଧିକା ଛେଳି ଓ ଗୋପାଳନ କରିପାରନ୍ତେ ବୋଲି ପ୍ରତିକ୍ରିୟାରେ କହିଛନ୍ତି । ସେ ଏବେ ଲୋକଙ୍କ ଗାଈ, ଛେଳି, ବଳଦ ଚରାଇ ମାସିକ ସେ ବାବଦକୁ ଯାହା ଅର୍ଥ ପାଆନ୍ତି, ସେଥିରେ ସେ ପରିବାର ସହ ଅନ୍ୟ ଖର୍ଚ୍ଚରେ ସରିଯାଇଥାଏ । ଛୋଟ ଚାଷ ମଧ କରୁଥିବା ସେ କହିଛନ୍ତି । ଗ୍ରାମର ଜଣେ ଯୁବକ ତଥା ସାମାଜିକ କର୍ମୀ ଅକ୍ଷୟ ପରିଛା ତାଙ୍କୁ ସରକାରଙ୍କ ନିକଟରେ ତାଙ୍କ ଗୁହାରି ପହଞ୍ଚାଇଥିବା ଜଣାପଡ଼ିଛି ।



## ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ



**ଧର୍ମଶାଳା, ୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରର ମେଡିକାଲ ଛକ ନିକଟରେ ଏକ ଘରୋଇ ମେଡିକାଲ ସାମ୍ନାରେ ପ୍ରସବ ପାଇଁ ଆସିଥିବା ପ୍ରସୂତିଙ୍କ ମୃତ୍ୟୁ ଘଟିଛି । ଚିକିତ୍ସାରେ ଅବହେଳା ଦର୍ଶାଇ ମୃତଦେହକୁ ଘରୋଇ ହସ୍ପିଟାଲ ସମ୍ମୁଖରେ ରଖି ନ୍ୟାୟ ଦାବିରେ ଲୋକେ ଧାରଣାରେ ବସିଛନ୍ତି । ସୂଚନା ମୁତାବକ, ଖଣ୍ଡରା ଅଞ୍ଚଳର ସୁଭଦ୍ରା ପାତ୍ର ଗତ ୨୫ ତାରିଖରେ ଯାଜପୁର ଟାଉନସ୍ଥିତ ଏକ ଘରୋଇ ହସ୍ପିଟାଲକୁ ପ୍ରସବ ପାଇଁ ଆସିଥିଲେ । ଅସ୍ତ୍ରୋପଚାର କରି ଏକ ଶିଶୁ ପୁତ୍ରକୁ ଜନ୍ମ ଦେବାପରେ ମହିଳା ଜଣକ ଗୁରୁତର ହୋଇପଡ଼ିଥିଲେ । ମହିଳାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ବେଳେ ମୃତ ଦେହକୁ ଘରୋଇ ହସ୍ପିଟାଲ ସମ୍ମୁଖରେ ରଖି ନ୍ୟାୟ ଦାବିରେ ଧାରଣା ଦିଆଯାଇଛି । ଏ ନେଇ ଉତ୍ତେଜନା ଦେଖାଦେଇଛିଛ ଘଟଣାସ୍ଥଳରେ ଭଙ୍ଗାରୁଜା, ଉତ୍ତେଜନା ଦେଖି କର୍ତ୍ତୃପକ୍ଷ ତାଲା ମାରି ଚମ୍ପଟ ହୋଇଥିବା ସୂଚନା ମିଳିଛ ।ପୂର୍ବରୁ ମଧ ସେହି ଘୋରୋଇ ହସ୍ପିଟାଲରେ ଆଉ ଜଣେ ପ୍ରସୂତିଙ୍କ ମୃତ ହୋଇଥିଲା ।

## ଟ୍ରକକୁ ପଛରୁ ଧକ୍କା ଦେଲା ବସ୍

**ଖନ୍ତାପଡ଼ା, ୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଓଳିଆ ପାଟଣା ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ଏକ ଲରି ଟ୍ରକକୁ ପଛପଟୁ ଯାତ୍ରୀବାହୀ ବସ୍ ବିନାୟକ ଧକ୍କା ଦେଇଛି । ଏହି ଦୁର୍ଘଟଣାରେ ବସ୍ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି । ସୂଚନା ମୁତାବକ ବିନାୟକ ବସ(ଓଡି-୧୫ଏଲ-୩୮୮) ଯାତ୍ରୀଙ୍କୁ ନେଇ ବାଲେଶ୍ୱରରୁ ଯାଜପୁର ଟାଉନ ଅଭିମୁଖେ ଯାଉଥିଲା । ଓଳିଆ ପାଟଣା ନିକଟରେ ଥିବା ରିଲାଏନ୍ସ ପେଟ୍ରୋଲ ପମ୍ପକୁ ଏକ ଲରିଟ୍ରକ(ଏଚଆର-୬୯ଇ-୧୦୪୨) ତେଲ ପକାଇବା ପାଇଁ ଯାଉଥିବା ବେଳେ ପଛପଟୁ ବସ୍ ଧକ୍କା ଦେଇଥିଲା । ଫଳରେ ବସରେ ସମ୍ମୁଖରେ ବସିଥିବା ୫ ଜଣ ଯାତ୍ରୀ ଆହତ ହୋଇଥିଲେ । ସମସ୍ତ ଆହତ ଯାତ୍ରୀମାନଙ୍କୁ ଜାତୀୟ ରାଜପଥ ପୁଲିସ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ବସ୍ ଯୋଗେ ଗନ୍ତବ୍ୟସ୍ଥଳକୁ ପଠାଯାଇଛି । ଧକ୍କା ପରେ ବସ୍‌ର ଡ୍ରାଇଭର ଏବଂ ହେଲ୍‌ପର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି ।

## ତହସିଲ ସାମ୍ନାରୁ ହଟିଲା ଜବରଦଖଲ

**ବାଲିପାଟଣା, ୩୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିପାଟଣା ତହସିଲ କାର୍ଯ୍ୟାଳୟ ସାମ୍ନାରୁ ଦୀର୍ଘଦିନ ଧରି ହୋଇଆସୁଥିବା ଜବରଦଖଲ ଆଜି ପ୍ରଶାସନ ପକ୍ଷରୁ ହଟାଯାଇଛି । ପୂର୍ବରୁ ଜାରି ହୋଇଥିବା ନୋଟିସ ପରେ ଆଜି ବାଲିପାଟଣା ହାଟ ଅଞ୍ଚଳରେ ବୁଲଡୋଜର ଚଳାଇ ଅବୈଧ ନିର୍ମାଣ ଭାଙ୍ଗାଯାଇଛ । ଏହି କାର୍ଯ୍ୟାନୁଷ୍ଠାନ ଫଳରେ ତହସିଲ ସାମ୍ନା ଅଞ୍ଚଳ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ହେବ ବୋଲି ପ୍ରଶାସନ କହିଛି । ପ୍ରଶାସନିକ ସୂଚନା ଅନୁସାରେ, ପ୍ରାୟ ୩ ଦଶନ୍ଧି ରୁ ଅଧିକ ସମୟ ଧରି କିଛି ସ୍ଥାନୀୟ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ କରିଥିଲେ । ସେଠାରେ ସୁନା ଦୋକାନ, ଗ୍ରୋସରୀ, ମୋବାଇଲ, ଘଣ୍ଟା, ସାର ଓ ପାନ ଦୋକାନ ଖୋଲି ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ ହେଉଥିଲା । ତହସିଲ, ସବ୍ ରେଜିଷ୍ଟ୍ରର କାର୍ଯ୍ୟ ଓ ହାଟ ଥିବାରୁ ଏଠାରେ ପ୍ରାୟ ସମୟରେ ଭିଡ଼ ଲାଗି ରହୁଥିଲା ।

ଆଜିର ଅଭିଯାନ ସମୟରେ ବାଲିପାଟଣା ତହସିଲଦାର କଳ୍ପନା ଦାସ, ଅତିରିକ୍ତ ତହସିଲଦାର ସୌରଭ ବସ୍ତୁ, ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀଙ୍କ ସହ ତହସିଲ ଓ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । କୌଣସି ଅପ୍ରିୟ ଘଟଣା ଘଟିନଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି ରଖାଯାଇଥିଲା । ନୋଟିସ ପାଇବା ପରେ କିଛି ଦଖଲଦାର ନିଜେ ହାତରେ ଘର ଭାଙ୍ଗିବା ସହ ସାମଗ୍ରୀ ଖାଲି କରିଥିଲେ । ତହସିଲଦାର ସୂଚନା ଦେଇଛନ୍ତି ଯେ, ମୋଟ ୪୦ ଡିସିମିଲ ଅର୍ଥାତ ୧୦ ଗୁଣ୍ଠ ସରକାରୀ ଜମି ସମ୍ପୂର୍ଣ୍ଣ ଭାବେ ଖାଲି କରାଯିବ । ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଥିବା ବେଳେ ଆଗାମୀ ଦିନରେ ଅଞ୍ଚଳରେ ସୁସଂଗଠିତ ବିକାଶ ହେବ ବୋଲି ଆଶା ପ୍ରକାଶ କରାଯାଇଛି ।

## ଚାଷୀଙ୍କ ହାତରେ ପ୍ଲାଷ୍ଟିକ ବସ୍ତା, ଅଖା ଯାଉଛି କୁଆଡ଼େ?

**ଝାରସୁଗୁଡ଼ା, ୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିୟମାନୁସାରେ ଚାଷୀ ଅଖାବସ୍ତାରେ ଧାନ ଭର୍ତ୍ତି କରି ମିଲ୍‌କୁ ଆଣିବେ । ଧାନ ସଂଗ୍ରହ ପୂର୍ବରୁ ଏହି ବସ୍ତା ମିଲର୍ସ ଚାଷୀଙ୍କୁ ଦେବେ ଓ ଚାଷୀଙ୍କ ଧାନ ସହିତ ବସ୍ତା ପୁଣି ନିଜ ପାଖରେ ରଖିବେ । ଗତ ୬ ବର୍ଷର ସ୍ଥିତିକୁ ଅନୁଧାନ କଲେ ଝାରସୁଗୁଡ଼ା ଜିଲ୍ଲାକୁ ବାର୍ଷିକ ହାରାହାରି ୧୦ ଲକ୍ଷ ଅଖା ବସ୍ତା ଆସୁଛି । ଏହି ଅବଧି ମଧ୍ୟରେ ଗୋଟିଏ ବି ବସ୍ତା ନଷ୍ଟ ବା ଖରାପ୍ ହୋଇନଥିବା ନେଇ ବିଭାଗୀୟ ତଥ୍ୟ କହୁଛି । ଝାରସୁଗୁଡ଼ା ଜିଲ୍ଲାରେ ଖରିଫ୍ ଋତୁରେ ଚାଷୀଙ୍କ ପାଇଁ ସର୍ବାଧିକ ୧୫ରୁ ୧୬ ଲକ୍ଷ ଅଖା ବସ୍ତାର ଆବଶ୍ୟକ ପଡୁଥିବା ବେଳେ ଚାଷୀଙ୍କୁ କିନ୍ତୁ ବସ୍ତା ମିଳୁନି । ଚାଷୀ ବାଧ ହୋଇ ବଜାରରୁ ଗୋଟା ପିଛା ୧୨ରୁ ୧୫ ଟଙ୍କା ଦରରେ ପ୍ଲାଷ୍ଟିକ୍ ବସ୍ତା କିଣି ଧାନ ମଣ୍ଡିକୁ ନେବାକୁ ବାଧ ହେଉଛନ୍ତି । ଏଭଳି ସ୍ଥିତିରେ ଚାଷୀଙ୍କ ନାଁରେ ଆସୁଥିବା ବସ୍ତା କୁଆଡ଼େ ଯାଉଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ପ୍ରତିକ୍ରିୟା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେଶ୍ରାଙ୍କୁ ପଚାରିବାରେ, ବସ୍ତା ସମ୍ପର୍କରେ ସେ ଜାଣିନଥିବା କହି ଚାଲି ଯାଇଥିଲେ ।

ଜିଲ୍ଲା ଯୋଗାଣ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୧୮-୨୦୧୯ ମସିହାରେ ଝାରସୁଗୁଡ଼ା ଜିଲ୍ଲାକୁ ୮ ଲକ୍ଷ ୬୫ ହଜାର ଅଖା ବସ୍ତା ଆସିଥିବା ବେଳେ ୨୦୧୯-୨୦ ମସିହାରେ ୧୧ ଲକ୍ଷ ୮୯ ହଜାର ବସ୍ତା ଆସିଥିଲା । ୨୦୨୦- ୨୧ ମସିହାରେ ୮ ଲକ୍ଷ ୮୦ ହଜାର ୫୦୦ଟି ଓ ୨୦୨୧-୨୨ ମସିହାରେ ୧୧ ଲକ୍ଷ ୫୭ ହଜାର ୫୦୦ଟି ବସ୍ତା ଆସିଥିଲା । ସେହିଭଳି ୨୦୨୨-୨୩ ମସିହାରେ ୧୨ ଲକ୍ଷ ୨୨ ହଜାର ବସ୍ତା ଆସିଥିବା ବେଳେ ୨୦୨୩-୨୪ ମସିହାରେ ୧୨ ଲକ୍ଷ ୧୦ ହଜାର ୫୦୦ ବସ୍ତା ଆସିଥିଲା ୨୦୨୪-୨୦୨୫ ମସିହାରେ ୨ ଲକ୍ଷ ଅଖା ବସ୍ତା ଜିଲ୍ଲାକୁ ଆସିଛି । ଅର୍ଥାତ୍ ଏହି ୬ ବର୍ଷରେ ଜିଲ୍ଲାକୁ ୬୬ ଲକ୍ଷରୁ ଅଧିକ ଅଖାବସ୍ତା ଆସିଛି । ଗତ ଖରିଫ୍ ଋତୁରେ ହୋଇଥିବା ଧାନ ସଂଗ୍ରହ ସ୍ଥିତିକୁ ଅନୁଧାନ କଲେ ମୋଟ ୨୦ ହଜାର ୭୭୮ ଜଣ ଚାଷୀ ୯ ଲକ୍ଷ ୬ ହଜାର ୧୭୯ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ । ତେଣୁ ଚଳିତ ବର୍ଷ ମଧ ଧାନ ସଂଗ୍ରହ ପରିମାଣ ପ୍ରାୟ ସମାନ ରହିବାର ସମ୍ଭାବନା ରହିଛି । ଗୋଟିଏ ଅଖା ବସ୍ତାରେ ୪୦-୪୫କିଗ୍ରା ଯାଏ ଧାନ ରହୁଥିବାରୁ ୩ କ୍ୱିଣ୍ଟାଲ ଧାନ ପାଇଁ ସାଧାରଣତଃ ୭ଟି ବସ୍ତାର ବ୍ୟବହାର ହୋଇଥାଏ । ଏହି ତଥ୍ୟ ଆଧାରରେ ଝାରସୁଗୁଡ଼ାରେ ଚଳିତ ଖରିଫ୍ ଋତୁରେ ଧାନ କିଣା ପାଇଁ ୨୧ ଲକ୍ଷ ୧୪ ହଜାର ୪୧୬ଟି ବା ସର୍ବାଧିକ ୨୨ ଲକ୍ଷ ଅଖା ବସ୍ତାର ଆବଶ୍ୟକ । ଗୋଟିଏ ପଟେ ଜିଲ୍ଲାକୁ ବିଗତ ୬ ବର୍ଷରେ ୬୬ ଲକ୍ଷରୁ ଅଧିକ ଧାନ ବସ୍ତା ଆସିଥିବା ବେଳେ ଗୋଟିଏ ଋତୁ ପାଇଁ ଆବଶ୍ୟକ ୨୨ ଲକ୍ଷ ବସ୍ତା ଚାଷୀଙ୍କୁ ମିଳିପାରୁନି । ଜିଲ୍ଲାର ସମସ୍ତ ମଣ୍ଡିରେ ପ୍ଲାଷ୍ଟିକ୍ ବସ୍ତା ମାଳମାଳ ଦେଖିବାକୁ ମିଳୁଥିବା ବେଳେ ଚାଷୀ ଖୋଲା ବଜାରରୁ ପ୍ଲାଷ୍ଟିକ୍ ବସ୍ତା କିଣୁଥିବା ନେଇ ମଧ ଅଭିଯୋଗ କରୁଛନ୍ତି । ଆଜି ଖୋଲିଥିବା କୁଡ଼ାଲୋଇ ମଣ୍ଡିରେ ଚାଷୀ ଆଣିଥିବା ପ୍ଲାଷ୍ଟିକ ବସ୍ତାର ଧାନ ନେବନି ବୋଲି ମିଲର୍ସ କହିବା ପରେ ତାକୁ ନେଇ ବିବାଦ ଉପୁଜିଥିଲା । ତେବେ ଗତ ୨୩ ତାରିଖରେ ଜିଲ୍ଲା ଯୋଗାଣ ବିଭାଗ ସହିତ ଚୁକ୍ତି ହୋଇଥିବାରୁ ବସ୍ତା ଥିଲେ ସୁଦ୍ଧା ଚାଷୀଙ୍କୁ ବସ୍ତା ମିଳିପାରିନଥିବା ମିଲର୍ସ ଉତ୍ତର ରଖିଥିଲେ । ଯଦି ଚାଷୀଙ୍କ ନାଁରେ ଆସୁଥିବା ବସ୍ତା ଚାଷୀଙ୍କୁ ମିଳୁନି ତେବେ ଉକ୍ତ ବସ୍ତା କୁଆଡ଼େ ଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ମିଲର୍ସ ଜାଣିଶୁଣି ଚାଷୀଙ୍କୁ ବସ୍ତା ଦେଉନି ନା ସରକାରଙ୍କ ପକ୍ଷରୁ ଆସୁଥିବା ବସ୍ତାକୁ ମିଲର୍ସ ବାହାରେ ବିକ୍ରି କରିଦେଉଛି ବୋଲି ମଧ ପ୍ରଶ୍ନ ଉଠିଲାଣି ।

## ଖବର ପ୍ରସାରଣ ପରେ ସଚଳ ହେଲା ଶୌଚାଳୟ

**ମାହାଙ୍ଗା, ୩୦।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକରେ ବିଭିନ୍ନ ସମସ୍ୟା ନେଇ 'ଓଡିଶା ଏକ୍ସପ୍ରେସ'ରେ ଖବର ପ୍ରସାରଣ ହୋଇଥିଲା । ଏହି ସମସ୍ୟାଗୁଡିକ ମଧ୍ୟରେ ବିଦ୍ୟୁତ ବିଭ୍ରାଟ ଠାରୁ ଆରମ୍ଭ କରି ପାନୀୟ ଜଳ ସମସ୍ୟା, ଶୌଚାଳୟ ଏବଂ କାନ୍ଥରେ ଗଛ ଉଠି କାନ୍ଥ ପାଇଁ ବିପଦ ଆଶଙ୍କା ରହିଥିଲା । ଯାହା ଫଳରେ ବ୍ଲକର ବିଡିଓ ସୁଭାଶିଷ ପାଲଟା ଏହି ସମସ୍ୟାର ସମାଧାନ ନିମନ୍ତେ ଗୁରୁତ୍ୱ ଦେଇଥିଲେ । ବିଡିଓ ଶ୍ରୀ ପାଲଟା ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସଙ୍କୁ ଏହି ସବୁ ସମସ୍ୟା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ କାର୍ଯ୍ୟକାରୀ ହେଉନଥିବା ଶୌଚାଳୟ, ପାନୀୟ ଜଳ ନିମନ୍ତେ ଫ୍ରିଜରକୁ ସଚଳ କରିବା ସହ କାନ୍ଥ ଉପରେ ଉଠିଥିବା ଗଛ ଗୁଡିକୁ କାଟି ଦେଇଛନ୍ତି । ଏଥି ସହିତ ବିଦ୍ୟୁତ୍ ବିଭ୍ରାଟକୁ ତୁରନ୍ତ ସଚଳ କରାଯିବ ବୋଲି ସହକାରୀ ଯନ୍ତ୍ରୀ ଶ୍ରୀ ଦାସ କହିଛନ୍ତି । ତେଣୁ ଏହି ବ୍ଲକକୁ ଆସୁଥିବା ଜନସାଧାରଣମାନେ ଉପକୃତ ହେବେ ।

## ସ୍କୁଲ ଫାଟକରେ ତାଲା ପକାଇଲେ ଗାଁଲୋକେ

**କଳିଙ୍ଗନଗର, ୩୦।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ବିଭାଗର ଅସମୟ, ଅସ୍ପଷ୍ଟ ଓ ମନମୁତାବକ ଶିକ୍ଷକ ବଦଳି ନିଷ୍ପତ୍ତି ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଭୟଙ୍କର ଅସନ୍ତୋଷ ସୃଷ୍ଟି କରିଛି । ଦୁଇ ଜଣ ଶିକ୍ଷକଙ୍କୁ କୌଣସି ସ୍ପଷ୍ଟ କାରଣ ଦର୍ଶାଇବା ବିନା ଅନ୍ୟତ୍ର ବଦଳି କରାଯାଇ, ତାଙ୍କ ସ୍ଥାନରେ ନୂତନ ଶିକ୍ଷକ ଯୋଗଦାନ ନିର୍ଦ୍ଦେଶ ଦିଆଯିବା ଘଟଣାକୁ ବିରୋଧ କରି ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲ ଫାଟକରେ ତାଲା ପକାଇ ଜୋରଦାର ପ୍ରତିବାଦକୁ ଓହ୍ଲାଇଛନ୍ତି । ଏହି ଘଟଣା ଦାନଗଦି ବ୍ଲକ ଶିକ୍ଷାମଣ୍ଡଳ ଅଧୀନସ୍ଥ ଶାଳିଜଙ୍ଗା ୟୁଜିଏମ୍‌ଇ ସ୍କୁଲରେ ଘଟିଥିବା ବେଳେ, ଶିକ୍ଷା ବିଭାଗର ଏହି ନିଷ୍ପତ୍ତି ସିଧାସଳଖ ଭାବେ ନିର୍ଦ୍ଦୋଷ ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ଘାତ କରିଛି ।

ପ୍ରକାଶ ଯେ, ସ୍କୁଲରେ ଦୀର୍ଘଦିନ ଧରି ନିଷ୍ଠାର ସହିତ କାର୍ଯ୍ୟ କରୁଥିବା ଶିକ୍ଷକ ମୁକୁନ୍ଦ ଦେହୁରୀ ଓ ରଞ୍ଜନ କୁମାର ସାହୁଙ୍କୁ ହଠାତ ଅନ୍ୟତ୍ର ବଦଳି କରାଯାଇଛି । ଏହାଙ୍କ ସ୍ଥାନରେ ଦିଲ୍ଲୀପ କୁମାର ଜେନା ଓ ସୁଦର୍ଶନ ସାହୁଙ୍କୁ ନୂତନ ଶିକ୍ଷକ ଭାବେ ଯୋଗଦେବା ପାଇଁ ନିର୍ଦ୍ଦେଶ ମିଳିଥିଲା । କିନ୍ତୁ ଏହି ବଦଳି ନିଷ୍ପତ୍ତି ଗ୍ରାମବାସୀଙ୍କ ନଜରକୁ ଆସିବା ସହ ସହିତ ଅସନ୍ତୋଷ ଆକ୍ରୋଶରେ ପରିଣତ ହୋଇଥିଲା । ଗ୍ରାମବାସୀ ଓ ଅଭିଭାବକମାନେ ସ୍ପଷ୍ଟ କହିଛନ୍ତି ଯେ, ପୂର୍ବରୁ ଥିବା ଦୁଇ ଶିକ୍ଷକ ସ୍କୁଲରେ ଶିକ୍ଷାର ଗୁଣବତ୍ତା ବଢ଼ାଇଥିଲେଛ ତେଣୁ କୌଣସି ଯୁକ୍ତିସଙ୍ଗତ କାରଣ ଛଡ଼ା ତାଙ୍କ ବଦଳି କରାଯିବା ଶିକ୍ଷା ବିଭାଗର ଅଦୂରଦର୍ଶୀ ଓ ଦାୟିତ୍ୱହୀନ ମନୋଭାବକୁ ପ୍ରକାଶ କରୁଛି । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ବାସୁଦେବ ଦାଶ, ସଦାଶିବ ନନ୍ଦ, ସୁଜାତା ମିଶ୍ର, ଲକ୍ଷ୍ମୀ ନାୟକ, ମଲ୍ଲି ମହାନ୍ତ, ସମ୍ଭୁନାଥ ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଓ ଅଭିଭାବକ ସାମିଲ ହୋଇଥିଲେ । ଶିକ୍ଷା ବିଭାଗ ନୀରବ, ପିଲାଙ୍କ ଭବିଷ୍ୟତ ଅନ୍ଧକାରରେ ଏପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ବ୍ୟାଖ୍ୟା ଆସିନାହିଁ। ଗ୍ରାମବାସୀ ଚେତାବନୀ ଦେଇଛନ୍ତି- ଯଦି ଶୀଘ୍ର ଶିକ୍ଷକ ବଦଳି ବାତିଲ କରାଯାଇ ପୂର୍ବରୁ ଥିବା ଶିକ୍ଷକଦ୍ୱୟଙ୍କୁ ପୁନଃ ନିଯୁକ୍ତ କରାଯାଏନି, ତେବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ସହ ଆନ୍ଦୋଳନକୁ ଆଉ ତୀବ୍ର କରାଯିବ । ଦାନଗଦି ବ୍ଲକରେ ଶିକ୍ଷା ବିଭାଗର ଏହି ଅବ୍ୟବସ୍ଥା ଯଦି ତୁରନ୍ତ ସଂଶୋଧନ ନହୁଏ, ତେବେ ଆଗାମୀ ଦିନରେ ଅନ୍ୟାନ୍ୟ ସ୍କୁଲରେ ମଧ ଏଭଳି ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ-ଏହା ଏବେ ସବୁଠୁ ବଡ଼ ଆଶଙ୍କା ।



ବିଜେଡି ୨୪ ବର୍ଷ ଶାସନ କରିବା ପରେ ଶେଷବର୍ଷର ନିର୍ବାଚନ ବେଳକୁ କାର୍ତ୍ତିକ ପାଣ୍ଡିଆନ ଚାକିରି ଛାଡ଼ି ବିଜେଡିରେ ଯୋଗଦେଲେ ଏବଂ ପ୍ରତ୍ୟକ୍ଷ ଭାବେ ନିର୍ବାଚନ ରଣନୀତି ପ୍ରସ୍ତୁତ କଲେ, ଏଥିସହିତ ନିଜେ ନିର୍ବାଚନ ମଇଦାନକୁ ଓହ୍ଲାଇଲେ । ଦଳରେ ସେତେବେଳେ ମଧ୍ୟ ଅନେକ ପୁରୁଖା ଅଭିଜ୍ଞ ନେତା ଥିଲେ, ଯୁବ ନେତା ମଧ୍ୟ ଥିଲେ– କେହି ତ ପାଣ୍ଡିଆନଙ୍କ ନିର୍ବାଚନ ମଙ୍ଗ ସମ୍ଭାଳିବା ପ୍ରକ୍ରିୟାକୁ ବିରୋଧ କରିନଥିଲେ ଖୋଲାଖୋଲି ଭାବରେ? କେହି ତ ଦଳରୁ ବାହାରି ଯାଇନଥିଲେ ପାଣ୍ଡିଆନଙ୍କ ପ୍ରଭାବକୁ ବିରୋଧ କରି ??




# ଓଡ଼ିଶା ଏକ୍ସପ୍ରେସ୍


## ପାଣ୍ଡିଆନ ଚର୍ଚ୍ଚା ଥମୁନି!

ବିଜେଡି ଶାସନରୁ ବିଦା ହେବା ଏବଂ ରାଜ୍ୟରେ ନୂଆ ବିଜେପି ସରକାର ଶାସନ ଦାୟିତ୍ୱ ଗ୍ରହଣ କରିବା ଏହାଭିତରେ ପ୍ରାୟ ଦେଢ଼ବର୍ଷ ବିତିଗଲାଣି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପାଣ୍ଡିଆନ ଏବେବି ଚର୍ଚ୍ଚାରେ ଅଛନ୍ତି । ତାଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କୁ ନେଇ ମଧ୍ୟ ଶଙ୍ଖ ଦଳରେ ଅସୁମାରି ଆଶଙ୍କା । ପାଣ୍ଡିଆନ ଚର୍ଚ୍ଚା ତାଙ୍କ ଗୁରୁତ୍ୱକୁ କମାଇବା ବଦଳରେ ବଢ଼ାଇବାରେ ଯେ ଅଧିକ ଅସହାୟକ ହେଉଛି ଏଥିରେ ସନ୍ଦେହ ନାହିଁ ।

ଗୋଟେ ସମୟରେ କୁହାଯାଉଥିଲା– ରାଜନୀତିକୁ ଶିକ୍ଷିତ ଲୋକେ ନ ଆସିବା ଫଳରେ ହିଁ ରାଜନୀତିର ଅବସ୍ଥା ଆଜି ଏମିତି । ତେଣୁ ଶିକ୍ଷିତ ଲୋକଙ୍କୁ ରାଜନେତାମାନେ ସ୍ୱାଗତ କରିବା ଉଚିତ୍ । ସୁଜାତା କାର୍ତ୍ତିକେୟନ ନିଶ୍ଚିତ ଭାବରେ ଜଣେ ବୁଦ୍ଧିମତା ସମ୍ପନ୍ନା ମହିଳା, ନହେଲେ ଆଇଏଏସ୍ ପାଇଲେ କେମିତି? ତେଣୁ ତାଙ୍କ ବୁଦ୍ଧିମତାକୁ ଦଳ କାମରେ ଲଗାଇବା ଉଚିତ୍, ବିରୋଧ କରିବା ବଦଳରେ । ବିଜେପି ଅପରାଜିତାଙ୍କୁ ପୁଣି କେମିତି ନେଲା ନିଜ ଦଳକୁ? ଅପରାଜିତା ଚାକିରି ଛାଡ଼ି ରାଜନୀତିରେ ଯୋଗଦେବାକୁ ଯଦି ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ଧରାଗଲା ତା'ହେଲେ ସୁଜାତାକୁ ନେଇ ଏତେ ଚର୍ଚ୍ଚା କାହିଁକି?

ପାଣ୍ଡିଆନ ଦମ୍ପତିଙ୍କୁ ବିଜେଡିର କିଛି ନେତା ବିରୋଧ କରୁଛନ୍ତି କାହିଁକି? ନେତାମାନଙ୍କର ଭୟ ରହୁଛି କି ସୁଜାତା ଆସିଲେ ତାଙ୍କ ସ୍ଥିତି ଅସୁରକ୍ଷିତ ହେବ, ଏଇ ଆଶଙ୍କାରେ? ଯଦି ସେଭଳି ଭୟ ନାହିଁ ତା'ହେଲେ ବିରୋଧ କାହିଁକି? ସିଏ ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ପତ୍ନୀ– ଏଇଟା କ'ଣ ଏକମାତ୍ର କାରଣ?

ବିଜେଡି ୨୪ ବର୍ଷ ଶାସନ କରିବା ପରେ ଶେଷବର୍ଷର ନିର୍ବାଚନ ବେଳକୁ କାର୍ତ୍ତିକ ପାଣ୍ଡିଆନ ଚାକିରି ଛାଡ଼ି ବିଜେଡିରେ ଯୋଗଦେଲେ ଏବଂ ପ୍ରତ୍ୟକ୍ଷ ଭାବେ ନିର୍ବାଚନ ରଣନୀତି ପ୍ରସ୍ତୁତ କଲେ, ଏଥିସହିତ ନିଜେ ନିର୍ବାଚନ ମଇଦାନକୁ ଓହ୍ଲାଇଲେ । ଦଳରେ ସେତେବେଳେ ମଧ୍ୟ ଅନେକ ପୁରୁଖା ଅଭିଜ୍ଞ ନେତା ଥିଲେ, ଯୁବ ନେତା ମଧ୍ୟ ଥିଲେ– କେହି ତ ପାଣ୍ଡିଆନଙ୍କ ନିର୍ବାଚନ ମଙ୍ଗ ସମ୍ଭାଳିବା ପ୍ରକ୍ରିୟାକୁ ବିରୋଧ କରିନଥିଲେ ଖୋଲାଖୋଲି ଭାବରେ? କେହି ତ ଦଳରୁ ବାହାରି ଯାଇନଥିଲେ ପାଣ୍ଡିଆନଙ୍କ ପ୍ରଭାବକୁ ବିରୋଧ କରି ??

ସେତେବେଳେ ସମସ୍ତେ ଦେଖିଛନ୍ତି ପାଣ୍ଡିଆନଙ୍କ ସଭାରେ ଏବଂ ରୋଡ୍ ଶୋ'ରେ ପାଣ୍ଡିଆନଙ୍କ ହାତକୁ ଟିକେ ଛୁଇଁବାକୁ ପିଲାଠୁ ବୁଢ଼ା ଯାଏଁ ସମସ୍ତେ ହାତ ବଢ଼ାଉଥିଲେ, ସତେ ଯେମିତି ଜଣେ ଦେବଦୂତ ଆସିଛନ୍ତି ସେମାନଙ୍କ ପାଖକୁ । ସେତେବେଳେ ତ ବିଜେଡିର କୌଣସି ନେତା ମୁହଁ ଖୋଲୁନଥିଲେ? ମୁହଁ ନ ଖୋଲିବାର ଏକମାତ୍ର କାରଣ ବୋଧେ ଥିଲା– ଟିକେଟ କଟିଯିବାର ଭୟ । ସମସ୍ତେ ଜାଣିଥିଲେ ବିଜେଡି ପୁଣି ଶାସନକୁ ଆସିବ । ତେଣୁ ଦଳର ସମସ୍ତେ ଚୁପ୍ ଥିଲେ । ଏବେ ହାତରେ ଶାସନ ନାହିଁ କି କ୍ଷମତା ନାହିଁ । ତେଣୁ କିଛି ବିଜେଡି ନେତା ଏବେ ପାଟି ଖୋଲିବାକୁ ସାହସ କଲେଣି । ଏଇଟା ହିଁ ଦୁର୍ଭାଗ୍ୟ । ଆଗରୁ ବଚନ ଫିଟୁନଥିବା ନେତାଙ୍କର ମଧ୍ୟ ମୁହଁ ଖୋଲିଗଲାଣି । ସେତେବେଳେ ଯଦି ମୁହଁ ଖୋଲିଥା'ନ୍ତେ ତା'ହେଲେ ବୋଧେ ଦଳର ଏଭଳି ବିପର୍ଯ୍ୟୟ ହୋଇନଥାନ୍ତା । ଯେଉଁମାନେ ଏବେ ଖୋଲାଖୋଲି ବିଜେଡି ସଂଗଠନକୁ ବିରୋଧ କରୁଛନ୍ତି ସେମାନେ ଯେ ବିଜେପି ମୁହାଁ ହେବାକୁ ଚାହୁଁଛନ୍ତି ଏଭଳି ଏକ ଆଶଙ୍କା ମଧ୍ୟ ବେଶ୍ କରିହେଉଛି । କାରଣ ସେମାନେ ଅନୁମାନ କରୁଛନ୍ତି– ହୁଏତ ବିଜେଡି ଆଉ ଶାସନକୁ ଆସିନପାରେ, ଆହୁରି ସାଢ଼େ ୩ବର୍ଷ ବାକି ରହିଛି ଆଗାମୀ ସାଧାରଣ ନିର୍ବାଚନ ପାଇଁ । ତେଣୁ ଏତେ ଲମ୍ବା ଅପେକ୍ଷାକୁ ସେମାନେ ବିନା କ୍ଷମତାରେ ହଜମ କରିପାରୁନାହାନ୍ତି । ଫୁଲମାଳ ଏବଂ କଳତାଳିର ଅଭାବ ସେମାନଙ୍କୁ ବେଶି ବାଧୁଛି । ତେଣୁ କ'ଣ କଲେ ଚର୍ଚ୍ଚାରେ ରହିହେବ ଏବଂ ଶାସକ ଦଳର ପ୍ରିୟପାତ୍ର ହେଇହେବ– ଏଇ ଟେକ୍‌ନିକ୍ ମଧ୍ୟ ଅନେକ ବିଜେଡି ନେତା ଆପଣାଉଛନ୍ତି । ମେଳି କରି ଆଉ ଏକ ଦଳ ଗଢ଼ି ଓଡ଼ିଶା ଲୋକଙ୍କୁ ପ୍ରଭାବିତ କରିବା ଯେ ସମ୍ଭବ ନୁହେଁ ଏକଥା ପ୍ୟାରୀବାବୁଙ୍କ ନୂଆ ଦଳର ବିପର୍ଯ୍ୟୟ ସେମାନଙ୍କୁ ଯେ ଚେତେଇ ଦେଉନଥିବ ଏକଥା ନକହିବା ଭଲ ।

ନିବାଚନ ପାଖେଇ ଆସିଲେ ପୁଣି ଯେ ଅସନ୍ତୁଷ୍ଟିଆ ଶଙ୍ଖ ଦଳ ମୁହାଁ ହେବେ ଏ ସମ୍ଭାବନାକୁ କେହି ଏଡାଇ ଦେଇପାରିବେ ନାହିଁ ।

---

# ପୁରାଣ ପ୍ରସିଦ୍ଧ ରଣାସୁରପୁର ଓ ତନ୍ତ୍ରପୀଠ ମଣିନାଗ



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

ସର୍ପଫଣା ପରି ସୁଦୃଶ୍ୟ
ମଣିନାଗ ପର୍ବତ
କାହିଁ କେତେ ବାଙ୍କେ ତା'
ଦେହୁ ଝର ହୁଏ ନିର୍ଗତ।
ଉତ୍‌ଫୁଲ୍ଲିତ କରେ ଚିକୁ
ଅଶ୍ରୁମୁଖୀ ପ୍ରପାତ
ନାନା ବନଫୁଲ ବାସନା
ଛୁଟୁଥାଇ ନିରତ।
ଶିଖରୀ ଶୀର୍ଷରେ ନିର୍ମିତ
କୁଟିକମ ମନ୍ଦିରେ
ମାତା ମଣିନାଗ ଶୋଭିତ
ଚକାଶିଳା ଉପରେ।

ହଜାର ହଜାର ବର୍ଷ ତଳର କଥା । ସେତେବେଳେ ଆମ ରାଜ୍ୟ ବଣ ଜଙ୍ଗଲରେ ପୂରି ରହିଥିଲା । ଠାଏ ଠାଏ ଜନବସତି ମଧ୍ୟ ଥିଲା । ଲୋକମାନେ ଚାଷ ଓ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଜୀବନ ବିତାଉଥିଲେ । ସେତେବେଳେ ଜଙ୍ଗଲରେ ବାଘ, ସିଂହ, ହାତୀ, ଭାଲୁ ଆଦି ହିଂସ୍ର ପଶୁ ବହୁଳ ଭାବରେ ଥିଲେ । ସେମାନଙ୍କ ଯୋଗୁଁ ଯେତିକି ଭୟ ଥିଲା, ଅସୁରମାନଙ୍କ ଯୋଗୁଁ ତା'ଠାରୁ ଅଧିକ ଭୟ ଥିଲା । ଅସୁରମାନଙ୍କୁ ଦୈତ୍ୟ ଓ ରାକ୍ଷସ ମଧ୍ୟ କୁହାଯାଉଥିଲା । ସେମାନେ ମଣିଷ ସମେତ ଜୀବଜନ୍ତୁ ଭକ୍ଷଣ କରୁଥିଲେ । ପୁରାଣରେ ଆମେ ଏହି ଅସୁରମାନଙ୍କ କଥା ଶୁଣିଆସିଛେ । ସେହିଭଳି ଜଣେ ଅସୁର ଥିଲା ରଣାସୁର । ତା' ଭୟରେ ଲୋକମାନେ ଥରହର ହେଉଥିଲେ । ସେ ରହୁଥିଲା ରଣପୁରର ମଣିନାଗ ପର୍ବତରେ । ସେ ସ୍ନାନ କରୁଥିଲା ମହାନଦୀରେ । ସ୍ନାନ ସାରି ଶରଣକୁଳରେ ଥିବା ଲଡୁବାବାଙ୍କୁ ଦର୍ଶନ କରୁଥିଲା । ଦର୍ଶନ ସାରି ରହୁଥିଲା ରଣପୁର ମଣିନାଗ ପର୍ବତରେ । ସେ ଥିଲା ହିଂସ୍ର । ତେଣୁ ମଣିଷ ସମେତ ପଶୁମାନଙ୍କୁ ମାରି ଖାଉଥିଲା । ତା' ପ୍ରକୋପରୁ ରକ୍ଷା ପାଇବା ପାଇଁ ଲୋକମାନେ ଦେବୀ ଚର୍ଚ୍ଚିକାଙ୍କୁ ପ୍ରାର୍ଥନା କଲେ । ଦେବୀ ଚର୍ଚ୍ଚିକା ଲୋକମାନଙ୍କ ଡାକ ଶୁଣିଲେ ଓ ରଣାସୁରକୁ ବଧ କଲେ । ବାଙ୍କୀରେ ଥିବା ଚର୍ଚ୍ଚିକାଙ୍କ ଧ୍ୟାନ ମନ୍ତ୍ରରେ ଏହା ଉଲ୍ଲେଖ ଅଛି ।

ଧ୍ୟାୟତେ ଖଡ଼ଗ୍ ଧରାଂ ବରାଭୟ
କରାଂମୁଣ୍ଡାୟମାଳାଂ ଶିରଂ
ସର୍ପଶକ୍ତି କରାଂ ରଣାସୁର
ଶବରୁଢ଼ାଞ୍ଚ ବୀରାସନାମ୍।
ଦନ୍ତାସକ୍ତ କନିଷ୍ଠିକାଂ କୃଦିଲସତ୍
ମୁଣ୍ଡମାଳାଂ ଦଧାନାଂ
ମୁକ୍ତକୁଚାଂ କରାଳ ବଦନାଂ
ଦିଗ୍‌ବାସିନୀଂ ଚର୍ଚ୍ଚିକାମ୍।

ରଣାସୁରର ରାଜ୍ୟକୁ କୁହାଯାଉଥିଲା ରଣାସୁରପୁର । ରଣାସୁରପୁରରୁ ରଣପୁର ନାମ କରଣ ହୋଇଛି । ସେହିଭଳି ବାଣାସୁରର ରାଜ୍ୟକୁ ବାଣପୁର କୁହାଯାଉଛି । ରଣାସୁର ନିଧନ ହେବାପରେ ବିଶ୍ୱବାସବ ରଣପୁରର ରାଜା ହେଲେ । ସେତେବେଳେ ଏହି ରାଜ୍ୟର ସୀମା ଉତ୍ତରରେ ମହାନଦୀ, ପଶ୍ଚିମରେ କୁସୁମୀ ନଦୀ ଓ ବୌଦ୍ଧ ରାଜ୍ୟ, ଦକ୍ଷିଣରେ ଚିଲିକା ଓ ବାଣପୁର ରାଜ୍ୟ ଏବଂ ପୂର୍ବରେ ଦୟାନଦୀ ଥିଲା । ବିଶ୍ୱବାସବ ହେଉଛନ୍ତି ଶବର ରାଜା ବିଶ୍ୱାବସୁର ସାନଭାଇ । କର୍ଣ୍ଣିଲୋ ଠାରେ ନୀଳମାଧବ ପୂଜା ପାଉଥିଲେ । ଶବର ବିଶ୍ୱାବସୁ ପ୍ରଭୁଙ୍କୁ ନୀଳକନ୍ଦରରେ ଗୋପନରେ ରଖି ପୂଜା କରୁଥିଲେ । ପ୍ରଭୁ ନୀଳମାଧବ ଦାରୁବ୍ରହ୍ମ ହୋଇ ଶ୍ରୀକ୍ଷେତ୍ରକୁ ଅନ୍ତର୍ହିତ ହୋଇଗଲେ । ଏଥିରେ ମର୍ମାହତ ହୋଇ ଭକ୍ତ ବିଶ୍ୱାବସୁ ଓ ତାଙ୍କ ଭାଇ ବିଶ୍ୱବାସବ ନୀଳମାଧବଙ୍କୁ ଧ୍ୟାନରେ କାତର ନିବେଦନ କଲେ । ଦେବତା ତାଙ୍କର ଗୁହାରି ଶୁଣିଲେ । ଦେବତାଙ୍କର ସ୍ୱପ୍ନାଦେଶ ହେଲା ଯେ ବିଶ୍ୱାବସୁ ଶ୍ରୀକ୍ଷେତ୍ରକୁ ଯାଇ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହ ପୂଜା ଅର୍ଚ୍ଚନା କରିବାର ସୁଯୋଗ ପାଇବେ । ଭାଇ ବିଶ୍ୱବାସବ ରଣାସୁରପୁରରେ ନୀଳମାଧବଙ୍କ ଆସ୍ଥାନ ଚକାଶିଳାକୁ ନେଇ ପୂଜା କରିବେ ଓ ସେଠାରେ ରାଜତ୍ୱ କରିବେ । ଏହି ଚକାଶିଳାରେ ବିଷ୍ଣୁ, ଶିବ ଓ ଦୁର୍ଗାଙ୍କର ବୀଜମନ୍ତ୍ର ଓ ଯନ୍ତ୍ର ଖୋଦିତ ହୋଇଥିଲା । ବିଶ୍ୱବାସବ ମଣିନାଗ ପର୍ବତ ଉପରେ ଚକାଶିଳାକୁ ରଖି ପୂଜା ଆରାଧନା କଲେ । ଏହି ରାଜବଂଶ ଖ୍ରୀ.ପୂ. ୧୭୨୭ରୁ ରାଜତ୍ୱ ଆରମ୍ଭ କରିଥିବାରୁ ଆଜକୁ ୩ ହଜାର ବର୍ଷ ପୂର୍ବରୁ ଚକାଶିଳା ମଣିନାଗ ପର୍ବତରେ ପୂଜା ହେଉଅଛି । ଏହାପରେ ସେହି ବଂଶର କୌଣସି ରାଜା ଚକାଶିଳା ଉପରେ ଦୁର୍ଗା ମୂର୍ତ୍ତି ରଖି ପୂଜା ଆରମ୍ଭ କଲେ । ଫଳରେ ଏହି ଚକାଶିଳାକୁ ଦୁର୍ଗାଶିଳା ମଧ୍ୟ କୁହାଗଲା । ହଜାର ହଜାର ବର୍ଷ ପରେ ଚତୁର୍ଦ୍ଦଶ ଶତାବ୍ଦୀରେ ରାଜା ଉଦ୍ଧବ ନରେନ୍ଦ୍ର ଦେବୀଙ୍କ ପାଇଁ ମଣିନାଗ ପର୍ବତର ଶୀର୍ଷ ଦେଶରେ ମନ୍ଦିର ନିର୍ମାଣ କଲେ । ଏହି ମନ୍ଦିର ମଧ୍ୟରେ ଚକାଶିଳା ପାତାଳି ହୋଇ ରହିଥିବା କୁହାଯାଉଛି । ଅନ୍ୟ ଅର୍ଥରେ ଏହା ଏକ ଡାଙ୍କୁଣି ଦ୍ୱାରା ଆବଦ୍ଧ ହୋଇ ରହିଛି । ଉପର ମଣିନାଗ ମନ୍ଦିରରେ ରାଜା ବନମାଳୀ ସିଂହ ନରେନ୍ଦ୍ର (ଖ୍ରୀ. ଅ ୧୬୪୪–୧୬୭୫) ଙ୍କ ସ୍ୱହସ୍ତ ନିର୍ମିତ ଦୁର୍ଗାମୂର୍ତ୍ତି ପୂଜା ପାଉଥିଲା । ତାହା ସତ୍ୟବାଦୀ ନିକଟସ୍ଥ ବୀରରାମଚନ୍ଦ୍ରପୁର ଶାସନକୁ ଅପସାରିତ ହୋଇଥିବା ଜଣାପଡେ । ଉପର ମଣିନାଗ ମନ୍ଦିରରେ ଦେବୀଙ୍କ ନିକଟରେ ନରବଳି ଦେବା ପ୍ରଥା ପ୍ରଚଳିତ ଥିଲା । ଏହା ଥିଲା ତନ୍ତ୍ର ପୀଠ । ମାଘ ମାସରେ ନରବଳି ଦିଆଯାଉଥିଲା । ୧୯୩୯ ମସିହାଠାରୁ ଏହି ଘୃଣ୍ୟ ବଳିପ୍ରଥା ବନ୍ଦ ରହିଛି । ଏହି ଉପର ମଣିନାଗ ମନ୍ଦିରରେ ଯେଉଁ ମୂର୍ତ୍ତିଗୁଡିକ ଅଛନ୍ତି ସେମାନେ ହେଲେ ଜୟଦୁର୍ଗା, ଉଗ୍ରତାରା ଏବଂ ନାରାୟଣୀ । ପାର୍ଶ୍ୱଦେବୀ ଭାବେ ଦକ୍ଷିଣରେ ବାରାହୀ, ପଶ୍ଚିମରେ ନାରସିଂହୀ ଓ ଉତ୍ତରରେ ଚାମୁଣ୍ଡା ମୂର୍ତ୍ତି ଓ ପୂର୍ବ ଦିଗରେ ଦ୍ୱାରପାଳ ଭାବେ ବ୍ୟାଘ୍ରମୁଖୀ, ସିଂହମୁଖୀ, ଗଙ୍ଗା ଓ ଯମୁନା ମୂର୍ତ୍ତି ଅଛନ୍ତି।

ପୁରାଣମାନଙ୍କରେ ମଣିନାଗର ବର୍ଣ୍ଣନା ରହିଛି । 'ଶ୍ରୀକ୍ଷେତ୍ର ମାହାତ୍ମ୍ୟ'ର ଅଷ୍ଟମ ଅଧ୍ୟାୟରେ ଶ୍ରୀକ୍ଷେତ୍ରଠାରୁ ଦଶଯୋଜନ ଦୂରରେ ଅବସ୍ଥିତ ମଣିନାଗ ପୀଠକୁ ମହାପ୍ରଭୁଙ୍କ 'ଗୁପ୍ତ କ୍ଷେତ୍ର' ରୂପେ ବର୍ଣ୍ଣନା କରାଯାଇଛି । କପିଳ ସଂହିତାର ଅଣତିରିଶ, ତିରିଶ ଏବଂ ଏକତିରିଶ ଅଧ୍ୟାୟରେ ମଣିନାଗ ପର୍ବତ ଓ ଏହାର ମହିମା ଉପରେ ବିଶଦ ଭାବରେ ଉଲ୍ଲେଖ କରାଯାଇଛି । ସାରଳା ଦାସଙ୍କ ମହାଭାରତରେ ମଣିନାଗ ପର୍ବତ ତଳେ ଜାରାଶବର ବାସ କରୁଥିଲେ ବୋଲି ବର୍ଣ୍ଣନା କରାଯାଇଛି । ପର୍ବତର ଦକ୍ଷିଣ ଦିଗରେ ଚଣ୍ଡୀଝର ନାମରେ ଏକ ଝରଣା ଅଛି । ପୂର୍ବେ ଏହାକୁ ଠାକୁରାଣୀ ଝର କୁହାଯାଉଥିଲା । ତ୍ରେତୟା ଯୁଗରେ ବନବାସ କାଳରେ ସୀତା ଠାକୁରାଣୀ ଏଠାରେ ସ୍ନାନ କରିଥିଲେ ବୋଲି ଜନଶ୍ରୁତି ରହିଛି । ଏହା ନିକଟରେ ଥିବା ଟୁବୁରି ମୁଣ୍ଡିଆରେ ଏକ ଭଗ୍ନ ମନ୍ଦିର ଅଛି । ଏଠାରେ ପ୍ରଭୁ ଶ୍ରୀରାମଙ୍କୁ ପୂଜା କରାଯାଏ । ନିକଟସ୍ଥ ଅନ୍ୟ ଏକ ମୁଣ୍ଡିଆର ନାମ ପାଣ୍ଡବ ମୁଣ୍ଡିଆ । ଏଠାରେ ଥିବା ଏକ ଗୁମ୍ଫାରେ ଅର୍ଜ୍ଜୁନ ବନବାସ ସମୟରେ କିଛିକାଳ ରହିଥିବା ଜନଶ୍ରୁତି ରହିଛି ।

ମଣିନାଗ ପର୍ବତମାଳାର ଦକ୍ଷିଣ ଦିଗରେ ଧାନି ପର୍ବତମାଳା ରହିଛି । ଏଠାରେ ଥିବା ପାଣ୍ଡବ ଗୁମ୍ଫାରେ ପଞ୍ଚପାଣ୍ଡବ ଅବସ୍ଥାନ କରିଥିବା 'ଶ୍ରୀକ୍ଷେତ୍ର ମାହାତ୍ମ୍ୟ' ଓ ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି । ଏହି ପର୍ବତ ନିକଟରେ ଥିବା ଗୌଣିଆ ପର୍ବତକୁ ମହାଲକ୍ଷ୍ମୀଙ୍କ ଗୌଣି ବା ନଉତି ଏବଂ ଧାନି ପର୍ବତମାଳାକୁ ଧାନ ଭାବେ 'ଶ୍ରୀକ୍ଷେତ୍ର ମାହାତ୍ମ୍ୟ' ରେ ବର୍ଣ୍ଣନା କରାଯାଇଛି । ଗୌଣିଆ ପର୍ବତର ଶିଖର ଦେଶରେ ସତୁରି ଫୁଟ ବ୍ୟାସର ଏକ ଗୋଲାକାର ପଥର ଦୂରରୁ ଗୌଣି ଭଳି ଦେଖାଯାଇଥାଏ । କବିବର ରାଧାନାଥ ରାୟ ଏହି ପର୍ବତ ଦେଖି ଲେଖିଛନ୍ତି – ନୀରନ୍ଧ୍ର ନିବିଡ କିଚକ ବଣିଆ, ଅଭ୍ରଙ୍କ ଶିଖରେ ଗିରି ଗଉଣିଆ । ଏହି ପର୍ବତମାଳା ଦୀର୍ଘ ଏକୋଇଶି କିଲୋମିଟର ଲମ୍ବି ରହିଛି । ଏହା ରଣପୁର ଗଡ଼ଠାରୁ ପଶ୍ଚିମ ଦିଗରେ ଚଉଦ କିଲୋମିଟର ଏବଂ ଦକ୍ଷିଣ ପଶ୍ଚିମ ଦିଗରେ ସାତ କି.ମି. ବ୍ୟାପୀ ରହିଛି । ପର୍ବତମାଳାର ଶିଖର ଦେଶରେ ସମୁଦ୍ର ପନର ୧୮୯୩ ଫୁଟ ଉଚ୍ଚରେ ମଣିନାଗ ଦୁର୍ଗାଙ୍କ ମନ୍ଦିର । ଏହାର ଅନ୍ୟ ଦୁଇଟି ଉଚ୍ଚଶୃଙ୍ଗ 'ଟଗମରା' ଓ 'ଜରଜରି' ସମୁଦ୍ର ପତ୍ତନ ଠାରୁ ଯଥାକ୍ରମେ ୨୦୪୯ ଫୁଟ ଓ ୨୦୭୮ ଫୁଟ ଉଚ୍ଚରେ ଅଛନ୍ତି । ଏହି ଦୀର୍ଘ ପର୍ବତମାଳାର ପାହାଡଗୁଡିକ ସ୍ଥାନ ଅନୁଯାୟୀ ଭିନ୍ନ ଭିନ୍ନ ନାମରେ ଜନମୁଖରେ କଥିତ ହୁଅନ୍ତି । ଯଥା– ଧାନଘର, ଅଁଳା, ଶୁଳିଆ, କୋଟପୋଖରୀ, ମରିଚିଆ, ପାତିମୁଣ୍ଡିଆ, ଜହ୍ନାଥଳି, କୁଣ୍ଡାଖାଇ, ମନବୋଧିଆ, ବାଇଡଙ୍କିଆ, ମାଳତି ମୁଣ୍ଡିଆ, ଟୁବୁରି ମୁଣ୍ଡିଆ ଓ ପାଣ୍ଡବ ପାହାଡ ଆଦି । ଏହି ପର୍ବତମାଳାରେ ଅନେକ ଝର ଝରଣା ଆଦି ରହିଛି । ସେଗୁଡିକ ହେଲା ଅଶ୍ରୁକୁମାରୀ ବା ଅସୁରକୁମାରୀ ଝର, ବାଘ କୋରଡ ଝର, ବଘେଇ ଝର, ଟଭା ଝର, ଅଶୋକ ଝର, ଆମ୍ବ ଝର, ଚଣ୍ଡୀ ଝର ଆଦି । ଏହି ଝରଗୁଡିକ ପର୍ବତର ବିଭିନ୍ନ ସ୍ଥାନରୁ ପ୍ରବାହିତ ହେଉଛି । ଏସବୁ ମଧ୍ୟରୁ ଅଶ୍ରୁକୁମାରୀ ବା ଅସୁର କୁମାରୀ ଏକ ପ୍ରମୁଖ ଝରଣା ଅଟେ । ଏହାକୁ କେହି କେହି ଅଶ୍ରୁମୁଖୀ ଝର ବା ଜଳପ୍ରପାତ କହିଥା'ନ୍ତି । ପର୍ବତରେ ଚାଳିଶ ଫୁଟ ଉଚ୍ଚରୁ, ତା' ତଳ ପଚିଶ ଫୁଟ ଉଚ୍ଚରୁ ଏବଂ ଶେଷରେ ଦଶଫୁଟ ଉଚ୍ଚରେ ଝର ଜଳ ସର୍ବଦା ନିର୍ଗତ ହୋଇଥାଏ । ବର୍ଷାଦିନେ ଉପର ତଳ ହୋଇ ତିନୋଟି ସ୍ଥାନରୁ ଏକ ସିଧା ସରଳ ଧାରାରେ ଜଳ ପ୍ରବାହର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ଏହି ଜଳ ପ୍ରପାତ ତଳେ ପାଖକୁ ଲାଗି ଅସୁରକୁମାରୀ ଠାକୁରାଣୀଙ୍କ ମନ୍ଦିର ରହିଛି । ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କ ଉଦ୍ୟମରେ ଓଡିଶା ସରକାର ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଛନ୍ତି । ଏହାର ବିକାଶ ଦିଗରେ କିଛି କାର୍ଯ୍ୟ ମଧ୍ୟ ହୋଇଛି । ଛୁଟିଦିନମାନଙ୍କରେ ଏହି ରମଣୀୟ ସ୍ଥାନରେ ପର୍ଯ୍ୟଟକମାନଙ୍କର ଭିଡ ଲାଗି ରହିଥାଏ । ବଜ୍ରକୋଟ ଗ୍ରାମ ନିକଟରେ ଏହି ସ୍ଥାନଟି ଅବସ୍ଥିତ ।

ପୁରାଣ ବର୍ଣ୍ଣିତ ମଣିନାଗ ପର୍ବତ ବହୁ କିଂବଦନ୍ତୀ ବିଜଡିତ । ପର୍ବତ ଉପରେ ଥିବା ମଣିନାଗ ଦୁର୍ଗାଙ୍କ ପୀଠ ଏକ ତନ୍ତ୍ର ପୀଠ ରୂପେ ପରିଚିତ । ଏହା ଦୂରରୁ ସାପର ଫଣା ଭଳି ଦେଖାଯାଉଥିବାରୁ କବିବର ରାଧାନାଥ ରାୟ ଲେଖିଛନ୍ତି – ଫଣାଧରାକୃତି ମୈନାକ ଶିଖରୀ, ଯା' ଶିରେ ବସନ୍ତି ରଣପୁରେଶ୍ୱରୀ । ସେ ପୁଣି 'ଚନ୍ଦ୍ରଭାଗା' କାବ୍ୟରେ ଲେଖିଛନ୍ତି– ନରେନ୍ଦ୍ର ମଉଳି କୁସୁମ ରେଣୁ ରକ୍ତଚରଣା ମୈନାକ ଶିଖର ବାସିନୀ ରଣପୁର ମଣ୍ଡନା ।

ପର୍ବତ ଉପରେ ମଣିନାଗ ମନ୍ଦିର ଥିବାବେଳେ ପର୍ବତ ତଳେ ଆଉ ଏକ ମନ୍ଦିର ଦେଖିବାକୁ ମିଳେ । ଏହା ତଳ ମଣିନାଗ ମନ୍ଦିର ନାମରେ ପରିଚିତ । ପୂଜକ ପ୍ରତିଦିନ ପର୍ବତ ଉପରକୁ ଯାଇ ପୂଜା କରିବାରେ ବାଧା ଉପୁଜିଲା । ଫଳରେ ରାଜା ଗିରିଧାରୀ ସିଂହ ନରେନ୍ଦ୍ର ମହାପାତ୍ର ଦେବୀଙ୍କ ସ୍ୱପ୍ନାଦେଶ ବଳରେ ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ପର୍ବତ ତଳେ ମନ୍ଦିର ନିର୍ମାଣ କଲେ । ଏହି ତଳ ମଣିନାଗକୁ ଲାଗି ରାଜାଙ୍କ ପୁରୁଣା ନଅର ମଧ୍ୟ ଥିଲା । ଏବେ ଲୋକମାନେ ମଣିନାଗ ଦୁର୍ଗାଙ୍କ ପୂଜା ଏହିଠାରେ ହିଁ କରିଥା'ନ୍ତି । ମଣିନାଗ ପୀଠରେ ତିନିଥର ଶଙ୍ଖୁଡି ଭୋଗ ହୋଇଥାଏ । ଆଦିବାସୀ କନ୍ଧଜାନୀ ମା'ଙ୍କର ପୂଜକ । ଏବେ ବ୍ରାହ୍ମଣ ପୂଜକ ଏହି ପୂଜାରେ ସାମିଲ ହେଲେଣି ।

ମଣିନାଗ ଦୁର୍ଗାଙ୍କ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଦଶହରାର ଷୋଳଦିନ ପର୍ବ ହେଉଛି ବଡ ପର୍ବ । ଆଶ୍ୱିନ ମାସ ଦ୍ୱିତୀୟା ଓଷାଠାରୁ ଏହି ଷୋଳ ପୂଜା ଆରମ୍ଭ ହୋଇ ନବମୀ ଦିନ ପର୍ଯ୍ୟନ୍ତ ଚାଲିଥାଏ । ଦଶହରା ଦିନ ପୂଜା ଉଦ୍‌ଯାପିତ ହୁଏ । ଦଶହରା ଦିନ ସାତଥର ତୋପଧ୍ୱନି କରାଯାଏ । ତୋପଧ୍ୱନି ଶୁଣିବା ପରେ ଲୋକେ ଶୁଭ ଅନୁକୂଳ କରିଥା'ନ୍ତି । ରଣପୁର ଗଡର ପଞ୍ଚୁଦୋଳ ଯାତ୍ରାରେ ମଣିନାଗ ଦୁର୍ଗା ଥାନାଧିପତି ହୋଇ ପୂଜା ପାଇଥା'ନ୍ତି । ଏଥିରେ ପୂର୍ବତନ ରଣପୁର ରାଜ୍ୟର ବିଭିନ୍ନ ଗ୍ରାମରୁ ୧୦୮ଟି ଦୋଳର ସମାଗମ ହୋଇଥାଏ । ଏହାବ୍ୟତୀତ ଅନ୍ୟାନ୍ୟ ପର୍ବ ମଧ୍ୟ ପାଳିତ ହୋଇଥାଏ ।

ପୁରାଣ ପ୍ରସିଦ୍ଧ ମଣିନାଗ ଏକଦା ପ୍ରସିଦ୍ଧ ଥିଲା ତନ୍ତ୍ରପୀଠ ରୂପେ । ଏହି ଦୁର୍ଗମ ପର୍ବତରେ ମା'ଙ୍କୁ ଅନେକ ଇତିହାସ ଓ କିଂବଦନ୍ତୀ ବିଜଡିତ । ପର୍ବତ ଉପରୁ ଏହି ସ୍ଥାନର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ । ରଣପୁରବାସୀଙ୍କ ଉଦ୍ୟମକ୍ରମେ ତଳ ମଣିନାଗର ପୀଠରୁ ଉପର ମଣିନାଗ ପର୍ଯ୍ୟନ୍ତ ରାସ୍ତା କରାଯାଇଛି । କିନ୍ତୁ ତାହା ପୂର୍ଣ୍ଣାଙ୍ଗ ହୋଇନାହିଁ। ଏ ଦିଗରେ ଭୁବନେଶ୍ୱରର ପୂର୍ବତନ ମେୟର ମିହିର କୁମାର ମହାନ୍ତି, ପ୍ରାଧ୍ୟାପକ ଗୋଦାବରୀଶ ଶତପଥୀ, ଯୁବ ସମାଜସେବୀ ବିମଳ କୁମାର ଅଗ୍ରୱାଲା ଓ ଗବେଷକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ସଂପ୍ରତି ମାନ୍ୟବର ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢୀଙ୍କ ଉଦ୍ୟମରେ ଏହି ପୀଠର ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବା ଖୁସିର ବିଷୟ ।

ଯୁଗ ଯୁଗ ଧରି ଚାଲିଛି
ମାତାଙ୍କର ଅର୍ଚ୍ଚନା
ପୁରାଣ ଓ ଇତିହାସରେ
ରହିଅଛି ବର୍ଣ୍ଣନା ।
ନେତ୍ର ପ୍ରୀତିପଦ ଏଧାମେ
ଥରେ ଯେ ପଦ ଚାଳେ
ଅମରାବତୀର ସୁଖକୁ
ମର୍ତ୍ତେ ଲଭଇ ହେଳେ ।


**ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା**
**ମୋ. ୯୨୩୭୦୮୯୫୦୯**


---

# ବାଟବଣା ବାଂଲାଦେଶ

ଗତ କିଛିମାସ ଧରି ବାଂଲାଦେଶ ଅଶାନ୍ତ ବାତାବରଣ ଭିତରେ ଗତିକରୁଛି । ଅଶାନ୍ତି, ଅସନ୍ତୋଷ, ଦଙ୍ଗା ହଙ୍ଗାମା, ଭଙ୍ଗାରୁଜା, ପୋଡାଜଳା, ହତ୍ୟା ଲୁଣ୍ଠନ ଆଦି ନାରକୀୟକାଣ୍ଡ ଲାଗି ରହିଛି । ୧୯୭୧ ମସିହାରେ ଭାରତ ବାଂଲାଦେଶକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବାରେ ଅକୁଣ୍ଠ ସହଯୋଗ କରିଥିଲା କିନ୍ତୁ ସମ୍ପ୍ରତି ବାଂଲାଦେଶ ଭାରତ ସହିତ ବିଶ୍ୱାସ ଘାତକତାର ସୀମା ଉଲ୍ଲଂଘନ କରିଛି । ଭାରତୀୟ ସେନା ପାକିସ୍ତାନ ସହିତ ପ୍ରାଣମୂର୍ଚ୍ଛା ଲଢ଼ି ବାଂଲାଦେଶକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ପରିଚୟ ଦେଇଥିଲା । ଏହି ଯୁଦ୍ଧରେ ୩୮୪୩ ଜଣ ଭାରତୀୟ ସେନାଙ୍କୁ ପ୍ରାଣବଳି ଦେବାକୁ ପଡିଥିଲା କିନ୍ତୁ ପରିତାପର ବିଷୟ ଦୀର୍ଘଦିନ ଧରି ରହିଥିବା ବନ୍ଧୁତାକୁ ଆଜି ବାଂଲାଦେଶୀ କୁଠାରଘାତ କରି ପାକିସ୍ତାନ ସହ ହାତ ମିଳାଇ ଭାରତ ପାଇଁ ଷଡଯନ୍ତ୍ରର ବ୍ୟୂହ ରଚନା କରିବାରେ ଲାଗି ପଡ଼ିଛନ୍ତି ।

ଫଳତଃ ଦେଶରେ ଯୁବଛାତ୍ର ଆନ୍ଦୋଳନ, ରାଜନୈତିକ ଅସ୍ଥିରତା, ସାମ୍ପ୍ରଦାୟିକ ହିଂସା, ନରସଂହାର, ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ ଦେଢବର୍ଷର ମହମ୍ମଦ ୟୁନୁସଙ୍କ କାମଚଳା ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ଫଳରେ ରାଜନୈତିକ ସ୍ଥିତି ଅସମ୍ଭାଳ ହେବା ସଙ୍ଗେସଙ୍ଗେ ଆଭ୍ୟନ୍ତରୀଣ ହିଂସା ଉଗ୍ରରୂପ ନେବାରେ ଲାଗିଛି । ଦେଶର ଧନଜୀବନ ବିପଦମୁଖୀ ହୋଇପଡ଼ିଛି । ଫଳତଃ ଆଗାମୀ ଦୁଇମାସ ମଧ୍ୟରେ ନିର୍ବାଚନ ହେବା ପାଇଁ ଘୋଷଣା କରାଯାଇଛି । ବିଡ଼ମ୍ବନାର ବିଷୟ ଆଜିର ଯୁବଗୋଷ୍ଠୀ ବଙ୍ଗବନ୍ଧୁ ମୁଜବର ରହମାନଙ୍କ ତ୍ୟାଗ, ବଳିଦାନକୁ ଉପେକ୍ଷା କରି ତାଙ୍କ ପ୍ରତିମୂର୍ତ୍ତିକୁ ନିର୍ମମ ଭାବେ ଭାଙ୍ଗି ଦିଆଯାଇଛି । ଜଣେ ଛାତ୍ରନେତା ଆତତାୟୀ ଗୁଳିରେ ଶିକାର ହେବା ଆଜିର ଯୁବପିଢିଙ୍କ ଦେଶପ୍ରେମ ଓ ଆତଙ୍କି ବିଚାରଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଢାକାରେ ଥିବା ଭାରତୀୟ ଦୂତାବାସ ଉପରେ ଆକ୍ରମଣ, ପୂର୍ବତନ ରାଷ୍ଟ୍ରପତିଙ୍କ ବାସଭବନ ଭଙ୍ଗାରୁଜା ସହରରେ ଅଶାନ୍ତ ବାତାବରଣ ସୃଷ୍ଟି କରିଛି । ବିପଦରେ ମିତ୍ରତାର ହାତ ବଢ଼ାଇଥିବା ଭାରତ ସହିତ ଶତ୍ରୁତା ଆଚରଣ କରିବା ବାଂଲାଦେଶରେ ପ୍ରତିଦିନ ଘଟୁଥିବା ଘଟଣା ଉପରେ ଭାରତକୁ ନିଶାନା କରିବା ସହିତ ଗଣମାଧ୍ୟମରେ ଅପପ୍ରଚାର କରିବା ଓ ବିରୋଧାଭାସ ନାରାଦେବାରୁ ସ୍ପଷ୍ଟ ଅନୁମେୟ । ଦୁଃଖର ବିଷୟ ଆଜିର ଯୁବପିଢି ପୂର୍ବ ପାଞ୍ଚଦଶନ୍ଧିର ଲୁହଲହୁ ବିଜଡିତ ସଂଗ୍ରାମର ଇତିହାସ ବିଷୟରେ ଜାଣି ନାହାଁନ୍ତି ।



ନିର୍ମଳ ଚନ୍ଦ୍ର ସାମଲ

ଆଜି ସଂଖ୍ୟାଲଘୁ ହିନ୍ଦୁମାନେ ଅସୁରକ୍ଷିତ, ହିନ୍ଦୁ ମନ୍ଦିରଗୁଡିକୁ ଭାଙ୍ଗି ଦିଆଯାଉଛି । ରାସ୍ତାଘାଟରେ ସେମାନେ ଗମନାଗମନ କରିବାକୁ ଭୟ କରୁଛନ୍ତି । ଶେଖ୍ ହସିନାଙ୍କ ସରକାର ପତନ ପରେ ପ୍ରବଳ ବିଦ୍ରୋହ ମୁଣ୍ଡ ଟେକିବାରୁ ସେ ପ୍ରାଣଭୟରେ ଭାରତକୁ ପଳାଇ ଆସିଥିଲେ । ଭାରତ ଗତ ଦେଢବର୍ଷ ଧରି ତାଙ୍କୁ ଆଶ୍ରୟ ଦେଇଥିବାରୁ ବାଂଲାଦେଶୀ ଲୋକେ ଭାରତ ବିରୋଧୀ ହୋଇ ପଡିଛନ୍ତି । ହାସିନାଙ୍କ ଆୱାମି ଲିଗ୍ ଦଳ ଆଗାମୀ ନିର୍ବାଚନରେ କିପରି ଭାଗ ନେଇ ନପାରିବେ ସେଥିପାଇଁ ୟୁନିସ ସରକାର ଲାଗି ପଡ଼ିଛନ୍ତି । ସେଠାରେ ଝିମିଟି ଖେଳରୁ ମହାଭାରତ ପରି ଘଟଣା ଦେଖାଯାଉଛି । ଭାରତରେ ହାସିନା ବିଦ୍ରୋହୀଙ୍କ କବଳରେ ଶାସନ ନିକଟରେ ନିର୍ବାଚନ । ତଥାପି ବାଂଲାଦେଶରେ ବିଦ୍ରୋହ, ଅଶାନ୍ତି ଓ ପୋଡାଜଳା କାହିଁକି କାମଚଳା ସରକାରର ମୁଖ୍ୟପ୍ରସଙ୍ଗ । ୟୁନିସ ବୟସାଧିକ୍ୟ କାରଣରୁ କୌଣସି ସଠିକ୍ ନିଷ୍ପତ୍ତି ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଅନେକ ଉପଦେଷ୍ଟା କାମଚଳା ସରକାରଙ୍କୁ ସହଯୋଗ ଦେଉନାହାନ୍ତି ଓ ତାଙ୍କ ମଧ୍ୟରେ ତାଳମେଳ ରହୁନାହିଁ । ବାଂଲାଦେଶ ସୃଷ୍ଟିହେବା ପରେ ଭାରତ ବାଂଲାଦେଶ ସୀମା ନିର୍ଦ୍ଧାରଣ ହୋଇଥିଲା । କିନ୍ତୁ ଶହଶହ କିଲୋମିଟର ସୀମାରେ ଲୁହାବାଡ ନଥିଲା । ବିଜେପି ସରକାର ଆସିବା ପରେ ପଡୋଶୀ ବାଂଲାଦେଶ, ଚୀନ ଓ ପାକିସ୍ତାନ ସୀମାରେ ଲୁହାବାଡ କରାଯାଉଛି । ପୂର୍ବରୁ ବାଂଲାଦେଶର କେତେକ ବ୍ୟକ୍ତି ଅନାୟସରେ ଭାରତ ସୀମାରେ ପ୍ରବେଶ କରି ନିଜର ଫାଇଦା ଉଠାଉଥିଲେ । ଅନୁପ୍ରବେଶ ରୋକିବାକୁ କେନ୍ଦ୍ର ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନରେ ପଡୋଶୀ ବାଂଲାଦେଶୀ ଏକପ୍ରକାର ଛାନିଆ ହୋଇପଡ଼ିଛନ୍ତି । ଶହଶହ ମାଇଲ ସୀମାନ୍ତ ଅଞ୍ଚଳ ଖୋଲା ପଡିଥିବାରୁ ଭାରତୀୟ ଇଲାକାରେ ପ୍ରବେଶକରି ଚୋରି, ଡକାୟତି ଆଦି ନାରକୀୟ କାଣ୍ଡ ସୃଷ୍ଟି କରୁଛନ୍ତି । ଅନେକ ସମୟରେ ଭାରତ ସୀମାରେ ଥିବା ଧାନଫସଲ ନଷ୍ଟ କରିଦେବା, ଗୋରୁଗାଈ ଚୋରେଇନେବା ନିତିଦିନିଆ ଘଟଣା । ଏଥିରେ ଆମର ସୀମାସୁରକ୍ଷା ବଳ ରୋକ୍ ଲଗାଇ ଥିବାରୁ ସେମାନେ କ୍ଷୁବ୍ଧ ହୋଇ ଭାରତ ବିରୁଦ୍ଧରେ କୁତ୍ସାରଟନା କରୁଛନ୍ତି । ଅନୁପ୍ରବେଶ ରୋକିବାକୁ ସମ୍ପ୍ରତି ସରକାର ଗୁରୁତ୍ୱ ଦେଇଥିବାରୁ ସୀମା ଶାନ୍ତ ଓ ସୁରକ୍ଷିତ ରହିଛି । ସୀମାରେ ରାସ୍ତା ନିର୍ମାଣ ଲୁହା ବାଡ, ତା'ର ଜାଲିକାମ ଦ୍ରୁତଗତିରେ ଚାଲିଛି । ବାଂଲାଦେଶରେ ବେକାରୀ ଦରିଦ୍ରତା ଚରମ ସୀମାରେ ପହଞ୍ଚିଥିଲେ ମଧ୍ୟ ସରକାର ମୁଖ୍ୟ ପ୍ରଃ.ୟୁନୁସ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଭଳି ମନେହୁଏ । ଅଶାନ୍ତ ପରିବେଶକୁ ରୋକି ନପାରିବା, ନିର୍ବାଚନ ପୂର୍ବରୁ ସ୍ଥିତାବସ୍ଥା ବଜାୟ ନରଖିବା ବିଡମ୍ବନାର ବିଷୟ । ଭାରତ ବାଂଲାଦେଶର କୂଟନୈତିକ ସମ୍ପର୍କ ଦିନକୁଦିନ ତିକ୍ତ ହେବାକୁ ବସିଲାଣି । ଏଥିପାଇଁ ୟୁନୁସ ସରକାର ସମ୍ପୂର୍ଣ୍ଣ ଦାୟୀ କହିଲେ ଅତ୍ୟୁକ୍ତି ହେବନାହିଁ । ହିନ୍ଦୁ ଧର୍ମାବଲମ୍ବୀଙ୍କ ସମେତ ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରମାଦ ଗଣିଲେଣି । ଏଥିରେ ୟୁନିସ ସରକାର ସମ୍ପୂର୍ଣ୍ଣ ଉଦାସୀନ । ଏକଥା କହିବା କାହାକୁ ଶୁଣିବ କିଏ? ପ୍ରଃ. ୟୁନୁସ ନିଜର ଦୋଷ ଲୁଚାଇବାକୁ ଯାଇ ଏଘର ମାଉସୀ ସେଘର ପିଉସୀ ଭଳି ହେଉଛନ୍ତି । ଦୋଦୁଲ୍ୟମାନ ୟୁନୁସ ସରକାର ପାକିସ୍ତାନ ପାଖରେ ଲସର ପସର ହେଉଛି । ଏ ଅପରିଣାମଦର୍ଶୀ କାର୍ଯ୍ୟରେ ପାକିସ୍ତାନ ଫାଇଦାରେ ରହିଛି । ଏ ଚିନ୍ତାଜନକ ପରିସ୍ଥିତିରେ ଅନ୍ତର୍ଜାତୀୟ ସମୁଦାୟ ସମୟୋଚିତ ହସ୍ତକ୍ଷେପ କରିବାର ଆବଶ୍ୟକତା ଅନୁଭୂତ ହେଉଛି ।


*ପୋଖରୀପୁଟ, ଭୁବନେଶ୍ୱର*


---

# ବିଦାୟ ପରିବର୍ତ୍ତନ, ବିରୋଧର ବର୍ଷ ୨୦୨୫

**■ ଗୋପାଳ ମହାପାତ୍ର**

ସମୟ ଗଡିଚାଲିଛି, ସମୟ ସହ ତାଳ ମିଳାଇ ୨୦୨୫ ମଧ୍ୟ ବିଦାୟ ନେଉଛି । ୨୦୨୫ ମଧ୍ୟ ପୂର୍ବ ବର୍ଷମାନଙ୍କ ଭଳି ତା'ର ପାଦ ଚିହ୍ନ ଛାଡିଯାଉଛି । ଆଉ ଫେରିବନି। ନିଜର ସବୁ ଭଲ ମନ୍ଦ, ଖୁସି କାନ୍ଦ ସବୁକୁ ୨୦୨୬ ପାଇଁ ଛାଡିଦେଇ କାଳଗର୍ଭରେ ହଜି ଯାଉଛି କିନ୍ତୁ ଯାହା କିଛି କରିଛି, ଯାହା କିଛି ସହିଛି ସେ ସବୁ ଇତିହାସରେ ଲିପିବଦ୍ଧ ହୋଇଯାଉଛି । ୨୦୨୫ କେବଳ ଏକ ସାଧାରଣ କ୍ୟାଲେଣ୍ଡର ବର୍ଷ ନଥିଲା ବରଂ ଏମିତି ସବୁ ଘଟଣା କ୍ରମର ସାକ୍ଷୀ ହୋଇଥିଲା ଯାହାର ପ୍ରଭାବ ରାଜନୀତି, ଅର୍ଥବ୍ୟବସ୍ଥା, ସମାଜ ଏବଂ ଜନମାନସକୁ ଅନେକ ସମୟ ଆଚ୍ଛାଦିତ କରି ରଖିବ। ଅନ୍ତର୍ଜାତୀୟ ମଞ୍ଚଠାରୁ ଦେଶର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ, ବାଦ–ବିବାଦ, ସମ୍ବାଦ, ନିର୍ଣ୍ଣୟ, ଟଣାଓଟରା, ସୌହାର୍ଦ୍ଦ୍ୟ, ଉପଲବ୍ଧି ଏବଂ ପ୍ରୟୋଗ ସବୁରେ ଅନେକ ଖୁସି ସହ କେବେ ବି ଭୁଲି ନହେବା ଭଳି ଦାଗ ଛାଡି ଯାଇଛି ୨୦୨୫ ।

ଅନ୍ତର୍ଜାତୀୟ ଘଟଣାକ୍ରମ ଉପରେ ନଜର ପକାଇଲେ ତ ଋଷ–ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ– ହମାସ ଲଢେଇ ଜାରି ରହିଛି, ଥମିବାର ନାଁ ଧରୁନାହିଁ । ନେପାଳରେ ଜେନ ଜି ଆନ୍ଦୋଳନ ଓଲି ସରକାରଙ୍କ ପତନ ଘଟାଇଥିଲା ଓ ଶୁଶୀଳା ଯୋଶୀଙ୍କୁ ଗାଦିରେ ବସାଇଥିଲା । ସେହିପରି ବଙ୍ଗଳାଦେଶରେ ମଧ୍ୟ ଶେଖ ହସିନାଙ୍କୁ ସେଠାକାର ଅଦାଲତ ଫାସି ଦଣ୍ଡ ଶୁଣାଇଥିଲେ। ଅପରେସନ ସିନ୍ଦୁର ପାକିସ୍ଥାନ ପାଇଁ ଝଟକାଥିଲା କିନ୍ତୁ ତାହା ସତ୍ତ୍ୱେ ଅସୀମ ମୁନୀରଙ୍କ ଫୁଟାଣି ଭାଙ୍ଗୁନାହିଁ । ଅନ୍ୟପକ୍ଷରେ ଏବେ ବି ପାକିସ୍ଥାନର ଜନତା ଇମ୍ରାନଖାନଙ୍କୁ ପସନ୍ଦ କରୁଛନ୍ତି ଓ ଶାହାବାଦ ଶରିଫ ଏକ କାଠକଣ୍ଢେଇ ପ୍ରଧାନମନ୍ତ୍ରୀ ଭଳି ସରକାର ଚଳାଉଛନ୍ତି । ଏସବୁ ଘଟଣାକ୍ରମରୁ ଟିକିଏ ଅଲଗା ୨୦୨୫ରେ ଟ୍ରମ୍ପଙ୍କ 'ଟାରିଫ ଟେରର' ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ବ୍ରାଜିଲ, ଚୀନ, ଏବଂ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଟାରିଫ ଲଗାଇଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଭାରତୀୟ ଜିଡ଼ିପି ଆଶାତୀତ ଭାବେ ବଢ଼ିଥିଲା। ଆତଙ୍କବାଦ ବୃଦ୍ଧି ଏବଂ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଜାରି ରହିଥିଲା ଯାହା ପହଲଗାମ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର କାର୍ଯ୍ୟକାରୀ କରିଥିଲା। ଆଫଗାନିସ୍ଥାନ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ମଧ୍ୟ ଅଧିକ ହୋଇଥିଲା। ଟ୍ରମ୍ପଙ୍କ ଟାରିଫ ବୃଦ୍ଧି କାରଣରୁ ବୈଶ୍ୱିକ ବ୍ୟାପାର ପ୍ରଭାବିତ ହୋଇଥିଲା । ଏହାଫଳରେ ଭାରତ ସମେତ ଅନେକ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଉପରେ ଚାପ ପଡିଥିଲା। ରପ୍ତାନୀ ଏବଂ ମୁଦ୍ରା ବଜାର ମଧ୍ୟ ପ୍ରଭାବଗ୍ରସ୍ତ ହୋଇଥିଲା। ଏହି ୨୦୨୫ରେ ଲୋହିତ ସାଗର ଏବଂ ଅନ୍ୟ କେତେକ ସାମୁଦ୍ରିକ ଅଞ୍ଚଳରେ ସମୁଦ୍ର ମାର୍ଗରେ ଅସ୍ଥିରତା କାରଣରୁ ଅନେକ ଦେଶ ସେମାନଙ୍କର ସାମୁଦ୍ରିକ ବ୍ୟବସାୟ ପାଇଁ ରାସ୍ତା ବଦଳାଇ ଦେଇଥିଲେ। ଅଶୋଧିତ ତୈଳର ମୂଲ୍ୟରେ ଅସ୍ଥିରତା ଦେଖାଯାଇଥିଲା ।

ଆର୍ଥିକ ଦୃଷ୍ଟିରେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଭାରତର ରାଷ୍ଟ୍ରୀୟ ପରିଦୃଶ୍ୟରେ ମଧ୍ୟ ୨୦୨୫ ଘଟଣା ବହୁଳ ବର୍ଷ ଥିଲା। ଅନେକ ଯୋଜନାର ପୁନର୍ଗଠନ ଏବଂ ରାଜନୈତିକ ସଙ୍କେତ ଦେଶ ଭିତରେ ୨୦୨୫ରେ ସର୍ବାଧିକ ଚର୍ଚ୍ଚାର ବିଷୟଥିଲା । ମନରେଗାର ପୁନର୍ଗଠନ କରାଯାଇ ତାକୁ ବିକଶିତ ଭାରତ ଜି–ରାମ–ଜି ରୂପରେ ପ୍ରସ୍ତୁତ କରାଯାଇଥିଲା । ବିରୋଧୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ସରକାର ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିଦେଇଥିଲେ। ବିରୋଧିଦଳ ଏହି ଯୋଜନାକୁ 'ନୂଆ ବୋତଲରେ ପୁରୁଣା ମଦ'ର ଆଖ୍ୟା ଦେଇଥିଲେ। ସଂସଦର ଶୀତକାଳୀନ ଅଧିବେଶନରେ ଏହି ନାମ ପରିବର୍ତ୍ତନକୁ ନେଇ ପ୍ରବଳ ହୋହାଲ୍ଲା ହୋଇଥିଲା। ଗ୍ରାମାଞ୍ଚଳରେ ରୋଜଗାର, ବଜେଟ ଆବଣ୍ଟନ ଏବଂ ରାଜ୍ୟ ମାନଙ୍କର ଭୂମିକା ପ୍ରସଙ୍ଗ ୨୦୨୫ର ବିମର୍ଷର ବିଷୟ ଥିଲା । ଏହି ବର୍ଷ ନିର୍ବାଚନ ସୁଧାର, ଏକ ଦେଶ–ଏକ ନିର୍ବାଚନ ଏବଂ ପ୍ରଶାସନିକ ପାରଦର୍ଶିତା ଭଳି ପ୍ରସଙ୍ଗକୁ ନେଇ ଶାସକ ବିରୋଧୀ ଆମନା ସାମନା ହୋଇଥିଲେ। ବିଶେଷ ଗହନ ପୁନଃ ନୀରିକ୍ଷଣ (ଏସ୍ ଆଇ ଆର) ମଧ୍ୟ ଚର୍ଚ୍ଚାରେ ଥିଲା। ବିହାରରେ ୬୫ଲକ୍ଷ ଲୋକ ଭୋଟର ତାଲିକାରୁ ବାଦ ପଡିଥିଲେ। ମମତା ବାନାର୍ଜୀଙ୍କ ବିରୋଧକୁ ୨୦୨୫ର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଭାବେ ବିବେଚନା କରାଯାଇଥିଲା। ୨୦୨୫ରେ ନିର୍ବାଚନ ଆୟୋଗ ବିରୋଧୀଙ୍କ ଟାର୍ଗେଟରେ ଥିଲେ ।

ଆର୍ଥିକ ଘଟଣାକ୍ରମରେ ଦରଦାମ ବୃଦ୍ଧି, ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଚାପ ଚର୍ଚ୍ଚାରେ ଥିଲା। ଦରଦାମ ନିୟନ୍ତ୍ରଣ ସରକାରଙ୍କ ପାଇଁ ଚାଲେ ସୃଷ୍ଟି କରିଥିଲା। ବୈଶ୍ୱିକ ଅସ୍ଥିରତାର ପ୍ରଭାବ ସିଧାସଳଖ ଭାବେ ଖାଦ୍ୟ ପଦାର୍ଥ ଓ ଇନ୍ଧନ ଉପରେ ପଡିଥିଲା। ସୁନା ରୂପରେ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଥିଲା । ସେହିପରି ଡିଜିଟାଲ ନେଣ ଦେଣ ପ୍ରଣାଳୀ ମଧ୍ୟ ରେକର୍ଡ ସୃଷ୍ଟି କରିଥିଲା। ଷ୍ଟାର୍ଟଅପ ଏବଂ ଗ୍ରୀନ ଏନର୍ଜୀ କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ିଥିଲା। ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରାଜିବା ପରେ ବ୍ୟବସାୟ ଏବଂ ପୁଞ୍ଜିନିବେଶକୁ ଫାଇଦା ମିଳିଥିଲା । ୨୦୨୫ରେ ଭାରତ ବିଶ୍ୱର ସବୁଠାରୁ ବୃହତ୍ ଡିଜିଟାଲ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଥିଲା। କିନ୍ତୁ ଦେଶର ମଧ୍ୟମ ବର୍ଗଙ୍କ ଅବସ୍ଥା, ଗ୍ରାମାଞ୍ଚଳର ଅର୍ଥବ୍ୟବସ୍ଥା ସୁଧୁରି ପାରିନଥିଲା। ୨୦୨୫ରେ ବେରୋଜଗାରୀକୁ ନେଇ ଚିନ୍ତା ବଢିଥିଲା। ଡିଜିଟାଲ ଯୁଗରେ ନିଜସ୍ୱ ତଥ୍ୟ (ଡ଼ାଟା)ର ସୁରକ୍ଷା ଓ ମହିଳାଙ୍କ ସୁରକ୍ଷା ଏପରିକି କାର୍ଯ୍ୟାଳୟରେ ସମାନତା, ଶିକ୍ଷା ତଥା ପ୍ରତିଯୋଗୀ ପରୀକ୍ଷାକୁ ନେଇ ବିବାଦ, ଆନଲାଇନ୍ ଠକେଇ ବୃଦ୍ଧି ଲୋକଙ୍କ ପାଇଁ ସମସ୍ୟା ପାଲଟିଥିଲା। ଖେଳ ମୋର୍ଚ୍ଚାରେ ୨୦୨୫ ଭାରତ ପାଇଁ ଉତ୍ସାହଜନକ ଥିଲା। ଭାରତ ଏସୀଆ କପ୍ କ୍ରିକେଟ ଜିତିଥିଲା। ଯୁବ ଖେଳାଳିମାନଙ୍କ ପ୍ରଦର୍ଶନ ଉତ୍ତମଥିଲା ।


**ରାମଚନ୍ଦ୍ରପୁର, ରଣପୁର**
**ମୋ: ୯୪୩୮୪୮୫୦୯୪**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୩୧ ଡିସେମ୍ବର ୨୦୨୫ ବୁଧବାର ପୃଷ୍ଠା ୫




ଶୀତଋତୁ ଅନେକଙ୍କ ପାଇଁ ଉପଭୋଗ୍ୟ ହୋଇଥାଏ । ତେବେ ହୃଦ୍ ସମସ୍ୟାରେ ପୀଡ଼ିତ ଲୋକମାନଙ୍କ ପାଇଁ ଏହା କଷ୍ଟକର ସମୟ । କାରଣ ଏହି ଋତୁରେ ସେମାନଙ୍କୁ ନିଜର ସ୍ୱାସ୍ଥ୍ୟ ଏପରେ ଅଧିକ ନଜର ରଖିବାକୁ ହୋଇଥାଏ । ଡାକ୍ତରୀ ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି ଋତୁରେ ପରିବେଶର ତାପମାତ୍ରା କମ୍ ହେବା ପରେ ହୃଦାଘାତ ଏବଂ ହୃଦ୍ ସମ୍ପର୍କିତ ଅନ୍ୟାନ୍ୟ ରୋଗର ସମସ୍ୟା ବଢ଼ିଯାଏ । ଆମ ଶରୀରରେ ଏବଂ ଆମ ବାତାବରଣରେ ଏହି ଋତୁରେ ହେଉଥିବା କେତେକ ପରିବର୍ତ୍ତନ କାରଣରୁ ଏପରି ହୋଇଥାଏ ।





# ଶୀତରେ ବଢ଼େ ହୃଦ୍ ସମସ୍ୟା

**ଶୀ**ତଦିନେ ଶରୀରର ଉଷ୍ମତାକୁ ଧରିରଖିବାର ଉଦ୍ୟମରେ ଆମର ରକ୍ତବାହୀ ନଳିକାଗୁଡ଼ିକ ସଂକୁଚିତ ହୋଇଯାଏ । ଏହାବ୍ୟତୀତ ଶୀତଦିନେ ଝାଳ ମଧ ବାହାରେ ନାହିଁ । ଫଳରେ ଶରୀରରେ ଅଧିକ ଲବଣ ସଂଚିତ ହୋଇଯାଏ । ଯାହାର ପରିଣାମ ସ୍ୱରୂପ ରକ୍ତଚାପ ବୃଦ୍ଧି ପାଏ । ରକ୍ତଚାପ ବଢ଼ିବା ଦ୍ୱାରା ହୃତ୍‌ପିଣ୍ଡ ଉପରେ ଅତିରିକ୍ତ ଚାପ ପଡ଼ିଥାଏ । ଏହି ସ୍ଥିତିରେ ଯେଉଁମାନଙ୍କର ରକ୍ତଚାପ ରହିଛି ସେମାନଙ୍କ ଶରୀରର ଅବସ୍ଥା ଖରାପ ହୋଇଯାଏ ଏବଂ ଶ୍ୱାସ ସମ୍ପର୍କିତ ସମସ୍ୟା ମଧ ଆରମ୍ଭ ହୋଇଯାଏ । ଶୀତଦିନେ ଭୂତାଣୁ ଜନିତ ସଂକ୍ରମଣ ଏବଂ ଉପର ଶ୍ୱାସନଳୀରେ ସଂକ୍ରମଣ ହେବାର ବିପଦ ଅନେକ ବଢ଼ିଯାଏ । ପ୍ରକୃତରେ ଫୁସ୍‌ଫୁସ୍ ଏବଂ ହୃତ୍‌ପିଣ୍ଡର କାର୍ଯ୍ୟପ୍ରଣାଳୀ





ପରସ୍ପର ସହ ଅନେକ ପରିମାଣରେ ସମ୍ପର୍କିତ । ଏସବୁ ସଂକ୍ରମଣ କାରଣରୁ ହୃତ୍‌ପିଣ୍ଡର ସ୍ଥିତି ମଧ ଖରାପ ହୋଇଯାଏ ।

ଶୀତଦିନେ ଅନେକ ପର୍ବପର୍ବାଣି ଏବଂ ସାମାଜିକ ସମାରୋହ ହୋଇଥାଏ । ଏସବୁ ଅବସରରେ ଲୋକମାନେ ସାଧାରଣତଃ ଉଚ୍ଚ କ୍ୟାଲୋରି ଏବଂ ଅଧିକ ଲବଣଯୁକ୍ତ ଖାଦ୍ୟ ଖାଇଥାଆନ୍ତି । ଏହାର ହୃତ୍‌ପିଣ୍ଡ ଉପରେ ପ୍ରତିକୂଳ ପ୍ରଭାବ ପଡ଼େ ।

ଶୀତ ପ୍ରଭାବରେ ଲୋକମାନେ ବାହାରେ ଚଲାବୁଲା କରିବା ଏବଂ ବ୍ୟାୟାମ କରିବା ବଦଳରେ କମ୍ବଳ ବା ରେଜେଇ ତଳେ ରହିବାକୁ ପସନ୍ଦ କରନ୍ତି । ଏହି କାରଣରୁ ଅନ୍ୟ ଋତୁ ତୁଳନାରେ ଶୀତଦିନେ ଲୋକଙ୍କର ଓଜନ ଅଧିକ ବଢ଼ିଥାଏ । ଉପରୋକ୍ତ ସମସ୍ତ କାରଣରୁ ରକ୍ତଚାପ ଏବଂ ହୃଦ୍ ସମସ୍ୟା ଥିବା ଲୋକମାନେ ଶୀତଦିନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ ହୋଇଥାଏ ।

### ନଜର ରଖନ୍ତୁ

ଯେଉଁ ବ୍ୟକ୍ତିମାନେ ଉଚ୍ଚ ରକ୍ତିଚାପ ଏବଂ ହୃଦ୍‌ରୋଗରେ ପୂର୍ବରୁ ପୀଡ଼ିତ ଅଛନ୍ତି ସେମାନେ ଶୀତଦିନେ ଲୁଣ ପରିମାଣ କମ୍ କରିବା ଏବଂ ଅଧିକ ପାଣି ପିଇବା ଆବଶ୍ୟକ । ହୃଦ୍‌ରୋଗୀମାନେ ଶୀତଠାରୁ ନିଜକୁ ସୁରକ୍ଷିତ ରଖିବା ଆବଶ୍ୟକ । ସେମାନେ ସକାଳର ଭ୍ରମଣ ଜାରି ରଖନ୍ତୁ, କିନ୍ତୁ ଏଥିପାଇଁ ଶୀତରେ ନୁହେଁ ବରଂ ଖରା ଆସିବା ପରେ ହିଁ ଯିବା ଭଲ । ସେହିପରି ବିଳମ୍ବିତ ସନ୍ଧ୍ୟାରେ ମଧ ଚାଲିବା ପାଇଁ ଯିବା ଉଚିତ୍ ନୁହେଁ । ହୃଦ୍‌ରୋଗୀମାନେ ଖାଲି ପେଟରେ ବ୍ୟାୟାମ କରିବା ସହ ନିୟମିତ ଭାବରେ ରକ୍ତଚାପ ଯାଞ୍ଚ କରିବା ଆବଶ୍ୟକ । ଓଜନ ନ ବଢ଼ିବା ଉପରେ ମଧ ବିଶେଷ ନଜର ଦେବାକୁ ପଡ଼ିବ । ଏହାପରେ ବି ଯଦି ରକ୍ତଚାପ ବୃଦ୍ଧି ପାଏ ତେବେ ଡାକ୍ତରଙ୍କ ପରାମର୍ଶରେ ଔଷଧର ପରିମାଣ ଅନୁକୂଳିତ କରିବାକୁ ହେବ ।

### ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

ଛାତିରେ ସଂକ୍ରମଣ, ଆଜ୍‌ମା, ବ୍ରୋଙ୍କାଇଟିସ୍ ଆଦି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । କିଛି ଲୋକ ଛାତିରେ ସଂକ୍ରମଣକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ, କିନ୍ତୁ ହୃଦ୍‌ରୋଗୀମାନଙ୍କ ପାଇଁ ଏହି ସମସ୍ୟା ଖୁବ୍ ବିପଜ୍ଜନକ । ବିଶେଷ କରି ଯେଉଁମାନଙ୍କର ହୃଦ୍ ମାଂସପେଶୀ ଦୁର୍ବଳ ହୋଇଯାଇଛି ସେମାନଙ୍କ ପାଇଁ ଏହା ଅଧିକ ବିପଜ୍ଜନକ । ଶ୍ୱାସକ୍ରିୟାରେ ସମସ୍ୟା ହେବା, ପାଦ ଫୁଲିବା କିମ୍ବା ଓଜନ ବଢ଼ିବା ଆଦି ଲକ୍ଷଣ ନଜରକୁ ଆସିଲେ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ । ଡାକ୍ତର ହିଁ ଏହା ସୁନିଶ୍ଚିତ କରିପାରିବେ ଯେ ଆପଣଙ୍କ ଶରୀରର ପ୍ରକୃତ ସମସ୍ୟା କ'ଣ ଏବଂ ସେହି ଅନୁଯାୟୀ ଚିକିତ୍ସା କରିପାରିବେ । ଶ୍ୱାସ ସମ୍ପର୍କିତ ବିଭିନ୍ନ ସଂକ୍ରମଣ ରୋକିବା ପାଇଁ ନ୍ୟୁମୋକୋକଲ ଏବଂ ଇନ୍‌ଫ୍ଲୁଏଞ୍ଜା ଟିକା ନିଅନ୍ତୁ । ବିଶେଷ କରି ଯେଉଁ ବୟସ୍କ ଲୋକମାନଙ୍କର ମଧୁମେହ ଅଛି କିମ୍ବା ଯେଉଁ ବ୍ୟକ୍ତିମାନଙ୍କର ହୃଦ୍ ମାଂସପେଶୀ ଦୁର୍ବଳ ହୋଇଯାଇଛି ସେମାନଙ୍କ ପାଇଁ ଏହା ଅଧିକ ଜରୁରୀ । ଏଭଳି ବ୍ୟକ୍ତିମାନେ ପ୍ରତିବର୍ଷ ଶୀତଦିନେ ଇନ୍‌ଫ୍ଲୁଏଞ୍ଜା ଟିକା ନେବା ସହ ୫ବର୍ଷ ସମୟ ବ୍ୟବଧାନରେ ନିମୋକୋକଲ ଟିକା ନେବା ଆବଶ୍ୟକ ।

---



ସ୍ମାର୍ଟଫୋନ୍‌ର ନିଶା ଅନ୍ୟ କୌଣସି ନିଶାଠାରୁ କମ୍ ନୁହେଁ । ଏହି ନିଶା ପ୍ରତିଦିନ ଏହାର ଶିକାରକୁ ଆହୁରି ଜାବୁଡ଼ି ଧରେ । କିଙ୍ଗସ୍ କଲେଜ ଅଫ୍ ଲଣ୍ଡନର ଗବେଷକମାନେ ଏକ ଅଧ୍ୟୟନରୁ ଜାଣିପାରିଛନ୍ତି ପ୍ରତି ଚାରିଜଣରେ ଜଣେ କିଶୋର ବା ଯୁବକ ସ୍ମାର୍ଟଫୋନ୍ ଉପରେ ଅତ୍ୟଧିକ ନିର୍ଭରଶୀଳ । ଏହା ହଜିଗଲେ, କେଉଁଠି ରହିଗଲେ କିମ୍ବା ଖରାପ ହୋଇଗଲେ ସେମାନେ ବିବ୍ରତ ହୋଇଯାଆନ୍ତି । ବୈଶ୍ୱିକ ସ୍ତରରେ ହୋଇଥିବା ଏହି ଅଧ୍ୟୟନର ପରିଣାମ ବିଏମ୍‌ସି ସାଇକାଇଟ୍ରେ ନାମକ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି । ଏଥିରେ ୨୦୧୧ ବର୍ଷ ପରେ କରାଯାଇଥିବା ୪୧ଟି ଅଧ୍ୟୟନର ବିଶ୍ଳେଷଣକୁ ସାମିଲ କରାଯାଇଥିଲା । ଏହି ଅଧ୍ୟୟନରେ ସ୍ମାର୍ଟଫୋନ୍‌ର ବ୍ୟବହାର ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବର ଆକଳନ କରାଯାଇଛି । ଅଧ୍ୟୟନରେ କୁହାଯାଇଛି ୧୦-୩୦ ପ୍ରତିଶତ କିଶୋର ଏବଂ ଯୁବକ ଅତି ଆତୁର ଭାବରେ ନିଜର ଫୋନ୍ ବ୍ୟବହାର କରନ୍ତି । ଏହାର ଅର୍ଥ ହେଉଛି ସେମାନଙ୍କଠାରେ ପ୍ରୋବ୍ଲେମେଟିକ୍ ସ୍ମାର୍ଟଫୋନ୍ ୟୁଜେସ୍ (ପିଏସ୍‌ୟୁ)ର ଲକ୍ଷଣ ରହିଛି ।



# ସ୍ମାର୍ଟଫୋନ୍‌ର ଶିକାର ଯୁବପିଢ଼ି

**କି**ଙ୍ଗ୍‌ସ କଲେଜ ଅଫ୍ ଲଣ୍ଡନ୍‌ର ଗବେଷକମାନଙ୍କ ଅନୁଯାୟୀ ପିଏସ୍‌ୟୁ ସ୍ମାର୍ଟଫୋନ୍ ସହ ସମ୍ପର୍କିତ ବ୍ୟବହାରିକ ସମସ୍ୟା ଯାହା ଯେ କୌଣସି ପ୍ରକାର ନିଶା ସହ ସମାନ । ଏଥିରେ ଫୋନ୍ ନମିଳିଲେ ବ୍ୟସ୍ତ ବିବ୍ରତ ଲାଗେ ଏବଂ ଏହା ସହ୍ୟ କରିବା କଷ୍ଟକର ହୋଇପଡେ । ଏହାକୁ ଅଣଦେଖା କରିବା ଦ୍ୱାରା ଆଉ ଅନ୍ୟ ସମସ୍ୟା ସବୁ ସୃଷ୍ଟି ହୋଇପାରେ । ଅନ୍ୟ ଶବ୍ଦରେ କହିବାକୁ ଗଲେ ପିଏସ୍‌ୟୁ ଏକ ସମସ୍ୟା ଯେଉଁଥିରେ ବ୍ୟକ୍ତି ୨୪ ଘଣ୍ଟା କେବଳ ସ୍ମାର୍ଟ ଫୋନ୍‌ରେ ଲାଗିରହେ ।

ଗବେଷକମାନେ କହିଛନ୍ତି, ବିଶ୍ଳେଷଣ କରାଯାଇଥିବା ୪୧ ଟି ଅଧ୍ୟୟନ ମଧ୍ୟରେ ଏସିଆ ମହାଦେଶର ୩୦ଟି, ୟୁରୋପ୍‌ର ୯ଟି ଏବଂ ଆମେରିକାର ୨ଟି ଅଧ୍ୟୟନ ସାମିଲ । ଏହି ଅଧ୍ୟନଗୁଡ଼ିକରେ ୫୫ ପ୍ରତିଶତ କିଶୋରୀ ଏବଂ ଯୁବତୀଙ୍କୁ ସାମିଲ କରାଯାଇଥିଲା । ଏଥିରୁ ଜଣା ପଡ଼ିଥିଲା ୧୭ରୁ ୧୯ ବର୍ଷ ବୟସ ଶ୍ରେଣୀର ଯୁବତୀମାନେ ଏହି ନିଶାର ଶୀକାର ହେବାର ଆଶଙ୍କା ଅଧିକ । ଏହି ଅଧ୍ୟୟନର ପରିଣାମରୁ ଜଣା ପଡ଼ିଛି ଯେଉଁମାନେ ସ୍ମାର୍ଟଫୋନ୍‌ର ନିଶାରେ ପଡ଼ନ୍ତି ସେମାନଙ୍କର ଚିନ୍ତା, ବ୍ୟସ୍ତତା, ମାନସିକ ଚାପ, ନିଦ୍ରାଭାବ, ଅବସାଦ ଆଦି ସମସ୍ୟା ସୃଷ୍ଟି





ହୋଇଥାଏ । ସ୍ମାର୍ଟଫୋନ୍ କାରଣରୁ ଆଙ୍ଗୁଠିଗୁଡ଼ିକରେ ଯନ୍ତ୍ରଣା ହେବା ସହ ଏହା ଟାଣଇ ହୋଇଯାଏ । କାନ୍ଧର ମାସଂପେଶୀଗୁଡ଼ିକ ଏହା ଯୋଗୁ ଟାଣ ହୋଇଯିବା ପରି ଅନୁଭବ ହୁଏ ଏବଂ ଏପାଖ ସେପାଖ କରିବା କଷ୍ଟକର ହୋଇଯାଏ । ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ମାର୍ଟଫୋନ୍ ବ୍ୟବହାର ଚକ୍ଷୁ ଯନ୍ତ୍ରଣାର କାରଣ ହେବା ସହ ଦୃଷ୍ଟିଶକ୍ତିକୁ ମଧ ପ୍ରଭାବିତ କରିଥାଏ । ଏସବୁ ସମସ୍ୟା ପାଇଁ ଗବେଷକମାନେ ସ୍ମାର୍ଟଫୋନ୍‌କୁ ଦାୟୀ କରୁଛନ୍ତି । ସେମାନଙ୍କର କହିବା ଅନୁଯାୟୀ ସ୍ମାର୍ଟଫୋନ୍‌ରେ ଥିବା ଆପ୍‌ଗୁଡ଼ିକ ପିଏସ୍‌ୟୁ ପାଇଁ ଦାୟୀ ।

ତେବେ ବର୍ତ୍ତମାନ ସମୟରେ ସ୍ମାର୍ଟଫୋନ୍‌ର ବ୍ୟବହାର ଅତ୍ୟନ୍ତୁ ବ୍ୟାପକ ହୋଇଯାଇଥିବା କାରଣରୁ କିଶୋର ଏବଂ ଯୁବପିଢ଼ି ଏହାର ଉପଯୋଗ ନେଇ ସଚେତନ ହେବା ଆବଶ୍ୟକ । ଏଥିସହ ଅଭିଭାବକମାନେ ମଧ ଏହା ଜାଣିବା ଦରକାର ଯେ ସେମାନଙ୍କର ପିଲାମାନେ ସ୍ମାର୍ଟ ଫୋନ୍‌ରେ କେତେ ସମୟ କଟାଉଛନ୍ତି । ଯଦି ପିଲାମାନଙ୍କ ଉପରେ କିଛି ପରିମାଣରେ ନଜର ଏବଂ ଅଙ୍କୁଶ ରଖାଯିବ ତେବେ ଏହି ସମସ୍ୟାରୁ ଅନେକ ପରିମାଣରେ ନିସ୍ତାର ପାଇହେବ ହେବ ବୋଲି ଗବେଷକମାନଙ୍କ ମତ ।

---




# ସଫଳ ମଣିଷ ହୁଅନ୍ତୁ

ଆପଣ ଜଣେ ପୂର୍ଣ୍ଣାଙ୍ଗ ସଫଳ ମଣିଷ କି ? ପ୍ରଥମେ ଦେଖିବା ଆମେ ସଫଳ ମଣିଷ କାହାକୁ କହିବା ? ଭଲ ଉଚ୍ଚ ବେତନର ଚାକିରି ସାଙ୍ଗକୁ ଗାଡ଼ିମଟର, ଘର-ଦ୍ୱାର ସବୁ ଅଛି, କିନ୍ତୁ ଲୋକପ୍ରିୟତା ନାହିଁ । ଲୋକେ ନାକ ଟେକନ୍ତି ଦେଖିଲେ । ଯାଙ୍କୁ କ'ଣ ଆମେ ସଫଳ ମଣିଷ କହିବା ? ଲୋକଟାର ସବୁ ଭଲ ଯେ କଥାବାର୍ତ୍ତାରେ ଲାଇନ୍ ଲେଙ୍ଗ୍‌ଥ ନାହିଁ । ହସ ବୋଲି ଗୋଟେ ଜିନିଷ ନାହିଁ ଲୋକଟା ମୁହଁରେ । ସତେଯେମିତି ଶହେ ଷାଠିଏ କିଏ ଖାଇଯାଇଛି । କଥା କହୁଥିବ, ଛେପ ପଡୁଥିବ ଉପରେ । କାହାକୁ କୁହାଇଦବନି ଇତ୍ୟାଦି ଇତ୍ୟାଦି... । ଏମିତି ଅନେକ ଛୋଟବଡ଼ ଭୁଲଭଟକା ରହିଥାଏ ଆମ ଆଚରଣରେ । ସେଇ କାରଣରୁ ବେଳେବେଳେ ଲୋକପ୍ରିୟତା କମିଯାଏ । ଏ କଥା ହୁଏତ ଆମେ ଠଉରେଇ ପାରୁନା ବେଳେ ବେଳେ ।




**ଏ**ମିତି କିଛି ମଣିଷ ଅଛନ୍ତି ଦେଖିବେ ସେମାନଙ୍କର କାହାରି ସାଙ୍ଗରେ ସମ୍ପର୍କ ନଥାଏ । ବନ୍ଧୁବାନ୍ଧବ ଖୁବ୍ କମ୍ । ସେମାନେ ନିଜ ବିଷୟରେ ଖୁବ୍ ସଚେତନ । ନିଜେ ଭଲ ତ ଦୁନିଆ ଭଲ । ଏଇ କିସମର ମଣିଷଙ୍କୁ କେହି ବିଶେଷ ପସନ୍ଦ କରନ୍ତିନି ।

ଆଉ କିଛି ଲୋକ ଅଛନ୍ତି ସେମାନେ ନିଜ କଥା ହିଁ କେବଳ ଗପି ଚାଲନ୍ତି । ଘରେ ସ୍ତ୍ରୀ ସହିତ ଝଗଡ଼ା କରି ଅନ୍ୟମାନଙ୍କ ଉପରେ ରାଗ ଶୁଝାନ୍ତି । ଏ ପ୍ରକାର ଲୋକମାନେ ମଧ ଖୁବ୍ ସମାଲୋଚିତ ହୁଅନ୍ତି ଅନ୍ୟମାନଙ୍କ ପାଖରେ ।

କିଛି ଲୋକ ଅଛନ୍ତି ନିଜର ଦୁଃଖ, ଯନ୍ତ୍ରଣା ଏବଂ ଅଭାବବୋଧକୁ ଭିତରେ ଭିତରେ ଚାପିରଖି ଖୁବ୍ ହସଖୁସିରେ ସମୟ କଟେଇ ଦେଇଥାନ୍ତି । ନିଜ କଥା କହି ପରିବେଶ ଏବଂ ମାହୋଲକୁ ନଷ୍ଟ କରନ୍ତି ନାହିଁ ସେମାନେ ।

ଏ ପ୍ରକାର ଲୋକମାନେ ଖୁବ୍ ଲୋକପ୍ରିୟ ହୋଇଥା'ନ୍ତି ।

ମାତ୍ର ୬ଟି ସୂତ୍ର ଜାଣିଗଲେ ଆପଣ ମଧ ଲୋକପ୍ରିୟ ହୋଇପାରିବେ । ଆପଣଙ୍କୁ ଲୋକେ ଚାହିଁବେ । ଆପଣ ପହଞ୍ଚିଗଲେ ଲୋକଙ୍କ ଭିଡ଼ ଜମିଯିବ ।

ନିଜ ଭାବଭଙ୍ଗୀ ବଦଳାନ୍ତୁ (ବଡି ଲାଙ୍ଗୁଏଜ୍) ଶରୀର ଅଙ୍ଗଭଙ୍ଗୀ ମଧ ଅନେକ କିଛି ପରିପ୍ରକାଶ କରିଥାଏ । ମନର କଥା ମୁହଁଖୋଲି ନକହିଲେ ମଧ ବୁଝାପଡ଼େ । ଶରୀର ବିଜ୍ଞାନୀମାନେ କହନ୍ତି - କଥୋପଥନର ୯୦ ଭାଗ ନିୟନ୍ତ୍ରିତ ହୁଏ ଶରୀର ମାଧ୍ୟମରେ, ବାକି ୧୦ ଶତାଂଶ କଥାରେ ପ୍ରକାଶ ପାଏ । ତେଣୁ ପାଟିରେ ଯାହା କୁହନ୍ତୁ ନା କାହିଁକି, ଶରୀରର ଭଙ୍ଗୀରେ ଯଦି ଖଇଚା ରହିଲା ତେବେ ତାହା ଗ୍ରହଣୀୟ ହୋଇନଥାଏ ।

କଅଁଳ କରି ବୁଝେଇ କହିଲା ବେଳେ ନିଜ ଭାବଭଙ୍ଗୀ ଏବଂ ମୁଖମଣ୍ଡଳରେ କୋମଳତାର ପରଶ ରହିବା ଉଚିତ୍ । ଜଣକ ସହିତ ଅନ୍ତରଙ୍ଗ ଭାବେ କଥା ହେଉଛନ୍ତି, କିନ୍ତୁ ମୁହଁରେ ହସ ନାହିଁ । ସେଇଥିରୁ ଆଉ ଜଣକ ଠିକ୍ ବୁଝିପାରିବେ ଆପଣ ଛଳନା କରୁଛନ୍ତି ବୋଲି । ମନର ଭାବ ଶରୀର ମାଧ୍ୟମରେ ମଧ ପ୍ରତିଫଳିତ ହୋଇଥାଏ । ଆପଣ କିଛି ନକହିଲେ ମଧ ଅନ୍ୟମାନେ ଠିକ୍ ବୁଝିପାରିବେ ଆପଣଙ୍କ ମନ ଭଲନାହିଁ ବୋଲି । ମନ ଖୁସିଥିଲେ ମୁଖମଣ୍ଡଳରେ ତାହା ପ୍ରତିଫଳିତ ହୋଇଥାଏ ।

ଲୋକପ୍ରିୟ ହେବାର ପ୍ରଥମ ସୂତ୍ର ହେଲା ହସ । ହସରେ ଆପଣ ଅନ୍ୟକୁ



ପରାସ୍ତ କରିପାରିବେ । ଧରନ୍ତୁ, ଆପଣ କୌଣସି ପାର୍ଟି ବା ଭୋଜିକୁ ଯାଇଛନ୍ତି, ସେଠି ଚିହ୍ନାଜଣା ଆଉ ଏକଦମ୍ ଅଚିହ୍ନା ଲୋକଙ୍କ ସହିତ କେଉଁ ବିଷୟରେ ଆଲୋଚନା କରିବେ ତାହା ଆଗରୁ ଠିକ୍ କରନ୍ତୁ । ଯେଉଁ ବିଷୟରେ ଆପଣ ଏକଦମ୍ ଦକ୍ଷ ସେଇ ବିଷୟ ନେଇ ଚର୍ଚ୍ଚା କରନ୍ତୁ । କଥାବାର୍ତ୍ତା କଲାବେଳେ ଆପଣଙ୍କ ଷ୍ଟକ୍ ଯେମିତି ଶେଷ ହୋଇନଯାଏ । ଅନ୍ୟମାନଙ୍କୁ ମଧ କହିବାକୁ ଦିଅନ୍ତୁ । କଥା କହିଲା ବେଳେ ଅନ୍ୟମାନଙ୍କ ଶରୀର ସ୍ପର୍ଶ କରନ୍ତୁ ନାହିଁ । ଅତ୍ୟଧିକ ସ୍ପଷ୍ଟବାଦୀ ହେବାକୁ ଚେଷ୍ଟା କରନ୍ତୁ ନାହିଁ । ଏଥିରେ ଆପଣଙ୍କ ଲୋକପ୍ରିୟତା କମିଯାଇପାରେ । ଆପଣଙ୍କୁ ଅନ୍ୟମାନେ ନିନ୍ଦୁକ ବୋଲି ସମାଲୋଚନା କରିପାରନ୍ତି ।

ଧରନ୍ତୁ ଜଣେ ଗାଳ୍ପିକଙ୍କ ସହିତ ପାର୍ଟିରେ ଦେଖାହେଲା । ଆପଣ ପଢ଼ିଥିବା ତାଙ୍କର ଗୋଟେ ଗଳ୍ପ ଆପଣଙ୍କୁ ଭଲ ଲାଗିନି । ଏ କ୍ଷେତ୍ରରେ ତାଙ୍କୁ ସିଧାସଳଖ ଆପଣଙ୍କ ଏ ଗଳ୍ପଟି ନିମ୍ନମାନର ହୋଇଛି ବୋଲି ନକହି ବରଂ କହନ୍ତୁ- ଆପଣଙ୍କର ପୂର୍ବ ଗଳ୍ପଗୁଡ଼ିକ ଭଳି କାଇଁ ଏ ଗଳ୍ପଟି ଏତେ ଉଚ୍ଚକୋଟୀର ହେଲାନି ? ତରତରରେ ଲେଖି ଦେଇଛନ୍ତି ବୋଧେ !

ଅଳ୍ପ ପରିଚିତ ବନ୍ଧୁ ପତ୍ନୀଙ୍କ ପ୍ରଶଂସା କରିବାକୁ ଯାଇ ବନ୍ଧୁଙ୍କୁ କେବେ କୁହନ୍ତୁ ନାହିଁ -ଆପଣଙ୍କ ପତ୍ନୀ ଖୁବ୍ ସେକ୍ସି ବା ଖୁବ୍ ସୁନ୍ଦରୀ ବରଂ କହିପାରନ୍ତି- ଆପଣ ଖୁବ୍ ଭାଗ୍ୟବାନ, ଏମିତି ଜୀବନସାଥୀଟିଏ ପାଇଛନ୍ତି ।

କାହାରିକୁ କୁହନ୍ତୁ ନାହିଁ- ଆପଣ ଖୁବ୍ ବୁଢ଼ା ଦିଶୁଛନ୍ତି ଏବେ ।

ଏଥିରେ ସିଏ ମର୍ମାହତ ହୋଇପାରନ୍ତି । ବରଂ କୁହନ୍ତୁ ଆପଣଙ୍କ ଦେହ ଭଲ ନଥିଲା କି ? କେମିତି ଟିକେ ମାନ୍ଦା ଲାଗୁଛନ୍ତି ? ବୟସ୍କ ଲୋକଙ୍କୁ ୟଙ୍ଗ ଦିଶୁଛନ୍ତି କହିଲେ ସେମାନେ ବେଶୀ ଖୁସି ହୁଅନ୍ତି । ସମୟାନୁବର୍ତ୍ତୀ ହୁଅନ୍ତୁ । କଥା ଦେଇ କଥା ରଖନ୍ତୁ । ସବୁ ଶେଷ ହୋଇଯାଇଥିବା ବେଳେ କେବଳ ଆପଣଙ୍କ ଅନୁପସ୍ଥିତି ପାଇଁ କେକ୍ କଟା ଅଟକି ଗଲେ ଲୋକେ ଆପଣଙ୍କୁ ନାକ ଟେକିବେ । ଡେରି ପାଇଁ କ୍ଷମା ମାଗି ନିଅନ୍ତୁ ।

କେଉଁଦିନ କେଉଁଠିକି ଯିବାର ଅଛି ତା'ର ଗୋଟେ ତାଲିକା ଆଗରୁ ପ୍ରସ୍ତୁତ କରି ରଖନ୍ତୁ । ଗୁରୁତ୍ୱ ଦୃଷ୍ଟିରୁ କାହାକୁ ଆଗ ଏବଂ କାହାକୁ ପଛରେ ରଖିବେ ଆଗରୁ ଠିକ୍ କରନ୍ତୁ । ଗୋଟେ ଗୋଟେ ଜାଗାରେ କେତେ ସମୟ ବିତାଇଲେ ଆପଣ ସବୁତକ ପାର୍ଟିକୁ ଠିକ୍‌ସେ ସାରିପାରିବେ ତାହା ଆଗରୁ ଠିକ୍ କରିନିଅନ୍ତୁ !

ନିଜ ବ୍ୟକ୍ତିଗତ ସମସ୍ୟା ଏବଂ ଏକାନ୍ତ ନିଜସ୍ୱ କଥାଗୁଡ଼ିକୁ ଅନ୍ୟ ଆଗରେ ବର୍ଣ୍ଣନା କରନ୍ତୁ ନାହିଁ । ଆପଣଙ୍କୁ ଯାହା ଭଲ ଲାଗେ ଏବଂ ଆପଣଙ୍କ ଦର୍ଶନ ଯାହା ତାହା ଯେ ସମସ୍ତଙ୍କୁ ଭଲ ଲାଗିବ ସେଭଳି ଭାବିବା ଉଚିତ ନୁହେଁ ।

ଅଫିସ୍‌ରେ ସବୁବେଳେ ନିଜ ବ୍ୟକ୍ତିଗତ ସମସ୍ୟା ବିଷୟରେ କହିଲେ ସହକର୍ମୀ ଏବଂ ଅଫିସ୍‌ର ମାଲିକ ମଧ ବିରକ୍ତ ହୋଇପାରନ୍ତି ।

ନିଜ ସମସ୍ୟାକୁ ନିଜେ ସମାଧାନ କରନ୍ତୁ । ସହକର୍ମୀମାନଙ୍କ ଠାରୁ ସାହାଯ୍ୟ ନିଅନ୍ତୁ ନାହିଁ । ଟଙ୍କାପଇସା ବ୍ୟାପାରରେ ସବୁବେଳେ ସତର୍କ ରୁହନ୍ତୁ । ଯଦି ଅସୁବିଧାବଶତଃ କାହାରି ଠାରୁ ଟଙ୍କା ଧାର ନେଇଥାନ୍ତି ତାଙ୍କୁ କହିଥିବା ସମୟସୀମା ମଧ୍ୟରେ ଫେରସ୍ତ କରିଦିଅନ୍ତୁ । ଦେଖିବେ ସମ୍ପର୍କ ଖୁବ୍ ଭଲ ରହିବ । ଯଦି ଟିକେ ଡେରି ହେଉଛି, ତା'ହେଲେ ତାଙ୍କୁ ଆଗରୁ ଜଣେଇ ଦିଅନ୍ତୁ । ଧାର ମାଗିବା ଆପଣଙ୍କର ଗୋଟେ ନିୟମିତ ଅଭ୍ୟାସ ଏ କଥା ଯେମିତି କେହି ନଭାବନ୍ତି । ଜୀବନକୁ ଖୁବ୍ ହାଲ୍‌କା ଭାବରେ ନିଅନ୍ତୁ । ଯାହା ହେଉଛି ତାହା ହେବାର ଥିଲା ଏବଂ ଅନ୍ୟମାନେ ମଧ ଏପରି ସମସ୍ୟା ଭୋଗୁଛନ୍ତି, ଏପରି ଭାବରେ ନିଜକୁ ବୁଝେଇ ଦେଲେ ସମସ୍ୟା ହାଲ୍‌କା ହୋଇଯିବ ଆଉ ଆପଣ ନିଜ ସମସ୍ୟା ନେଇ ମାନସିକ ଚାପରେ ରହିବେ ନାହିଁ ।

ହସଖୁସିରେ, ମଜାରେ ମଜାରେ ଜୀବନକୁ ଉପଭୋଗ କରନ୍ତୁ । ଅନ୍ୟକୁ କାର୍ଟୁନ୍ କରିବାକୁ ଯାଇ ତାଙ୍କୁ ଆଘାତ ଦିଅନ୍ତୁ ନାହିଁ । ସମସ୍ତଙ୍କ ସହିତ ମିଳିମିଶି ହସଖୁସି କରିବା ପୂର୍ବରୁ ଜାଣି ନିଅନ୍ତୁ ସେମାନେ ଆପଣଙ୍କ ଏ ଆଚରଣକୁ କିଭଳି ଭାବେ ଗ୍ରହଣ କରୁଛନ୍ତି ।





# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩୧ ଡିସେମ୍ବର ୨୦୨୫ । ବୁଧବାର


## ଶୁଣାଣି ପରେ ଶୁଣାଣି: ସମସ୍ୟାର ସମାଧାନ ନାହିଁ



**ଗୋପ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପ ବ୍ଲକ ସମ୍ମେଳନ କକ୍ଷ ଠାରେ ପୁରୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ପୂର୍ବାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ସମବାୟ, ଗୃହ, ରାଜସ୍ୱ, ଭିନ୍ନକ୍ଷମ, ପଞ୍ଚାୟତିରାଜ, ଜମିଜମା, ସୁଭଦ୍ରା, ଗଣଶିକ୍ଷା ବିଭାଗ ସମେତ ବିଭିନ୍ନ ବିଭାଗର ୫୮ ଜଣ ବିଭିନ୍ନ ପ୍ରକାରର ଅଭିଯୋଗ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଏହି ଜନଶୁଣାଣି ଶିବିରରେ ଗୋପ ବ୍ଲକର ୩୧ଟି ଗ୍ରାମ ପଞ୍ଚାୟତର ୫୮ଜଣ ଅଭିଯୋଗର ଶୁଣାଣି କରି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଏହାର ତ୍ୱରିତ ସମାଧାନ କରିବା ପାଇଁ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଶିବିରରେ ସିମୁଳି ଗ୍ରାମର ପଡାଗ୍ରାମ ଧୂଳିଆଠେଙ୍ଗଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ଅଭିଯୋଗ ହୋଇଥିଲା ବେଳେ ଏଥି ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ପୁରୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ । ଏହି ଜନଶୁଣାଣି ଶିବିରରେ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା, ନିମାପଡାର ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଗୋପ ବ୍ଲକର ବିଡ଼ିଓ ଛବିରାଣୀ ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । କିନ୍ତୁ ସାଧାରଣରେ ପ୍ରଶ୍ନ ଉଠୁଛି କେତେ ଜନଶୁଣାଣି ହେବ ? ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ, ଜିଲ୍ଲାପାଳ ଜନଶୁଣାଣି, ବିଡ଼ିଓଙ୍କ ଜନଶୁଣାଣି ଅଭିଯୋଗ, ସରପଞ୍ଚଙ୍କ ଅଭିଯୋଗ ପ୍ରକୋଷ୍ଟ, ପରେ ପୁଣି ଜନଶୁଣାଣି ପରେ ଯଦି ସମସ୍ୟାର ସମାଧାନ ହେଉନି, ତା'ଅର୍ଥ ଦାୟିତ୍ୱରେ ଥିବା ଅଧିକାରୀ ଓ ଅଧିକାରିଣୀମାନେ ନିଜର କାର୍ଯ୍ୟ ସଠିକ ଭାବେ କରୁନାହାନ୍ତି ।

## ଶ୍ରୀ ଜଗନ୍ନାଥଙ୍କ ରଥ କାଠ ପାଇଁ ହେଲା ଅନୁକୂଳ



**ଦଶପଲ୍ଲା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥ ଯାତ୍ରା ପାଇଁ ଆବଶ୍ୟକ କାଠ କଟା ଅନୁକୂଳ ହୋଇଛି । ପରମ୍ପରା ଅନୁଯାୟୀ ଜ୍ୟୋତିଷମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଏବଂ ଶ୍ରୀ ମନ୍ଦିର ପ୍ରଶାସନ ଅନୁମୋଦନ କ୍ରମେ ଡିସେମ୍ବର ୩୦ ତାରିଖରେ ରଥ କାଠ ଅନୁକୂଳ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ତଦନୁଯାୟୀ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ନୀତି ଅଧିକାରୀ ରବିନ୍ଦ୍ର ନାଥ ଦାସ, ସହକାରୀ ପ୍ରଭୁ ପିୟୁଷ ମହାପାତ୍ର, ତତ୍ତ୍ୱାବଧାରକ ଚିତ୍ତ ରଞ୍ଜନ ମହାପାତ୍ର, ଅମିନ ମହାରଣା ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ, ମହାପ୍ରସାଦ, ନଡ଼ିଆ, ପାଟପତନୀ ଆଦି ଧରି ସୋମବାର ପୁରୀରୁ ବାହାରି ନୟାଗଡ଼ରେ ରାତ୍ରୀ ଯାପନ କରିଥିଲେ । ସେଠାରୁ ସକାଳୁ ବାହାରି ଗଣିଆର ମା'କଳାପାଟ, ବେଠିଆ ସାହି ଜଗନ୍ନାଥଙ୍କ ଠାରେ ସମର୍ପଣ କରାଇ ମା'ବଡରାଉଳ ପୀଠରେ ପହଞ୍ଚିଥିଲେ । ବିଧି ଅନୁଯାୟୀ ସେଠାରେ ନୟାଗଡ ଡିଏଫ ଓ ଦେବାର୍ଚ୍ଚନ ବେହେରା, ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାଶ ସେହି ଆଜ୍ଞାମାଳକୁ ଗ୍ରହଣ କରିଥିଲେ । ପରେ ବଡରାଉଳ ଠାକୁରାଣୀଙ୍କ ପାଖରେ ହୋମ କରାଯାଇ ଅନୁମତି ନିଆଯାଇ ଥିଲା । ସବୁ ବିଧି ବିଧାନ ସରିବା ପରେ ପୂର୍ବରୁ ଚିହ୍ନଟ ହୋଇଥିବା ଗଛରେ କୁରାଢ଼ୀ ଛୁଆଁ ଯାଇଥିଲା । କାର୍ଯ୍ୟକ୍ରମରେ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁ କୃପା ଲାଭ କରି ଥିଲେ ।

## ଶ୍ରୀମଦ ଭାଗବତ କଥାମୃତ ମହୋତ୍ସବ

**ଆଳି,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାଗବତ କଥାମୃତ ପାନ କଲେ ଆମ ମନ ପବିତ୍ର ହେବା ସହିତ ଆମ ଭିତରେ ଧର୍ମୀୟ ଭାବନା ଆସିପାରିବ । ଭଗବାନଙ୍କ କଥା ଶୁଣିଲେ ସତମାର୍ଗ କଣ ଜାଣିହେବ ଓ ଆମ ଭିତରେ ସତଭାବ ଜାଗ୍ରତ ହେବ । ଏହା ସହିତ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରିବା ଉଚିତ ବୋଲି ଆଳି ବ୍ଲକ କଳସପୁର ଗାଁ ଶ୍ରୀ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଇସ୍କନ ପଟ୍ଟାମୁଣ୍ଡାଇ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଶ୍ରୀମଦ ଭାଗବତ କଥାମୃତ ମହୋତ୍ସବରେ ଜନ୍ମ ମୃତ୍ୟୁର ଆବର୍ତ୍ତନ ଓ ମୁକ୍ତିର ଉପାୟ ପ୍ରସଙ୍ଗରେ ଭୁବନେଶ୍ୱରର ଇସ୍କନ ପ୍ରବକ୍ତା ବ୍ରହ୍ମଚାରୀ ଶ୍ରୀପାଦ ଅକ୍ଷୟହରି ଦାସ ସାପ୍ତାହିକ ପ୍ରତ୍ୟହ ସନ୍ଧ୍ୟାରେ ଯୋଗଦେଇ ଶତାଧିକ ଗ୍ରାମବାସୀମାନଙ୍କୁ ଭାଗବତ ହରିକଥା କହିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଓ ପ୍ରବଚନ ସାଙ୍ଗକୁ ପ୍ରସାଦ ବିତରଣ କରାଯାଉଥିବା ଦେଖିବାକୁ ମିଳୁଛି । କଳସପୁର ଗାଁର ପ୍ରମୁଖ ଗ୍ରାମବାସୀମାନେ ଉକ୍ତ ଭାଗବତ ସପ୍ତାହ ମହୋତ୍ସବକୁ ପରିଚାଳନା କରୁଛନ୍ତି ।

## ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡା ଚମ୍ପିୟାନ

**କେନ୍ଦ୍ରାପଡ଼ା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୨୨ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ବରୁଣେଇ ଠାରେ ଆୟୋଜିତ ବିଂଶତମ ରାଜ୍ୟସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଜାମ୍ବୋରୀରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଭିଯାତ୍ରୀ ଦଳ ଚମ୍ପିୟାନ ହୋଇଛି । ଜିଲ୍ଲା ଟ୍ରେନିଂ କମିଶନର ସରୋଜକାନ୍ତ ବିଶ୍ୱାଳ, ହରପ୍ରିୟା କର ଏବଂ ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ୯୯ ଜଣ ସ୍କାଉଟ୍ସ ଓ ଗାଇଡ୍ସ, ୫ ଜଣ ସ୍କାଉଟ ମାଷ୍ଟର ଓ ୫ଜଣ ଗାଇଡ଼ କ୍ୟାପଟେନ ଏଥିରେ ଅଂଶଗ୍ରହଣ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ବଛା ବଛା ୨୫ଶହରୁ ଉର୍ଦ୍ଧ୍ୱ ସ୍କାଉଟ୍ସ ଗାଇଡ୍ସଙ୍କୁ ନେଇ ଆୟୋଜିତ ଏହି ଜାମ୍ବୋରୀରେ ଜିଲ୍ଲା ଜିଲ୍ଲା ମଧ୍ୟରେ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ସେଥିମଧ୍ୟରୁ ଆଞ୍ଚଳିକ ଯାତ୍ରା, ପ୍ରଦର୍ଶନୀ, ଖାଦ୍ୟ ମେଳା, ଶାରୀରିକ ଦକ୍ଷତା ପ୍ରଦର୍ଶନ, ଜିଲ୍ଲା ତୋରଣ ଭଳି ପାଞ୍ଚଟି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରି ଲଗାତାର ତୃତୀୟ ଥର ପାଇଁ ଚମ୍ପିୟାନ ଟ୍ରଫି ଜିତି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି । କେନ୍ଦ୍ରାପଡ଼ାର ସ୍କାଉଟ ଗାଇଡ଼ମାନେ ନୃତ୍ୟରେ ଗୋଟିଏ ସ୍ୱର୍ଣ୍ଣ ପଦକ, ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ରୌପ୍ୟ ପଦକ ହାତେଇବାରେ ମଧ୍ୟ ସକ୍ଷମ ହୋଇଛନ୍ତି । ରାଜ୍ୟ ମୁଖ୍ୟ କମିଶନର ଡକ୍ଟର କାଳୀ ପ୍ରସାଦ ମିଶ୍ର ତଥା ରାଜ୍ୟ ସଂଗଠନ କମିଶନର (ଗାଇଡ଼) ଅନାମିକା ଦାସ ଜିଲ୍ଲାର କୁନି କୁନି ସ୍କାଉଟ୍ସ ଓ ଗାଇଡ୍ସମାନଙ୍କ ପ୍ରତିଭାକୁ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାରେ ସ୍କାଉଟ ମାଷ୍ଟର ଚନ୍ଦନ ଚର୍ଚ୍ଚିତ ମହାପାତ୍ର, ପ୍ରତାପ ହରିଚନ୍ଦନ, ଗାଇଡ଼ କ୍ୟାପଟେନ ନମିତା ନାୟକ, ଗାୟତ୍ରୀ ମିଶ୍ର ଏବଂ ଅମ୍ବିକା ମହାନ୍ତି ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ଟିମ୍‌ର ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସ୍ମିତାପ୍ରତିଭା ସାହୁ, ସ୍କାଉଟ କମିଶନର ପୀତବାସ ପଣ୍ଡାଙ୍କ ସମେତ ସଂଗଠନ କମିଶନର ଦେବରାଜ ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

## ଜିଲ୍ଲା କଂଗ୍ରେସର ପ୍ରତିଷ୍ଠା ଦିବସ

**କେନ୍ଦ୍ରାପଡା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନଠାରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ସଭାପିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମା କଂଗ୍ରେସ ଦଳର ପତାକା ଉତ୍ତୋଳନ କରିଥିଲେ । ଏହାପରେ କଂଗ୍ରେସ ଦଳର ଗୌରବମୟ ଇତିହାସ, ଦେଶ ପାଇଁ ସମର୍ପିତ ଅନେକ କାର୍ଯ୍ୟାବଳୀ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୁବାଷ ଚନ୍ଦ୍ର ବୋଷ, ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ତ୍ୟାଗ ଓ ଦେଶ ପାଇଁ ଥିବା ଅବଦାନ ଓ ବଳିଦାନ ସଂପର୍କରେ ସମାବେଶରେ ଆଲୋଚନା କରାଯାଇଥିଲା । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ଡାକ୍ତର ଦେବାସ୍ମିତା ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପ୍ରଫୁଲ ଦାସ, ବିଭ୍ରାଶୁ ଲେଙ୍କା, ହରୀଶ ପଟ୍ଟନାୟକ, ସନ୍ତୋଷ ବେହେରା, ମଙ୍ଗୁଳି ଚରଣ ବେହେରା, ଜିତେନ୍ଦ୍ର ନାଥ ଜେନା, ବିଜୟ ମଲ୍ଲିକ, ସନ୍ଧ୍ୟାରାଣୀ ପ୍ରଧାନ, ତରନୁମ୍ ବେଗମ, ଉମେଶ ପାଢୀ ପ୍ରମୁଖ ବହୁ କର୍ମୀ ଓ ନେତୃତ୍ୱ ଯୋଗଦେଇ ଅଭିଭାଷଣ ରଖିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ଦଳକୁ ସଶକ୍ତ କରିବା ଓ ସଂଗଠନକୁ ଅଧିକ ସୁଦୃଢ଼ କରିବାପାଇଁ ନେତା ଓ କର୍ମୀମାନେ ଶପଥ ଗ୍ରହଣ କରିଥିଲେ ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ଜଗତସିଂହପୁର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ମୋଟ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୭ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୨ଟି, ପୋଲିସ୍ ସହାୟତା ପାଇବା ପାଇଁ ୫ଟି, ପେନସନ ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ନିର୍ବାଚିତ ମଣ୍ଡଳୀ ଅନ୍ତର୍ଗତ ମୁଣ୍ଡଳୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସ୍ୱର୍ଗତ ଶଙ୍କରଷଣ ବେହେରାଙ୍କ ଦ୍ୱାଦଶ ତିଥି ଅବସରରେ ତାଙ୍କ ବାସଗୃହ ସାଧବାଣୀପୁର ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅମୂଲ୍ୟ କୁମାର ରାଉତ ସଭାପତିତ୍ୱ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଶାନ୍ତି କମିଟିର ସଂପାଦକ ସୁରେଶ ମହାନ୍ତି, ଇଂ.ଅଭୟ କୁମାର ସାମନ୍ତରାୟ, ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟିର ସଭାପତି ଅର୍ଜୁନ ରାଉଳ, ସଂପାଦକ ସରୋଜିନୀ ସାହୁ, ପୂର୍ବତନ ସରପଞ୍ଚ ଅରୁଣ ସାହୁ, ଆଇନଜୀବୀ ପ୍ରଭାତ ଲେଙ୍କା, ସମାଜସେବୀ ଗୌରାଙ୍ଗ ଚରଣ ରାଉତ, ଦୈତାରୀ ସାହୁ, ସମାଜସେବୀ ନଳନୀ ରାୟ, ସରୋଜ ସାହୁ, ଜ୍ୟୋସ୍ନାରାଣୀ ସାହୁ, ପ୍ରଶାନ୍ତ ଜେନା, ସୁବାସ ଚନ୍ଦ୍ର ସାହୁ, ସୁରେନ୍ଦ୍ର ସୁତାର, ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦାନ କରି ସ୍ମୃତିଚାରଣ କରିଥିଲେ ।

## ପୁରାତନ ଛାତ୍ରମାନେ ବିଦ୍ୟାଳୟର ସଂପଦ

**ବାଙ୍କୀ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀର ଶତାୟୁ ଉଚ୍ଚବିଦ୍ୟାଳୟ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ୧୯୮୧ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରମାନଙ୍କର ବନ୍ଧୁ ମିଳନ ଉତ୍ସବ ତାଳବସ୍ତ ଗ୍ରାମସ୍ଥ ଫୁଲମରୁଆ ମନ୍ଦିର ନିକଟରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦାନ କରି ପୁରାତନ ଛାତ୍ରମାନେ ବିଦ୍ୟାଳୟର ସଂପଦ ଭାବେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରଙ୍ଗାଧର ଦାସ , ସୁଶାନ୍ତ ଶତପଥୀ, ଲଲାଟେନ୍ଦୁ ପଣ୍ଡା, କିଶୋର ମହାନ୍ତି, ପ୍ରଭାତ ବେହେରା, ପ୍ରକାଶ ମିଶ୍ର, ଭାଗୀରଥି ବିଶ୍ୱାଳ, ଅଶୋକ ଦାସ, ରବି ମହାରଣା, ସନ୍ତୋଷ ପ୍ରଧାନ, ଆର୍ଯ୍ୟ ମହାପାତ୍ର, ବିପିନି ସ୍ୱାଇଁ, ନିମାଇଁ ବେହେରା, ବିଜୟ ଦାସ,ବାଟୁ ରଥ, ଦିନବନ୍ଧୁ ରଣା, ପ୍ରଦ୍ୟୁମ୍ନ ପାଢୀ, ରଞ୍ଜନ ବରାଳ, ସମୀର ମହାପାତ୍ର, ରମେଶ ସାହୁ, ମନୋଜ ରଥ, ଜ୍ୟୋତି ଦାସ, ସୁର ଦେବତା, ଅଜିତ୍ ମହାପାତ୍ର, ରବିରଥ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ସରକାରଙ୍କ ଉପରେ ଗର୍ଜିଲେ ମୀରା




**ଖୋର୍ଦ୍ଧା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ଗର୍ଜିଲେ ମୀରା ପରିଡା । କ୍ଲିନର ଟ୍ରାନ୍ସଜେଣ୍ଡୋରକୁ ସରକାରୀସ୍ତରରେ ଯେପରି ସୁବିଧା ସୁଯୋଗ ମିଳିବା କଥା ତାହା ଆମ ରାଜ୍ୟରେ ମିଳୁନାହିଁ । ପଡୋଶୀ ରାଜ୍ୟ ଛତିଶଗଡ, ବିହାର ଭଳି ଅନେକ ରାଜ୍ୟରେ ସରକାରୀ ନିୟମ ଲାଗୁ ହୋଇ କ୍ଲିନରମାନଙ୍କୁ ନିଯୁକ୍ତି ହୋଇଥିବା ବେଳେ ଓଡ଼ିଶାରେ ସମ୍ଭବପର ହୋଇପାରିନାହିଁ । ଯେଉଁଥିପାଇଁ କ୍ଲିନର ସଂଘ ଶିକ୍ଷା, ସ୍ୱାସ୍ଥ୍ୟ ନିଯୁକ୍ତି ଭଳି ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି । ୨୦୦୯ରୁ ମୀରା ପରିଡାଙ୍କ ଦ୍ୱାରା ସଖା ସଂସ୍ଥା ଅନୁଷ୍ଠିତ ହୋଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ରାଜ୍ୟ ସରକାର ଏହା ପ୍ରତି ଗୁରୁତ୍ୱ ନ ଦେଇ ହେଜ୍ଞାନ କରି ଆସୁଥିବା ଦେଖିବାକୁ ମିଳୁଛି । ସମାଜରେ କିନ୍ନର ଏକ ଜାତି । ସୋସିଆଲ ଜଷ୍ଟିସ ପାଇଁ ପ୍ରତେକ ସରକାରୀସ୍ତରରେ ରାଜ୍ୟ ସରକାର ଯେପରି ପୁରୁଷ, ମହିଳା ଓ ବିକଳାଙ୍ଗ ଜାତି ଜନଜାତି ପାଇଁ ଯେପରି ନିଯୁକ୍ତି କ୍ଷେତ୍ରରେ ନିୟମ କରି ଆସୁଛନ୍ତି ସେହିଭଳି କ୍ଲିନର ଜାତିକୁ ସମାଜରେ (ଟ୍ରାନ୍ସଜେଣ୍ଡୋର) ବେକ୍ତିବିଶେଷଙ୍କୁ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ମୀରା ପରିଡା ସରକାରଙ୍କୁ ଗଣମାଧ୍ୟମ ଜରିଆରେ ରାଜ୍ୟସରକାରଙ୍କୁ ନିବେଦନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଡାକ୍ତର ମିତାଲି ମହାନ୍ତି, ବିଭୁତି ବିଶ୍ୱାଳ, ସନ୍ତୋଷ ଚମ୍ପତି, ନେହା ମହାପାତ୍ର, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## 'ବନ୍ଦେ ମାତରମ୍ ଗର୍ବ, ଗୌରବ ଓ ଅସ୍ମିତାର ପ୍ରତୀକ'

**ଭୁବନେଶ୍ୱର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତୀୟ ସଂସ୍କୃତି ଓ ଦର୍ଶନ ଆଦିକାଳରୁ ମାତୃତ୍ୱର ଉପାସନା ଓ ସମ୍ମାନ କରିଆସିଛି । ବୈଦିକ ଯୁଗରୁ ଆରମ୍ଭ ହୋଇଛି ମାତୃଭୂମିର ସଂସ୍କାର । ରାମାୟଣରେ ରାମଚନ୍ଦ୍ର ଜନନୀ ଓ ମାତୃଭୂମି ସ୍ୱର୍ଗଠାରୁ ମହାନ୍ ବୋଲି ସ୍ୱୀକାର କରି ମାତୃଭୂମିକୁ ଉଚ୍ଚସ୍ଥାନରେ ବସାଇଛନ୍ତି । ବଙ୍କିମଚନ୍ଦ୍ରଙ୍କ ବନ୍ଦେ ମାତରମ୍ ହେଉଛି ପ୍ରକୃତି ମାତାର ବନ୍ଦନା । ଆଜି ବିଶ୍ୱ ଧ୍ୱଂସ ଅଭିମୁଖେ ଅଗ୍ରସର ହେବାକୁ ଯାଉଥିବାରୁ ବନ୍ଦେ ମାତରମ୍‌କୁ ସ୍ମରଣ କରି ମନେ ରଖିବାକୁ ହେବ ଯେ ପୃଥିବୀମାତାର ସ୍ଥିତି ଥିଲେ ସୃଷ୍ଟି ବଞ୍ଚିବ ବୋଲି କହିଛନ୍ତି ସଭାପତି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର । ଭାରତୀୟ ବିଦ୍ୟାଭବନର ସଭାଗୃହରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବନ୍ଦେ ମାତରମ୍ : କିଛି ଜଣା କିଛି ଅଜଣା ଶୀର୍ଷକ ଆଲୋଚନାକ୍ରରେ ମୁଖ୍ୟଅତିଥି ରୂପେ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର କହିଥିଲେ ଯେ, ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପଲକ୍ଷେ ଆମେ ତର୍ଜମା କଲେ ହୃଦୟଙ୍ଗମ କରିପାରିବା ଯେ ଏହି ଦୁଇଟି ଶବ୍ଦର ଯାଦୁ କିପରି ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ମନ୍ତ୍ର ଭଳି କାମ କରିଥିଲା । ବନ୍ଦେ ମାତରମ୍ ଭାରତ ବର୍ଷର ଗର୍ବ ଗୌରବ ଓ ଅସ୍ମିତାର ପ୍ରତୀକ । ନିଜେ ରବିନ୍ଦ୍ର ନାଥ ଟାଗୋର ଏହି ଗୀତକୁ ରାଷ୍ଟ୍ରଗାନ ରୂପେ ସ୍ୱୀକାର କରିବାକୁ ପ୍ରସ୍ତାବ ଦେଇଥିଲେ ଓ ନିଜେ ମଧ୍ୟ ସ୍ୱର ଦେଇଥିଲେ । ସେ ସ୍ୱାମୀ ବିବେକାନନ୍ଦ, ଭଗିନୀ ନିବେଦିତା ଓ ରାମକୃଷ୍ଣଙ୍କ ବହୁ ଉଦାହରଣ ଦେଇ ବନ୍ଦେ ମାତରମ୍‌କୁ କିପରି ପ୍ରାଧାନ୍ୟ ଦେଉଥିଲେ ତା'ର ବର୍ଣ୍ଣନା କରିଥିଲେ । ଭାରତବର୍ଷର ବିଭିନ୍ନ ସହରରେ ତଥା ଭାରତ ବାହାର ବିଭିନ୍ନ ରାଷ୍ଟ୍ରରେ ଭାରତୀୟମାନେ ଏହି ଗୀତକୁ ଆବୃତ୍ତି କରି ପ୍ରେରଣା ପାଇ ଆସିଥିଲେ । ମୁଖ୍ୟବକ୍ତା 'ପୌରୁଷ'ର ସଂପଦାକ ଅସିତ ମହାନ୍ତି ବଙ୍କିମଚନ୍ଦ୍ରଙ୍କ ବଙ୍ଗଦର୍ଶନ ପତ୍ରିକାର ୭ ନଭେମ୍ବର, ୧୮୭୫ ସଂଖ୍ୟାରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିବା ବନ୍ଦେ ମାତରମ୍‌ର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଏହାର ଜୟଯାତ୍ରାର ବିଶେଷ ବିବରଣୀ ଦେଇ କହିଥିଲେ ଯେ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେମାତରମ୍ ଭଳି ଓଡ଼ିଶାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ଓ ରାଧାନାଥ ରାୟଙ୍କ ସର୍ବେସାଂନୋ ଜନନୀ ଭାରତ ଧରଣୀ ମଧ୍ୟ ସମଭାବାପନ୍ନ ଗୀତ ଯାହା ବେଶ୍ ପ୍ରଭାବ ପକାଇଥିଲା । ବନ୍ଦେ ମାତରମ୍ କେବଳ ଗୀତରେ ସୀମିତ ନ ରହି ଗୋଟିଏ ଆନ୍ଦୋଳନରେ ପରିଣତ ହୋଇଥିଲା ବୋଲି ବହୁ ତଥ୍ୟ ଦେଇ ଶ୍ରୀ ମହାନ୍ତି ଦର୍ଶାଇଥିଲେ । ଏହି ସଭାରେ ନାଇଜରର ପ୍ରାକ୍ତନ କୁଳସଚିବ ଡକ୍ଟର ଅଭୟ କୁମାର ନାୟକ, କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଡକ୍ଟର ମିହିର କୁମାର ସାହୁ, ଅନୁବାଦକ ମିହିର କୁମାର ପଟ୍ଟନାୟକ ଓ ବାବାଜୀ ଚରଣ ବିଶ୍ୱାଳ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରୁ ମଧୁସ୍ମିତା ବିଶ୍ୱାଳ ଓ ଭଜକୃଷ୍ଣ ମହାନ୍ତି ଭକ୍ତିସଂଗୀତ ପରିବେଷଣ କରିଥିଲେ ।

## ରାଷ୍ଟ୍ର ନିର୍ମାଣରେ ଗୀତା ପରିବାର



**ଭୁବନେଶ୍ୱର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଧ୍ୟାତ୍ମିକ ଚେତନା ରାଷ୍ଟ୍ର ନିର୍ମାଣର ଅବିଚ୍ଛେଦ୍ୟ ଅଙ୍ଗ । ଅଯୋଧ୍ୟାର ରାମ ମନ୍ଦିର ଭାରତୀୟ ସଂସ୍କୃତିର ନିଦର୍ଶନ । ରାଷ୍ଟ୍ର ନିର୍ମାଣ ଓ ସଂସ୍କାର କ୍ଷେତ୍ରରେ ଆଧ୍ୟାତ୍ମିକତା ଏହାକୁ ସମ୍ପ୍ରସାରିତ ତଥା ଦୃଢ଼ କରିଥାଏ ଓ ଗୀତଓ ପରିବାର ଓଡିଶା, ଶ୍ରୀହରି ସତ୍‌ସଙ୍ଗ ସମିତି ଓ ଫ୍ରେନଡ ଅଫ ଟ୍ରାଇବଲ ସୋସାଇଟିର ସହଯୋଗିତାରେ ସିଏସଆଇଆର-ଆଇଏମଏମଟି ଅଡିଟୋରିଅମ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ବୁଦ୍ଧିଜୀବୀ ସମାବେଶରେ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ ରାମମନ୍ଦିରରୁ ରାଷ୍ଟ୍ର ନିର୍ମାଣ ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଆଧ୍ୟାତ୍ମିକତା ଭାରତୀୟ ସଂସ୍କୃତିର ବାହକ ଓ ଅଯୋଧ୍ୟାର ରାମ ମନ୍ଦିର ନିର୍ମାଣ ଏହାର ଏକ ନିଦର୍ଶନ । ସ୍ୱାମୀଜୀ 'ଗୀତା ପରିବାର'ର ସଂସ୍ଥାପକ ଅଧ୍ୟକ୍ଷ, ଅଯୋଧ୍ୟା ରାମ ଜନ୍ମଭୂମି ଟ୍ରଷ୍ଟର ଟ୍ରଷ୍ଟିକୋଷାଧ୍ୟକ୍ଷ ଏବଂ ଶ୍ରୀକୃଷ୍ଣ ଜନ୍ମଭୂମୀ ମଥୁରା ଟ୍ରଷ୍ଟର ଉପସଭାପତି ଅଟନ୍ତି । ଶତାଧିକ ଗୁଣୀ, ଜ୍ଞାନୀ, ଗୀତା ପ୍ରେମୀ ଓ ଆଧ୍ୟାତ୍ମିକତାବାଦୀଙ୍କ ଗହଣରେ ତାଙ୍କର ରାଷ୍ଟ୍ର ନିର୍ମାଣ ସମ୍ପର୍କୀୟ ଓଜସ୍ୱିନୀ ତଥା ସାରଗର୍ଭକ ଭାଷଣ ଭାରତୀୟ ସଂସ୍କୃତି, ସନାତନ ମୂଲ୍ୟବୋଧ, ରାଷ୍ଟ୍ରଭକ୍ତି । ରାଷ୍ଟ୍ରଭାବନାକୁ ସୁଦୃଢ଼ କରିବ ଓ ସ୍ୱାମୀଜୀ ରାଷ୍ଟ୍ର ସନ୍ଥ ଭାବେ ପରିଚିତ ।

ପୂଜ୍ୟ ସ୍ୱାମୀଜୀ ପୁରୀ ଠରେ ସପ୍ତାହ ବ୍ୟାପି ଆୟୋଜିତ ଶ୍ରୀମଦ ଭାଗବତ ମହାପୁରାଣ କଥା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଭୁବନେଶ୍ୱର ଠାରେ ଏହି ଜନଚେତନା ବୈଠକରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଗୀତ ଓ ପରିବାରର କେନ୍ଦ୍ରୀୟ ଉପାଧକ୍ଷ ହରି ନାରାୟଣ ବ୍ୟାଶ ଭଗବତ ଗୀତାର ପ୍ରଚାର ପ୍ରସାର ନିମିତ୍ତ ସ୍ୱାମୀଜୀଙ୍କ ଦ୍ୱାରା ସ୍ଥାପିତ 'ଗୀତା ପରିବାର' ଦ୍ୱାରା ଦେଶବିଦେଶରେ କାର୍ଯ୍ୟକାରୀ ହେଉଥିବା ଗୀତା ପଠନ, ଚିନ୍ତନ ଓ ମନନ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ 'ଘରେ ଘରେ ଗୀତା , କରେ କରେ ଗୀତା' ଓ 'ଗୀତା ପଢ଼, ପଢ଼ାଅ, ଜୀବନରେ ଆପଣାଅ' ଏହି ସଂସ୍ଥାର ମୂଳ ଉଦୟେଶ୍ୟ ଓ ଗୀତା ପରିବାର ଓଡିଶାର ଗୀତା ବ୍ରତୀ, ଗୀତା ବିଚ୍ଛକ୍ଷଣ ଓ ରିଭର୍ଷ ବିଚ୍ଛକ୍ଷଣମାନଙ୍କ ଦ୍ୱାରା ଗୀତା ପ୍ରାତେକ୍ଷକ କାର୍ଯ୍ୟକ୍ରମ କରାଓ ଯାଇଥିଲା । ଏହା ପୂର୍ବରୁ ପୁରୀରେ ଅନୁଷ୍ଠିତ କଥା କାର୍ଯ୍ୟକ୍ରମରେ ଗୀତା ସାଧକମାନଙ୍କ ଦ୍ୱାରା ପରିବେଷିତ 'ଜଗନ୍ନାଥାଷ୍ଟକମ' ଶ୍ରୀ ଜଗନ୍ନାଥ ସଂସ୍କୃତିର ମୂଲ୍ୟବୋଧକୁ ପରିଚିତ କରାଇ ଥିଲା ଓ ସମସ୍ତ କାର୍ଯ୍ୟକ୍ରମରେ ଶତାଧିକ ସନ୍ଥ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବବର୍ଗ ଓ ସାଧାରଣ ନାଗରିକଙ୍କ ଅଂଶଗ୍ରହଣ ରହିଥିଲା । ଗୀତା ପ୍ରେମୀ, ରାଷ୍ଟ୍ରପ୍ରେମୀ, ସଂସ୍କୃତି ପ୍ରେମୀମାନଙ୍କ ଅଭୁତପୂର୍ବ ସମାବେଶରେ ସ୍ୱାମୀଜୀଙ୍କ ଦିଗ୍‌ଦର୍ଶନ ନିଶ୍ଚିତ ଭାବେ ରାଷ୍ଟ୍ର ନିର୍ମାଣରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

ଗୀତା ପରିବାର ଓଡିଶା ପକ୍ଷରୁ ଅଧ୍ୟକ୍ଷ ପ୍ରମୋଦ ମହାନ୍ତି, ସମ୍ପାଦକ ରଘୁନାଥ ପାଢ଼ୀ, କୋଷାଧ୍ୟକ୍ଷ ସନ୍ତୋଷ ସେନାପତି, ଶରତ ତ୍ରିପାଠୀ, ଯଶୋବନ୍ତ ବେହେରା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଥିଲେ । ଗୀତା ପ୍ରାତେକ୍ଷକ କାର୍ଯ୍ୟକ୍ରମରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ସସ୍ମିତା ପାଢ଼ୀ, ମମତା ମିଶ୍ର, ପ୍ରିୟଦର୍ଶିନୀ ମିଶ୍ର ଏବଂ ଜଗନ୍ନାଥାଷ୍ଟକମ କାର୍ଯ୍ୟକ୍ରମରେ ଅନ୍ୟାନମାନଙ୍କ ମଧ୍ୟରେ ମମତା ଜେନା ଓ ଚନ୍ଦ୍ରକଳା ପାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଟାଇମ୍ସ ଗୁରୁକୁଳ ସ୍କୁଲର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାର କଲେଜ ଛକ ନିକଟ ଉଦୟ ନଗର ଠାରେ ଥିବା ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଟାଇମ୍ସ ଗୁରୁକୁଳ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ପ୍ରହ୍ଲାଦ ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ଉଦଘାଟକ ଭାବେ ମଦନ ମୋହନ ସାହୁ, ମୁଖ୍ୟଅତିଥି ଭାବେ ଦିନବନ୍ଧୁ ରାଉତ, ଅଶୋକ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କଠିନ ପରିଶ୍ରମ, ଏକାଗ୍ରତା ଓ ଲକ୍ଷ ମଣିଷକୁ ସଫଳତାର ଶୀର୍ଷକରେ ପହଞ୍ଚାଇ ଥାଏ । ଆଜିର ଶିଶୁ କାଲିର ଭବିଷ୍ୟତ । ଶିକ୍ଷିତ ହେବା ସହ ଭଲ ମଣିଷ ହେବାକୁ ଅତିଥି ବୃନ୍ଦ ମତବ୍ୟକ୍ତ କରି ଅନୁଷ୍ଠାନର ଉତ୍ତରତ୍ତ୍ୱର କାମନା କରିଥିଲେ । ସ୍କୁଲର ଅଦକ୍ଷ ବ୍ରହ୍ମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ । ସ୍କୁଲ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

## ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ: ମନ୍ତ୍ରୀ

**ରାଜନଗର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି । ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷ, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ଆଧାରରେ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରତିଶୃତିବଦ୍ଧ । ରାଜ୍ୟରେ ୮ଶହ ବିଦ୍ୟାଳୟକୁ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହି ଅନୁଷ୍ଠାନ ମଧ୍ୟ ପିଏମଶ୍ରୀ ଯୋଜନାରେ ସାମିଲ କରାଯାଇଛି । ଏହାର ଭିତିଭୂମି, ସ୍ମାର୍ଟ କ୍ଲାସରୁମ ନିଶ୍ଚିନ୍ତ ଭାବରେ କରାଯିବ । ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଶିକ୍ଷାର ତ୍ରିଭୁଜ ଭଳି । ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ମାଟିର ପିଣ୍ଡୁଳାରୁ କୁମ୍ଭାର ବିଭିନ୍ନ ଜିନିଷ ଗଢିବା ଭଳି ଛାତ୍ରଛାତ୍ରୀଙ୍କୁ ଗଢିଥାନ୍ତି । ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ । ଜାତୀୟ ଶିକ୍ଷାନୀତି ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି । ପୂର୍ବ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ଡଃ କୁମରବର ଦାସ ଯୋଗଦେଇ ପାଠପଢାର ଉଦ୍ଦେଶ୍ୟ ଚାକିରି ମୁହଁ । ଜୀବନ ବିଦ୍ୟାଳୟର ପାଠପଢା ହିଁ ବାସ୍ତବ ଶିକ୍ଷା ବୋଲି ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ମହାକାଳପଡା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ୫୦ବର୍ଷ ତଳେ ଯେଉଁ ମହାନ ବ୍ୟକ୍ତିମାନେ ଏହି ଶିକ୍ଷାନୁଷ୍ଠାନର ପରିକଳ୍ପନା କରିଥିଲେ । ସେମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ସନାତନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂପାଦକ ଲଳିତକୁମାର ବେହେରା ତାଙ୍କ ସଂପାଦକୀୟ ବିବରଣୀରେ ଏହି ଶିକ୍ଷାନୁଷ୍ଠାନ ୫୦ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାର ଭିତିଭୂମିର ଘୋର ଅଭାବ ରହିଛି । ଆଜିବି ଛାତ୍ରଛାତ୍ରୀମାନେ ବାତ୍ୟାଶ୍ରୟସ୍ଥଳୀ ଓ ଗଛମୂଳେ ମଧ୍ୟ ପାଠ ପଢୁଛନ୍ତି । ବୈଷୟିକ ଜ୍ଞାନ କୌଶଳ ସହ ଭିତିଭୂମି ବିକାଶ କରିବା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟାପକ ପ୍ରତାପଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ମାନସରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମାନେକା ଗାନ୍ଧୀ ପ୍ରଦାନ କରିବେ ଗାନ୍ଧୀ ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପରିବେଶ ଓ ପ୍ରାଣୀ ସଂପଦ ସୁରକ୍ଷା କ୍ଷେତ୍ରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଜାନୁଆରୀ ୪ ତାରିଖ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ସଭାଗୃହରେ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ଅଂଶଗ୍ରହଣ କରିବେ ।

ପାଟକୁରା ଗାନ୍ଧୀ ଭାବେ ପରିଚିତ ବିଶିଷ୍ଟ ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ପୁଣ୍ୟ ତିଥି ଅବସରରେ ପ୍ରତିବର୍ଷ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଥାଏ ।

ପ୍ରାଣୀ ସଂପଦର ଆବଶ୍ୟକତା, ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ ଗାନ୍ଧୀଜୀଙ୍କ ମାର୍ଗ ଦର୍ଶନ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ଉପରେ ଶ୍ରୀମତୀ ଗାନ୍ଧୀ ବକ୍ତବ୍ୟ ରଖିବେ । ଏହି ଅବସରରେ ପ୍ରଫେସର ନିବେଦିତା ମହାନ୍ତି ଭିତ୍ତିଭାଷଣ ପ୍ରଦାନ କରିବେ ।

ରାଜକିଶୋର ନାୟକ ଜାତୀୟ ପ୍ରତିଷ୍ଠାନ ପକ୍ଷରୁ ବିଗତ ବର୍ଷମାନଙ୍କରେ ଅନୁଷ୍ଠିତ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ବହୁ ବିଶିଷ୍ଟ ବ୍ୟକ୍ତି ବକ୍ତବ୍ୟ ପ୍ରଦାନ କରିଛନ୍ତି । ଜାନୁଆରୀ ୪ ତାରିଖ ସକାଳ ସାଢ଼େ ୧୦ଟାରେ ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରତିଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି ।

## ଟାଟା ପାୱାର କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ଜଗତସିଂହପୁର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ଏହି କ୍ରମରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଟାଉନ ହଲ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଆମେ ଟାଟା କମ୍ପାନିକୁ ଅତିରିକ୍ତ ସୁରକ୍ଷା ଜମାରାଶି ଦେବୁ ନାହିଁ, ସ୍ମାର୍ଟ ମିଟର ବିକିବା ବନ୍ଦ କର, ହାରାହାରି ୭୨୦୦ କୋଟି ଟଙ୍କା ଉପୋଭକ୍ତାଙ୍କୁ ଫେରସ୍ତ କର, ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ ମାଗଣା ବିଜୁଳି ଦିଆଯାଉ, ଗ୍ରାହକ ଶୋଷଣ ବନ୍ଦ କର, ଟାଟା ପାୱାରକୁ ବିଦା କର ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଥିଲେ । କଂଗ୍ରେସ କର୍ମୀମାନେ ଟାଟା ପାୱାର ଅଫିସକୁ ତାଲା ପକାଇବା ପାଇଁ ଯିବା ବେଳେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟ ଧସ୍ତାଧସ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଡ଼.ଲଲାଟେନ୍ଦୁ ମହାପାତ୍ର, ଓପିସିସି କିଷାନ କଂଗ୍ରେସ ସଭାପତି ଅଭୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଜବର ଦାସ, ପ୍ରଶାନ୍ତ ମହାପାତ୍ର, ଶ୍ରୀଚରଣ ରାଉତ, ବିଦ୍ୟାଧର ବାରିକ, ସୁବୋଧ ସ୍ୱାଇଁ, ରମାକାନ୍ତ ମହାନ୍ତି, କାହ୍ନୁଚରଣ ରାଉତ, ବଲ୍ଲଭାନନ୍ଦ ସ୍ୱାଇଁ, ସର୍ବେଶ୍ୱର ପଣ୍ଡା, ବିଚିତ୍ରାନନ୍ଦ ଲେଙ୍କା, ମହନି ଚରଣ ରାଉତ, ଆର୍ତ୍ତତ୍ରାଣ ପଣ୍ଡା, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ନିହାର ଦାସ, ସତ୍ୟବ୍ରତ ଦାସ, ସୃଜନିକା ରାଉତ, ସମିତି ସଭ୍ୟ ସ୍ନିଗ୍ଧାରାଣୀ ଦାଶ, ରୂପଶ୍ରୀ ରାଗିଣୀ ଦାସ, ମନୋରମା ଖଟୁଆ, ମୌସୁମୀ ମହାପାତ୍ର, ବୈଶାଖୀ ପ୍ରିୟଦର୍ଶିନି, ପୁଷ୍ପାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଦାସଙ୍କ ସମେତ ଶତାଧିକ କଂଗ୍ରେଶ କର୍ମୀ ଯୋଗଦେଇଥିଲେ ।

## ଶିଶୁ କିଶୋର ପତ୍ରିକା ଆମ ସୁନା ସକାଳ

**ଆଳି,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଶିକ୍ଷକ ଭବନ ପରିସରରେ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଆମ ସୁନା ସକାଳ ପତ୍ରିକା ଉନ୍ମୋଚନ ହୋଇଥିଲା । ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ଆଳିର ବ୍ଲକ୍ ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ବେଉରା, ଗାଳ୍ପିକ ପର୍ଶୁରାମ ବେହେରା, କେଶବ ଚରଣ ସିଂହ ଶିକ୍ଷାବିତ ରତିକାନ୍ତ ପାତ୍ର, କବି ପ୍ରମୋଦ ମଲ୍ଲିକ, ସନ୍ନିଭା ମିଶ୍ର ଦାଶ, ଗୋବିନ୍ଦ ନନ୍ଦ, ପରିବେଶ ବିତ ରାଜେନ୍ଦ୍ର ବେହେରା, ସଡ଼କ ବନ୍ଧୁ ସୁଶାନ୍ତ ତରେଇ ଓ ପତ୍ରିକାର ସମ୍ପାଦକ ଅକ୍ଷୟ କୁମାର ପଣ୍ଡା ଉପସ୍ଥିତ ଥିଲେ । ଆଳି ବ୍ଲକ ଶିକ୍ଷା ଅଧିକାରୀ ନିଜ ବକ୍ତବ୍ୟରେ କହିଲେ ଏହି ପତ୍ରିକା ନିଶ୍ଚୟ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶରେ ସହାୟକ ହେବ । ପରିଶେଷରେ ସୁଶାନ୍ତ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ବାଙ୍କୀର ପୂରପଲ୍ଲୀରେ ଶାମ୍ବ ଦଶମୀ



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପବିତ୍ର ଶାମ୍ବଦଶମୀ ବାଙ୍କୀ ଉପଖଣ୍ଡର ବିଭିନ୍ନ ଗ୍ରାମରେ ପାଳିତ ହେଉଅଛି। ବିଶେଷ କରି ଗ୍ରାମର ମହିଳାମାନେ ଆଜିର ଦିନରେ ସୂର୍ଯ୍ୟଙ୍କୁ ପୂଜା କରିବା ସହିତ ପିଠା, ବୁଢ଼ାଚକୁଳି, ବରା, ଖିରୀ, ଖେଚୋଡ଼ି, ତରକାରୀ ଆଦି ପ୍ରସ୍ତୁତ କରି ସୂର୍ଯ୍ୟଦେବତାଙ୍କ ପାଖରେ ପୂଜା କରିଥାନ୍ତି। ଏହି ତିଥୀରେ ସୂର୍ଯ୍ୟଦେବତାଙ୍କୁ ପୂଜା କଲେ ସମସ୍ତ ରୋଗରୁ ମୁକ୍ତି ମିଳିପାରିବ ବୋଲି ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କୁହନ୍ତି। ଏହା ଆମ ହିନ୍ଦୁ ସଂସ୍କୃତିର ଏହା ଏକ ପରମ୍ପରା ଓ ସୂର୍ଯ୍ୟ ହେଉଛନ୍ତି ଆମର ଦେବତା। ତେଣୁ ଆଜିର ଦିନରେ ପୂଜା କଲେ ବିଭିନ୍ନ ରୋଗ ଓ ଛୋଟ ଛୋଟ ପିଲାମାନଙ୍କର ସ୍ୱାସ୍ଥ୍ୟ ଭଲ ରହିଥାଏ ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି।

## ୧ରେ ବିଶ୍ୱ ପ୍ରାର୍ଥନା ଦିବସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ଦିବସ ବିଗତ ୮ବର୍ଷ ହେବ ଜାନୁଆରି ପହିଲା ଦିନ ପ୍ରାତଃ ୬ଟାରୁ ୭ଟା ଯାଏ ଏହା କାର୍ଯ୍ୟକାରୀ ହୋଇ ଆସୁଛି। ଏହି ଦିବ୍ୟ କାର୍ଯ୍ୟ ଧୀରେ ଧୀରେ ବିପୁଳ ଲୋକାଦୃତି ଲାଭ କରିଛି। ଏହିକ୍ରମରେ ଆସନ୍ତା ଜାନୁଆରି-୨୦୨୬ ପହିଲା ଦିନ ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଦେଶ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ୯ମ ବର୍ଷ ପାଇଁ ସମୂହ ପ୍ରାର୍ଥନାର ଆୟୋଜନ କରାଯାଇଛି। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କରାଯିବାକୁ ଥିବା ବେଳେ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଭୁବନେଶ୍ୱରର ୟୁନିଟ୍-୨ ଅଶୋକନଗରସ୍ଥିତ ଦିବ୍ୟ ଜୀବନ ସଂଘ, ଶିବାନନ୍ଦ ଆଶ୍ରମର ସଭାଗୃହରେ ଅନୁଷ୍ଠିତ ହେବ। ସମୂହ ପ୍ରାଥନାରେ ସାମିଲ ହେବାକୁ ଶ୍ରୀମା ଅନୁରୋଧ କରିଛନ୍ତି।

## ରନ୍ଵବଟ ମଠ ପୂଜକଙ୍କ ସ୍ମୃତିଚାରଣ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ତୁଳସୀପୁର ପଂଚାୟତ ସଭାମଣ୍ଡପ ରନ୍ଵବଟ ମଠ ଠାକୁରଙ୍କ ପୂଜକ ରାଜକିଶୋର ଶତପଥିଙ୍କ ଚତୁର୍ଥଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରନ୍ଵବଟ ପୂଜା କମିଟି ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ସଭାରେ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ କୁମାର ମିତ୍ର, ହିମାଂଶୁ ଶେଖର ଦାଶ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, କମିଟି ସଂପାଦକ ଲକ୍ଷ୍ମୀଧର ବେହେରା, ସଦସ୍ୟ କୈଳାଶ ଚନ୍ଦ୍ର କର, ବ୍ରଜବନ୍ଧୁ କର, ସୁବାସ ଚନ୍ଦ୍ର ସାହୁ, ପୁତ୍ର ଭଜମନ ଶତପଥି, ବାଇମନ ଶତପଥିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୂଜକ ଶ୍ରୀ ଶତପଥିଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରବଚନ,ଭଜନ,ହରିନାମ ଆଦି ପରିବେଷଣ କରାଯାଇଥିଲା ।

## ଅଶୋକ ଦାସ ମେମୋରିଆଲ କ୍ରିକେଟ୍



**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା କ୍ରିକେଟ୍ ଆସୋସିଏସନ୍ ଓ ଯାଜପୁର ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍‌ର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଂଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବ ଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ୍, ବରିଷ୍ଠ ପ୍ରଧାପକ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ବିଜେଡ଼ି ନେତା ବଳଭଦ୍ର ଦାସ, ଜିଲା କ୍ରିକେଟ୍ ଆସୋସିଏସନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ୍, ଯୁବ ନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଶୁଭ୍ରାଂଶୁ ପତି, ବୁଲୁ ସିଂ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଆଜିର ଏହି ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ସହିତ ଜି.ସି.ସି, ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ଜି.ସି.ସି, ଇନ୍ଦୁପୁର ନିର୍ଦ୍ଧାରିତ ୨୫ଓଭର ଖେଳି ୯ୱିକେଟ୍ ହରାଇ ୨୧୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିଶିକାନ୍ତ ରାଉତ ୫୬ରନ୍ ସଂଗ୍ରହ କରିଥିଲା ବେଳେ ମୃଦୁଲ ପାଣ୍ଡେ ୩୪ରନ୍ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ କ୍ରିକେଟ କ୍ଲବ୍‌ର ଅରୁଣ କୁମାର ୪ଓଭର ବୋଲିଂ କରି ୩୬ରନ୍ ଦେଇ ୩ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ୧୮.୩ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୫ରନ୍ ସଂଗ୍ରହ କରି ଇନ୍ଦୁପୁର ଠାରୁ ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ମନୁ କୁମାର ସର୍ବାଧିକ ୫୮ ରନ୍ ସଂଗ୍ରହ କରିଥିଲେ। ଜି.ସି.ସି ଇନ୍ଦୁପୁର ର ବୋଲର ରିତେଶ ପାଣ୍ଡେ ୫ଓଭର ବୋଲିଂ କରି ୨୩ ରନ୍ ଦେଇ ୪ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ଏହି ମ୍ୟାଚ୍ ଜି.ସି.ସି ଇନ୍ଦୁପୁର ୭୩ରନ୍ ରେ ବିଜୟୀ ହାସଲ କରିଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି ପରିଚାଳନା କରିଥିଲେ।

## ଟାଟା ପାୱାର ବିରୋଧରେ ଜନସ୍ୱାର୍ଥ ମାମଲା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା ପାୱାର ବିରୋଧରେ ରୁଜୁ ହେଲା ଜନସ୍ୱାର୍ଥ ମାମଲା । ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ ସହ ତୁରନ୍ତ ପ୍ରତ୍ୟାହାର ଦାବିରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ମଂଗଳବାର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ ଏବଂ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲଘଂନ ଅଭିଯୋଗରେ ଭଏସ ଅଫ କଟକ ପକ୍ଷରୁ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ଏହି ଜନସ୍ୱାର୍ଥ ମାମଲାରେ ଶକ୍ତି ସଚିବ, ଟାଟାପାୱାର ଏବଂ ଓଆରସି ଆଦିଙ୍କୁ ପକ୍ଷଭୁକ୍ତ କରାଯାଇଛି । ସୂଚନା ଥାଉକି, ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ଟାଟାପାୱାର ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ପାଇଁ ନୋଟିସ ଦେବା ପରେ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଏ ପ୍ରସଂଙ୍ଗରେ ରାଜନୀତି ମଧ୍ୟ ଯୋର ଧରିଛି । ବିରୋଧି ବିଜେଡ଼ି ଓ କଂଗ୍ରେସ ଏବଂ ଉପଭୋକ୍ତା ମହାସଂଘ ସହିତ ବୁଦ୍ଧିଜୀବିମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବିରୋଧ ପ୍ରଦର୍ଶନ କରିବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ପ୍ରତ୍ୟାହାର ପାଇଁ ଓଆରସି ଓ ଟାଟାପାୱାର ନିକଟରେ ଦାବି କରାଯାଇଛି।

## ଲୋକଙ୍କଠୁ ମଶାଭଳି ରକ୍ତ ଶୋଷୁଛି ବିଜେପି: ଯୁବ କଂଗ୍ରେସ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ମୋହନ ସରକାର ଗାଡ଼ି ମାଲିକଙ୍କଠାରୁ ଜିଜିଆକର ଆଦାୟ କରୁଛନ୍ତି। ୧ କୋଟି ୧୩ ଲକ୍ଷ ବିଜୁଳି ଉପଭୋକ୍ତାଙ୍କ ଠାରୁ ଟାଟା ପାୱାର କମ୍ପାନୀକୁ ଲଗାଇ ରକ୍ତ ଶୋଷଣ କଲାଭଳି ବିଜୁଳି ବିଲ ଦେୟ ଆଦାୟ କରୁଛନ୍ତି। ସେତିକିରେ ତାଙ୍କର ନୃଶଂସତା ସୀମିତ ହୋଇଯାଇ ନାହିଁ। ଏବେ ପ୍ରଦୁ୍ୟଷଣ ସାର୍ଟିଫିକେଟ ନାମରେ ଦୁଇ ଚକିଆ, ଚାରି ଚକିଆ ଏବଂ ସମସ୍ତ ଯାନର ମାଲିକଙ୍କଠାରୁ ମଶାଭଳି ରକ୍ତ ଶୋଷଣ କରୁଛନ୍ତି। ପ୍ରଦୁ୍ୟଷଣ ସାର୍ଟିଫିକେଟ ନାମରେ ବିଭିନ୍ନ ଗାଡ଼ି ଉପରେ ଥିବା ମାତ୍ରାଧିକ ଫାଇନ ଦେବାକୁ ବାଧ କରାଯାଉଛି। ଲୋକଙ୍କୁ ସଚେତନ କରାନଯାଇ ମନଇଛା ଫାଇନ ଲାଗୁ କରାଯାଇଛି। ଏପଟେ କୁହାଯାଉଛି ଯେ ଯଦି ଫାଇନ ନଦେବ ତେବେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଦିଆଯିବ ନାହିଁ। ପୁଣି କୁହାଯାଉଛି ଯେ ଯଦି ପ୍ରଦୁ୍ୟଷଣ ସାର୍ଟିଫିକେଟ ନଥିବ ତେବେ ପେଟ୍ରୋଲ ଟାଙ୍କିରେ ତେଲ ମଧ୍ୟ ମିଳିବ ନାହିଁ। ତେଣୁ ଏହା ଏକ ଜନହିତୈଷୀ ସରକାର ନା ଜନବିରୋଧି ସରକାର? ଯାହାର ଗାଡ଼ିର ମୂଲ୍ୟ ୨୦ ହଜାର ଟଙ୍କା ତାହା ଉପରେ ଫାଇନ ୨୫ ହଜାର ଟଙ୍କା କରାଯାଉଛି। ଯାହା ଫଳରେ ଗାଡ଼ି ମାଲିକ ତାହା ଗାଡ଼ି ଆଉ ଚଲାଇବା ପାଇଁ ସକ୍ଷମ ହୋଇପାରିବ ନାହିଁ। ଲୋକଙ୍କୁ ହଇରାଣ ହରକତ କରି ଫାଇନ ଆଦାୟ କରିବାକୁ ବରଦାସ୍ତ କରାଯିବ ନାହିଁ। ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁରେ ଗାଡ଼ି ଉପରେ ଥିବା ଫାଇନ ଏକ ପ୍ରସଙ୍ଗ ନହେଉ। ସମସ୍ତଙ୍କ ଗାଡ଼ି ପରୀକ୍ଷା କରି ଏକ ସୁଲଭ ମୂଲ୍ୟରେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁ କରିବାପାଇଁ ଯୁବ କଂଗ୍ରେସ ଦାବି କରିଛି। ଯଦି ସରକାର ଗାଡ଼ି ଉପରେ ଥିବା ଫାଇନ ପୂରଣ କରିବାପରେ ପ୍ରଦୁ୍ୟଷଣ ସାର୍ଟିଫିକେଟ ଇସ୍ୟୁ କରିବାର ନିଷ୍ପତ୍ତିରେ ଅଟଳ ରୁହନ୍ତି ତେବେ ଯୁବ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ। ସରକାର ତାଙ୍କ ନିଷ୍ପତ୍ତିରେ ପୁର୍ନବିଚାର କରନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ମନୋଜ ବିଶ୍ୱାଳ, ୟାସିର ନୱାଜ, ଜାଭେଦ ଅକତର ଓ କେଦାର ଦଳାଇ ଉପସ୍ଥିତ ଥିଲେ।

## ୧୪ରେ ହଟକେଶ୍ୱରଙ୍କ ମକର ମହୋତ୍ସବ



**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ବେଗୁନିଆ ବ୍ଲକ ଅନ୍ତର୍ଗତ ହଟକେଶ୍ୱର ପ୍ରାଙ୍ଗଣରେ ଥିବା ସଭା ଗୃହରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରୀ ଶ୍ରୀ ହଟକେଶ୍ୱର ମକର ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ତହସିଲଦାର, ଏସଡିପିଓ, ଆଇଆଇସି ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ଯନ୍ତ୍ରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଭଗବାନ ପଣ୍ଡା ପ୍ରଦାନ କରିଥିବା ବେଳେ ସିଆରସିସି ସୁଧାକର ସେଠୀ ହଟକେଶ୍ୱର ମକର ମହୋତ୍ସବ ସମ୍ବନ୍ଧରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ମହୋତ୍ସବ ସ୍ଥଳ ଚତୁର୍ପାର୍ଶ୍ୱ ରାସ୍ତା ଘାଟ ମରାମତି, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା ଆଦି ଗୁରୁତ୍ୱ ପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସମୀକ୍ଷା କରି ହଟକେଶ୍ୱର ମକର ମହୋତ୍ସବରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ମହୋତ୍ସବ ସ୍ଥଳରେ ରହି ସେମାନଙ୍କୁ ନ୍ୟସ୍ତ ସେବାଗୁଡିକୁ ଯୋଗାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବକୁ ସ୍ମରଣୀୟ କରିବା ନିମନ୍ତେ ବ୍ଲକ୍ ଶିକ୍ଷା ଅଧିକାରୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ଐତିହ୍ୟ ଓ ସଂସ୍କୃତି ମୂଳକ ପ୍ରତିଯୋଗିତା କରାଇବେ। ସେହିପରି ପାନୀୟ ଜଳ ଟ୍ୟାଙ୍କର, ରାସ୍ତାରେ ପାଣି ସିଞ୍ଚନ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ସମ୍ପାଦନ କରିବେ। ଜାନୁୟାରୀ ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହଟକେଶ୍ୱର ମକର ମହୋତ୍ସବ ଶୁଭ ଖୁଣ୍ଟି ସ୍ଥାପନ ନିମନ୍ତେ ଶୁଭ ଦିନ, ଶୁଭ ସମୟ ପାଞ୍ଜି ଦେଖି ଅନୁଷ୍ଠିତ ହେବ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବାର ପଲ୍ଲୀର ସଭାପତି ଓ ସଭ୍ୟଗଣ, ମହୋତ୍ସବ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦିଲ୍ଲୀପ କୁମାର ମହାପାତ୍ର, ବାଘମାରି ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବେଗୁନିଆ ସଦର ମହକୁମା ବରିଷ୍ଠ ନାଗରିକ, ହଟକେଶ୍ୱର ମନ୍ଦିର କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଭୁ ହଟକେଶ୍ୱରଙ୍କ ପବିତ୍ର ମକର ମହୋତ୍ସବ ଶାନ୍ତି ଶୃଙ୍ଖଳା ଭାଇଚାରା ସହକାରେ ସମ୍ପନ୍ନ କରିବାକୁ ବିଧାୟକ ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ଚାଷୀଙ୍କ ଦୁଃଖ ଜଣାଇବାକୁ ଯାଇଥିବା ନେତାଙ୍କୁ ପିଟିଲେ ବିଧାୟକଙ୍କ ସହଯୋଗୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଭାତ ହାଣ୍ଡି ଭାବେ ପରିଚିତ ବରଗଡ଼ର ଧାନ ଚାଷୀଙ୍କ ପ୍ରତି ମିଲର ମାଲିକମାନଙ୍କର ଅହେତୁକ ଶୋଷଣ, ଚାଷୀଙ୍କୁ ଧାନ ବିକ୍ରି ନିମନ୍ତେ ଦୀର୍ଘ ଦିନ ଧରି ଟୋକନ୍ ନ ମିଳିବା ଏବଂ କଟନି ଛଟନି ଭଳି ପ୍ରମୁଖ ସମସ୍ୟା ଜଣାଇବା ନିମନ୍ତେ ଗତକାଲି ଆମ୍ ଆଦମୀ ପାର୍ଟିର ବରଗଡ଼ ଜିଲ୍ଲା ଯୁବ ସଭାପତି ଶାହରୁଖ ଲୋଧିଆ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଶୁଣିବା ପରିବର୍ତ୍ତେ ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କ ସମର୍ଥକମାନେ ଶ୍ରୀ ଲୋଧିଆଙ୍କୁ ଧମକ ଚମକ ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶାହରୁଖଙ୍କର ଶରୀରର ବିଭିନ୍ନ ଅଙ୍ଗ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା। ମରଣାନ୍ତକ ଆକ୍ରମଣ କରିଥିବା ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଶାହରୁଖ ଲୋଧିଆଙ୍କୁ କାହା ନିର୍ଦ୍ଦେଶରେ ପୋଲିସ ଗିରଫ କରି ସଙ୍ଗୀନ ଦଫା ଲଗାଇଲା ତାହା ଏକ ବିରାଟ ପ୍ରଶ୍ନବାଚୀ ପାଲଟିଛି। ଯେଉଁଭଳି ଭାବେ ଦୋଷୀମାନଙ୍କୁ ଘଷ୍ଟ ଘୋଡାଇ ନିର୍ଦ୍ଦୋଷ ଶାହରୁଖଙ୍କୁ ପୋଲିସ ଗିରଫ କରିଛି ଏଥିରୁ ବିଧାୟକଙ୍କର ଉକ୍ତ ଘଟଣାରେ ସଂପୃକ୍ତି ଥିବାର ସ୍ପଷ୍ଟ ପ୍ରମାଣ ମିଳୁଛି। ଓଡ଼ିଶାରେ ବିଜେପି ସରକାରର ଏଭଳି ଗୁଣ୍ଡା ଓ ଅସାମାଜିକ ତତ୍ତ୍ୱଙ୍କୁ ପ୍ରୋତ୍ସାହନ ଦେବା ନୀତିକୁ ଆମ୍ ଆଦମୀ ପାର୍ଟି କଡ଼ା ଶବ୍ଦରେ ନିନ୍ଦା କରିବା ସହ ଶାହରୁଖଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ପ୍ରତ୍ୟାହାର ଏବଂ ଆକ୍ରମଣକାରୀ ଗୁଣ୍ଡାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ଜଣାଉଛି।

## ବିଜେଡ଼ି ସଂଗଠନ ପୁର୍ନଗଠନକୁ ନେଇ ଦେବାଶିଷଙ୍କ ଅସନ୍ତୋଷ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡ଼ି ସଂଗଠନ ପୁର୍ନଗଠନକୁ ନେଇ ବରିଷ୍ଠ ବିଜେଡ଼ି ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ମଂଗଳବାର କଟକରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଦେବାଶିଷ ନୂଆ ନିଯୁକ୍ତିକୁ କଡ଼ା ସମାଲୋଚନା କରିଛନ୍ତି । ଦେବାଶିଷ କହିଛନ୍ତି, ଦଳ ପାଇଁ ବିଗତ ଦିନରେ ଯେଉଁମାନେ ତ୍ୟାଗ ସ୍ୱୀକାର କରିଛନ୍ତି, ସେମାନଙ୍କୁ ଦଳ ଅଣଦେଖା କରିଛି । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏଭଳି ନିଯୁକ୍ତି ପଛରେ ରହିଛନ୍ତି । ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଦଳର କୌଣସି ନେତା ନବୀନ ପଟ୍ଟନାୟକଙ୍କୁ ବିରୋଧ କରୁନାହାନ୍ତି ବରଂ ନବୀନଙ୍କ ଅଗୋଚରରେ ଦଳକୁ କ୍ଷତି ପହଞ୍ଚାଇବା ଭଳି କାର୍ଯ୍ୟ କରୁଥିବା ନେତାଙ୍କୁ ବିରୋଧ କରାଯାଉଛି ବୋଲି ଦେବାଶିଷ କହିଛନ୍ତି । ଏଥିସହ ଦେବାଶିଷ ଆହୁରି କହିଛନ୍ତି, ଯେଉଁମାନେ ୱାକଫ ସଂଶୋଧନ ବିଲ ଆଗତ ସମୟରେ ଓ ଅନ୍ୟ କିଛି ପ୍ରସଙ୍ଗରେ ଦଳର ଆଭିମୁଖ୍ୟକୁ ବିରୋଧ କରିଛନ୍ତି, ସେମାନଙ୍କୁ ନୂତନ କର୍ମକର୍ତ୍ତା ନିଯୁକ୍ତିରେ ବାଦ ଦିଆଯାଇଛି । କଟକର କିଛି ଯୁବବିଜେଡ଼ି ନେତା ଏ ନେଇ ଆଗାମୀ ଦିନରେ ଦଳ ସୁପ୍ରିମୋଙ୍କୁ ଦେଖା କରିବେ ବୋଲି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.9062 date-30-12-2025. I Madhusmita Biswal, W/O- Jitendra Biswal, Vill-Kathapangara, Post- Junapangara,P.S.- Rajnagar, Dist- Kendrapara, State- Odisha, PIN-754225, declare that, I have changed my name from Madhusmita Samal to Madhusmita Biswal. Henceforth, I shall be known as Madhusmita Biswal for all purposes.

**S/d-Madhusmita Biswal.**


## ବିଶ୍ୱଜିତ ଛାତ୍ର ବିଜେଡି ସାଧାରଣ ସମ୍ପାଦକ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ହରିଅନ୍ତା ଗ୍ରାମ ପଂଚାୟତର ଯୁବ ସଂଗଠକ ବିଶ୍ୱଜିତ ଜେନା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ବିଶ୍ୱଜିତ ଜଣେ ଭଲ ଯୁବ ସଂଗଠକ, ଦଳପ୍ରେମୀ, ବିଭିନ୍ନ ସମୟରେ ଦଳରେ ଶୃଙ୍ଖଳିତ ଭାବେ ସାଙ୍ଗଠନିକ କାର୍ଯ୍ୟକ୍ରମ କରିବା ସହିତ ତୃଣମୂଳ ସ୍ତରରେ ଦଳକୁ ମଜବୁତ କରିବା ପାଇଁ ଉଦ୍ୟମ ଜାରୀ ରଖିଥାନ୍ତି। ଏହାକୁ ପାଥେୟ କରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଯୁବ ଛାତ୍ର ନେତୃତ୍ୱ ମଣ୍ଡଳୀରେ ସାମିଲ କରିଛନ୍ତି। ଶ୍ରୀ ଜେନାଙ୍କ ନାମ ପ୍ରଚାରିତ ହେବା ପରେ ସାରା ନିଆଳୀ ନିର୍ବାଚନ ମଣ୍ଡଳୀରେ ଖୁସୀର ବାତାବରଣ ଦେଖାଯାଇଛି। ନିଆଳୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଗଗନ ବିହାରୀ ଜେନା, ଅକ୍ଷୟ କୁମାର ମହାନ୍ତି, ୩୩ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ, ଶୋଭନ ମହାପାତ୍ର, ପୁଲକ ମହାନ୍ତି, ଲକ୍ଷ୍ମୀଧର ପ୍ରଧାନ, ସମୀର ସାମନ୍ତରାୟ, ବରିଷ୍ଠ କର୍ମୀ ଗଣେଶ ଚନ୍ଦ୍ର ସାହୁ, ଅଜୟ ବିଶ୍ୱାଳ, ସରପଞ୍ଚ ପଦ୍ମିନୀ ପ୍ରଧାନ, ରୋହିଣୀ ଭୋଇ, ରାଜଦର୍ଶନ ବାରିକଙ୍କ ସମେତ ବହୁ ଦଳିୟ କର୍ମକର୍ତ୍ତା ଶୁଭେଚ୍ଛା ସହିତ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ଜେନା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ରାଜ୍ୟ ଛାତ୍ର ଜନତା ଦଳର ସଭାପତି ଶ୍ରୀମତୀ ଇପ୍ସିତା ସାହୁଙ୍କୁ ଧନ୍ୟବାଦ ଜଣାଇବା ସହିତ ଦଳର ବରିଷ୍ଠ ନେତୃତ୍ୱ ଓ ଗୁରୁଜନମାନଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ବିଜେପିରେ ମିଶ୍ରଣ ପର୍ବ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ମଣ୍ଡଳ ଜୋନ୍ ୩୬ ବାଉଁଶପୁଟ ପଂଚାୟତରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣପର୍ବରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପାର୍ଥୀ ତଥା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବାଉଁଶପୁଟ, ପାଳପୁଟ ଓ ଓସ୍ତିଆ, ବିଷ୍ଣୁପୁର, ମଣିପୁର, ଢ଼େଙ୍ଗୁଆ, ଗଉଡପଦା, ଖଜୁରୀପଦା ଓ ମଧୁପୁରର ୩ଶହରୁ ଉର୍ଦ୍ଧ୍ୱ ମହିଳା ବିଜେପିରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ, ଅତିଥିଭାବେ ପ୍ରସନ୍ନ ସ୍ୱାଇଁ, ପ୍ରଣବ ମହାପାତ୍ର ଓ ରଞ୍ଜନା ସାହୁ ଯୋଗଦାନ କରି ଦଳୀୟ ଟୋପି ପିନ୍ଧାଇ ବିଜେପିରେ ସାମିଲ୍ କରିଥିଲେ।






## ଟୁଟୁଙ୍କ ଗୋଟି ଚାଳନାରେ ବିଜେଡି ଧରାଶାୟୀ !

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**



ସୁକିନ୍ଦା ରାଜନୀତିରେ ଏବେ ସ୍ପଷ୍ଟ ପରିବର୍ତ୍ତନର ସଙ୍କେତ ଦେଖାଦେଇଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ତୃଣମୂଳ ସ୍ତରରେ ଆକ୍ରମକ ସଂଗଠନୀୟ ପଦକ୍ଷେପ ଆରମ୍ଭ ହେବା ସହିତ ବିଜେଡି ଦଳ ଭିତରେ ଫାଟ, ଅସନ୍ତୋଷ ଓ ଏକତାର ଅଭାବ ଖୋଲାମେଲା ଭାବରେ ପ୍ରକାଶ ପାଉଛି। ସ୍ଥାନୀୟ ରାଜନୈତିକ ମହଲରେ ଏବେ ଚର୍ଚ୍ଚା "ବିଜେଡି ଖଳାର ଧାନ ଏବେ ବିଜେପି କୋଠିକୁ ଯାଉଛି।" ଭୁବନେଶ୍ୱର ସ୍ଥିତ ବାସଭବନରେ ବିଜେପି ଯାଜପୁର ଜିଲ୍ଲାର ନବନିଯୁକ୍ତ ପଦାଧିକାରୀମାନଙ୍କ ସହ ହୋଇଥିବା ସୌଜନ୍ୟମୂଳକ ସାକ୍ଷାତକାର ଏହି ରାଜନୈତିକ ସମୀକରଣକୁ ଆଉ ତୀବ୍ର କରିଦେଇଛି। ଏହି ସାକ୍ଷାତକାରରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ, ସମ୍ପାଦକ ପ୍ରତାପ ଧୀର ଓ ସମ୍ପାଦିକା ଶ୍ରୀମତୀ ମନ୍ଦାକିନୀ ସେଠୀ ଉପସ୍ଥିତ ଥିଲେ।

ଏହି ଅବସରରେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ କିପରି ଆଉ ମଜବୁତ କରାଯାଇପାରିବ, ସେଥିପାଇଁ ରଣନୀତିମୂଳକ ଆଲୋଚନା ହୋଇଥିଲା। କାର୍ଯ୍ୟକର୍ତ୍ତା ସକ୍ରିୟତା, ସଂଗଠନ ବିସ୍ତାର ଓ ଆଗାମୀ ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ସିଧା ମାଇଦାନକୁ ଓହ୍ଲାଇବା ଯୋଜନା ନେଇ ଗୁରୁତ୍ୱ ଦିଆଯାଇଛି। ନବନିଯୁକ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇ ଦଳକୁ ନୂତନ ଶିଖରକୁ ନେଇଯିବାର ଆଶା ବ୍ୟକ୍ତ କରାଯାଇଛି। ଅନ୍ୟପଟେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ଦୃଢ଼ ହେବାର ସଙ୍କେତ ସ୍ପଷ୍ଟ ଦେଖାଦେଉଛି। ଜିଲ୍ଲା ସ୍ତରୀୟ ସଂଗଠନରେ ସୁକିନ୍ଦା ବ୍ଲକରୁ ମହିଳା ଦୃଢ଼ ସଂଘଟକ ଶ୍ରୀମତୀ ମନ୍ଦାକିନୀ ସେଠୀ ଓ ଦାନଗଦି ବ୍ଲକର ବରିଷ୍ଠ ନେତା ସୁଧାଂଶୁ ଶେଖର ଭଞ୍ଜ ଏବଂ ବରିଷ୍ଠ ନେତା ପ୍ରତାପ ଧୀରଙ୍କ ସାମିଲ ହେବା ସହିତ ସଂଗଠନରେ ନୂଆ ଗତି ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ହେଉଛି ସୁକିନ୍ଦାର ଖଣି ଓ ଶିଳ୍ପାଞ୍ଚଳରେ ପ୍ରତିଦିନ ଶହ ଶହ ନେତା, କର୍ମୀ ବିଭିନ୍ନ ଦଳ, ବିଶେଷକରି ବିଜେଡି ଛାଡ଼ି ବିଜେପିରେ ସାମିଲ ହେଉଛନ୍ତି। ସୁକିନ୍ଦା ମନ୍ତ୍ରୀଙ୍କ ସରକାରୀ ବାସଭବନ ଭୁବେନେଶ୍ୱର, ପାର୍ଟି ଅଫିସ ସୁକିନ୍ଦା ଓ ଖଣି ଅଞ୍ଚଳ ହେଉ କି ଶିଳ୍ପାଞ୍ଚଳ ସବୁଠି ଦଳଛାଡ଼ି ବିଜେପିରେ ସାମିଲ ଦୃଶ୍ୟମାନ ହେଉଛି। ସ୍ଥାନୀୟ ରାଜନୈତିକ ମହଲରେ ଏବେ ଖୋଲା ଆଲୋଚନା, ଟୁଟୁଙ୍କ ନେତୃତ୍ୱରେ ବିଜେପିର ସଂଗଠନୀୟ ଚାଳଣା ଆଗକୁ ବଢୁଥିବା ବେଳେ ତାନିଙ୍କ ପୂର୍ବରୁ କାମ କରୁଥିବା ରଣନୀତି ଏବେ ଆଗଭଳି ପ୍ରଭାବ ପକାଇପାରୁନଥିବା ସଙ୍କେତ ମିଳୁଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ବିଜେପି ୬ ଜିଲ୍ଲା ପରିଷଦ ସଭ୍ୟ ହାତେଇବା ସହିତ ଦୁଇ ଅଧ୍ୟକ୍ଷ ପଦ ଦଖଲ ଲକ୍ଷ୍ୟରେ ମାଇଦାନକୁ ଓହ୍ଲାଇବେ ସ୍ପଷ୍ଟ ଦେଖାଯାଉଛି। ସୁକିନ୍ଦା ରାଜନୀତିରେ ଏହି ଆକ୍ରମଣ କେତେ ଦୂର ସଫଳ ହେବ? ଏବେ ସମସ୍ତଙ୍କ ନଜର ଆସନ୍ତା ନିର୍ବାଚନ ଉପରେ।

# ଓଡ଼ିଶା ଏକ୍ସପ୍ରେସ୍

ଶେଷ ପୃଷ୍ଠା

କେନ୍ଦ୍ରାପଡ଼ା | 31st December, 2025 Wednesday | RNI Regd. No. ODIODI/2009/28880


## ବାପା ବନାମ ଡାଡି

ହେଲ୍ଥ ଟନିକ୍



ସେଦିନ ବୋଉ ଝିଅକୁ ଡାକି ପଚାରିଲେ- ହଇଲୋ, ଏ କଲେଜ୍ ଯିବାପରଠୁ ତୋ ଭାବଭଙ୍ଗୀ କ'ଣ ବଦଳି ବଦଳି ଯାଉଛି ? ମୁଁ ଲକ୍ଷ୍ୟ କରୁଛି ଭଙ୍ଗୀ ଅପେକ୍ଷା ତୋ ଭାଷା ବେଶୀ ବଦଳି ଯାଇଛି ।

ଝିଅ କିଛି ବୁଝିନପାରି କହିଲା- କ'ଣ ବଦଳି ଯାଇଛି ଖୋଲିକି କହ ।

ବୋଉ କହିଲେ- ଆଗକୁ ତୁ ତୋ ବାପାକୁ ବାପା ବୋଲି ଡାକୁଥିଲୁ। କଲେଜ୍‌ରେ ନାଁ ଲେଖାଇବା ପରେ ଡାଡି ଡାକୁଛୁ କ'ଣ ? କାହିଁ ତତେ କ'ଣ ବାପା ଡାକିବାକୁ ଅସୁବିଧା ହେଉଛି ?

ଝିଅ କହିଲା- ହଁ ବୋଉ ଅସୁବିଧା ହେଉଛି, ସେଥିପାଇଁ ବାପାକୁ ଡାଡି ଡାକୁଛି ।

ଝିଅ ପୁଣି କହିଲା- ମୁଁ ଏବେ କଲେଜ୍ ଯିବାବେଳେ ଲିପ୍‌ଷ୍ଟିକ୍ ଲଗାଉଛି ତ ତେଣୁ ବାପା ଡାକିଲେ ଓଠକୁ ଓଠ ଚାପି ହୋଇ ନେସି ହୋଇଯାଉଛି । ଡାଡି ଡାକରେ ଏ ଅସୁବିଧା ନାହିଁ।

# ଦଳକୁ ଫେରିପାରନ୍ତି ମହମ୍ମଦ ସାମି

**ମୁମ୍ବାଇ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ନେଇ ବିସିସିଆଇ ଚୟନକର୍ତ୍ତା ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଫିଟ୍‌ନେସ୍ ଏବଂ ବୟସକୁ ନେଇ ଚାଲିଥିବା ଚର୍ଚ୍ଚା ମଧ୍ୟରେ, ୩୫ ବର୍ଷୀୟ ସାମି ପୁଣିଥରେ ଚୟନକର୍ତ୍ତାଙ୍କ ପ୍ରାଥମିକତା ତାଲିକାକୁ ଫେରିଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ତାଙ୍କର ଦଳକୁ ପ୍ରତ୍ୟାବର୍ତ୍ତନ ଏବେ ଏକ ବଡ଼ ସମ୍ଭାବନା ଭାବେ ଉଭା ହୋଇଛି। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସାମିଙ୍କ ଘରୋଇ କ୍ରିକେଟ୍ ପ୍ରଦର୍ଶନ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ନିକଟରେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲି ଟ୍ରଫିରେ ୬ଟି ମ୍ୟାଚରେ ସେ ୧୭ଟି ୱିକେଟ୍ ନେଇଛନ୍ତି। ଚଳିତ ସିଜିନ୍‌ରେ ମାତ୍ର ୪ଟି ମ୍ୟାଚ୍ ଖେଳି ସେ ୨୦ଟି ୱିକେଟ୍ ହାସଲ କରି ନିଜର ଧାରା ବଜାୟ ରଖିଛନ୍ତି।

୨୦୨୫ ମାର୍ଚ୍ଚରେ ଚାମ୍ପିଅନ୍ସ ଟ୍ରଫି ପରଠାରୁ ସାମି ଭାରତ ପାଇଁ କୌଣସି ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି। ତେବେ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ତାଙ୍କୁ ଦଳରେ ସାମିଲ କରାଯାଇପାରେ। ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ପୂର୍ବରୁ ସୂଚନା ଦେଇଥିଲେ ଯେ, ଯଦି ସାମି ସମ୍ପୂର୍ଣ୍ଣ ଫିଟ୍ ରୁହନ୍ତି, ତେବେ ତାଙ୍କ ଭଳି ଜଣେ ଅଭିଜ୍ଞ ୱିକେଟ୍-ଟେକର ବୋଲରଙ୍କୁ ଦଳ ବାହାରେ ରଖିବାର କୌଣସି କାରଣ ନାହିଁ।

୨୦୨୩ ବିଶ୍ୱକପ୍ ପରଠାରୁ ସାମି ଆଣ୍ଠୁ ଏବଂ ଗୋଡ଼ର ଆଘାତ ସହ ସଂଘର୍ଷ କରି ଆସୁଛନ୍ତି। ଅସ୍ତ୍ରୋପଚାର ଏବଂ ଦୀର୍ଘ ଦିନର ରିହାବିଲିଟେସନ୍ ପରେ ସେ ଏବେ ପଡ଼ିଆକୁ ଫେରିଛନ୍ତି। ଯଦିଓ ସେ ନିଜକୁ ଫିଟ୍ ବୋଲି ଦାବି କରୁଛନ୍ତି, ଚୟନକର୍ତ୍ତାମାନେ ତାଙ୍କର କାର୍ଯ୍ୟଭାର ଏବଂ ଫିଟ୍‌ନେସ୍‌କୁ ନେଇ ଦୃଷ୍ଟି ରଖିଛନ୍ତି। "ମହମ୍ମଦ ସାମିଙ୍କ ନାମ ନିୟମିତ ଭାବେ ଆଲୋଚନା ହେଉଛି। ତାଙ୍କ ଭଳି ଦକ୍ଷ ବୋଲର ଯେକୌଣସି ସମୟରେ ୱିକେଟ୍ ନେଇପାରିବେ। ୨୦୨୭ ବିଶ୍ୱକପ୍ ପାଇଁ ସେ ଏକ ବିକଳ୍ପ ହୋଇପାରନ୍ତି।"

# ଭରଣପୋଷଣ ପାଇଁ କୋର୍ଟ ମନା କରିବାରୁ ସ୍ୱାମୀଙ୍କୁ ନିସ୍ତୁକ ପିଟିଲା ସ୍ତ୍ରୀ

**ନୂଆଦିଲ୍ଲୀ,୩୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କୋର୍ଟ ଭରଣପୋଷଣ ଦେବାକୁ ମନା କରିଦେବାରୁ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ନିସ୍ତୁକ ପିଟିଲେ। କୋର୍ଟ ବାହାରର ଭିଡିଓଟି ଏବେ ଭାଇରାଲ ହେବାରେ ଲାଗିଛି। ଛାଡପତ୍ର ଶୁଣାଣି ପରେ କୋର୍ଟ ବାହାରେ ମହିଳା ତାଙ୍କ ସ୍ୱାମୀଙ୍କୁ ପିଟୁଥିବାର ଭିଡିଓରେ ଦେଖିବାକୁ ମିଳୁଛି। ଭରଣପୋଷଣ ବିବାଦ ସୋସିଆଲ ମିଡିଆରେ ଏକ ବିତର୍କ ସୃଷ୍ଟି କରିଛି। ଜନସାଧାରଣ ଆଇନ ଉପରେ ପ୍ରଶ୍ନ ଉଠାଇଛନ୍ତି।

ମହିଳା ଜଣକ ସ୍ୱାମୀଙ୍କୁ ଚାପୁଡ଼ା ବିଧା ମାରୁଛନ୍ତି ଏବଂ ତାଙ୍କ କେଶ ଟାଣୁଛନ୍ତି। ପାଖରେ ଥିବା ଲୋକେ ଏହି ଘଟଣାକୁ ଭୟଭୀତ ହୋଇ ଦେଖୁଛନ୍ତି। ଆଶ୍ଚର୍ଯ୍ୟର କଥା, ମାଡ଼ ଖାଇବା ସତ୍ତ୍ୱେ, ସ୍ୱାମୀ ଜଣକ କିଛି କହୁ ନାହାନ୍ତି କିମ୍ବା କ୍ରୋଧ ଦେଖାଉ ନାହାନ୍ତି ବରଂ ସ୍ତ୍ରୀଙ୍କୁ ଶାନ୍ତ ଭାବରେ ଚାହିଁ ହସୁଛନ୍ତି। ଏହା ଏକ ପରିବାର କୋର୍ଟ ବାହାରେ ଘଟିଥିବା କୁହାଯାଉଛି। ତେବେ ଏହା କେଉଁଠିକାର ଘଟଣା ତାହା ଜଣାପଡିନାହିଁ। କୁହାଯାଉଛି ଯେ ଛାଡପତ୍ର ଶୁଣାଣି ପରେ ସ୍ୱାମୀ ଏବଂ ସ୍ତ୍ରୀ ମୁହାଁମୁହିଁ ହୋଇଥିଲେ। କୋର୍ଟ ମହିଳାଙ୍କ ଭରଣପୋଷଣ ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ସ୍ତ୍ରୀ କ୍ରୋଧିତ ହୋଇଥିଲେ ଏବଂ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। କୋର୍ଟ ମହିଳାଙ୍କୁ ଭରଣପୋଷଣ ଦେବାକୁ ମନା କରିଥିଲେ, କାରଣ ତାଙ୍କ ସ୍ୱାମୀ ଚୂଡ଼ାନ୍ତ ରାୟ ପୂର୍ବରୁ ତାଙ୍କ ମାଆଙ୍କୁ ତାଙ୍କ ସମ୍ପତ୍ତି ହସ୍ତାନ୍ତର କରିଥିଲେ। ଏଥିରେ କ୍ରୋଧିତ ହୋଇ ମହିଳା ଜଣକ କୋର୍ଟ ବାହାରେ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ଶ୍ରୀଲଙ୍କାକୁ ୧୫ ରନରେ ହରାଇଲା ଭାରତୀୟ ମହିଳା ଦଳ



**ନୂଆଦିଲ୍ଲୀ,୩୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ମହିଳା କ୍ରିକେଟ ଦଳ ଶ୍ରୀଲଙ୍କା ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ଆନ୍ତର୍ଜାତୀୟ ସିରିଜରେ କ୍ଲିନ୍ ସୁଇପ୍ କରିଛି। ଭାରତ ଆଜି ଖେଳାଯାଇଥିବା ପଞ୍ଚମ ଟି-୨୦ ଅନ୍ତର୍ଜାତୀୟରେ ଶ୍ରୀଲଙ୍କାକୁ ୧୫ ପରାସ୍ତ କରିଛି।

ଏହି ମ୍ୟାଚରେ ଶ୍ରୀଲଙ୍କା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱ ଇନିଂସ ବଳରେ ୧୭୫/୭ ସ୍କୋର କରିଥିଲା। ହରମନପ୍ରିତ ୬୮ ରନ କରିଥିବାବେଳେ ଅରୁନ୍ଧତୀ ରେଡ୍ଡି ୨୭ ରନ ଓ ଅମନଜୋତ କୌର ୨୧ ରନ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ କରିଥିଲା। ୧୭୬ରନର ବିଜୟ ଲକ୍ଷ୍ୟର ପିଛା କରିବାକୁ ଯାଇ ଶ୍ରୀଲଙ୍କା ଦଳ ୧୬୦ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ହସିନି ପେରେରା ୬୫ ରନ ଓ ଇମେଶା ଦୁଲାନି ୫୦ ରନ କରିଥିଲେ। ମାତ୍ର ଅନ୍ୟ ମଧକ୍ରମ ବ୍ୟାଟ୍ସରଙ୍କ ବିଫଳତା ଯୋଗୁଁ ଦଳ ଲକ୍ଷ୍ୟ ହାସଲ କରିପାରିନଥିଲା। ଭାରତ ପକ୍ଷରୁ ଦିପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡି, ସ୍ନେହ ରାଣା, ବୈଷ୍ଣବୀ ଶର୍ମା, ଶ୍ରୀ ଚାରଣି ଓ ଅମନଜୋତ କୌର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଆଦିବାସୀଙ୍କ ଛାତି ଉପରେ ଖଣି ଖୋଳା ଚାଲିଛି: କଂଗ୍ରେସ

**ଭୁବନେଶ୍ୱର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି କଂଗ୍ରେସ ଭବନ ଠାରେ ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ନା ଗ୍ରାମରେ ଅବସ୍ଥିତ ଲାଇମଷ୍ଟୋନ ଖଣି ଡାଲମିଆ କମ୍ପାନୀଙ୍କୁ ସମସ୍ତ ନୀତିନିୟମ ଉପକ୍ଷୋ କରି ତଥା ରାଜ୍ୟରେ ବେନିୟମ ଭାବେ ଖଣି ଉତ୍ତୋଳନ ଓ ଆଦିବାସୀ ଉଚ୍ଛେଦକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖଣିଜଦ୍ରବ୍ୟ ଉତ୍ତୋଳନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଯାହା ନିୟମାବଳୀ ଅଛି ତାହା ଆଦୌ ପାଳନ ହେଉନାହିଁ। ବିନା ଗ୍ରାମସଭା ଅନୁମତିରେ କମ୍ପାନୀକୁ ଖଣି ହସ୍ତାନ୍ତର କରିବା କେସ ସୁପ୍ରିମକୋର୍ଟ ଅବୈଧ ଘୋଷଣା କରିଥିଲେ। କିନ୍ତୁ ଓଡ଼ିଶାରେ ଗ୍ରାମସଭା ଅନୁମତି ବିନା ଖଣିକୁ ହସ୍ତାନ୍ତର କରାଯାଉଛି। ସିଜିମାଳିରେ ବିନା ଗ୍ରାମସଭା ଅନୁମତିରେ ଖଣି ଆଦାନୀକୁ ଦିଆଯାଇଛି। ଠିକ ସେପରି ସୁନ୍ଦରଗଡ଼ ଜିଲ୍ଲା ଅର୍ନ୍ତଗତ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ନା ଗ୍ରାମରେ ଲାଇମଷ୍ଟୋନ ଡୋଲମାଇଟ ଖଣି ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ଗ୍ରାମ ସଭାର ଅନୁମତି ବିନା ରାଜ୍ୟ ସରକାର ଡାଲମିଆ ସିମେଣ୍ଟ କମ୍ପାନୀକୁ ଟେକି ଦେଇଛି। ରାଜ୍ୟରେ




ପୁଞ୍ଜିପତିଙ୍କ ଶାସନ ଚାଲିଛି। ସାଧାରଣ ଜନତା ଓ ଆଦିବାସୀ ଶୋଷିତ ହେଉଛନ୍ତି ବୋଲି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି।

ରାଜଗାଙ୍ଗପୁର ବିଧାୟକ ସିଏସ ରାଜନ ଏକ୍କା କହିଥିଲେ, କମ୍ପାନୀମାନଙ୍କୁ ଯେତେବେଳେ ଖଣି ପ୍ରଦାନ କରାଯାଉଛି ଦେଖାଯାଉଛି, ନୀତିନିୟମ ଗ୍ରହଣ ନକରି ଜମି ଅଧିଗ୍ରହଣ କରାଯାଉଛି। ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାର ବଣେଇରେ କୋଇଲା ପଥର ଖଣି ଓ ରାଜଗାଙ୍ଗପୁରର ଚୂନପଥର ଖଣିକୁ ସମସ୍ତ ନିତିନିୟମ ଉପେକ୍ଷା କରି ଜମି ଅଧିଗ୍ରହଣ, ବିସ୍ଥାପନ ଓ ପରିବେଶ ସନ୍ତୁଳନ ଆଦିକୁ ବେଖାତିର କରି ଡାଲମିଆ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗ୍ରାମ ସଭାରେ ଅତିକମରେ ୮୦% ସହମତି ଲୋଡ଼ା ଏଲଫର୍ମ ଓ ଏମଫର୍ମର ମଧ ପାଳନ କରାଯାଇ ନାହିଁ। ଲୋକମାନଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ରାଜ୍ୟ ସରକାର ଆଦିବାସୀ ଏବଂ ଜନତାଙ୍କ ଦୁଃଖ ଶୁଣୁନାହାନ୍ତି। ଆଗାମୀ ଦିନରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଖଣି ଅଞ୍ଚଳର ବିରାଟ ବିକ୍ଷୋଭ ଅନୁଷ୍ଠିତ ହେବ।

ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାଏକ କହିଥିଲେ, ସରକାର ଆଦିବାସୀ ମାନଙ୍କ ଛାତିରେ ଖଣି ଖୋଳୁଛନ୍ତି। କମ୍ପାନୀ ଓ ପୁଞ୍ଜିପତି ମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଆଦିବାସୀ ମାନଙ୍କୁ ବେନିୟମ ହିସାବରେ ବିସ୍ଥାପିତ କରୁଛନ୍ତି। ଯାହା ଆଗାମୀ ଦିନରେ ଭୀଷଣ ଆନ୍ଦୋଳନର ସୂତ୍ରପାତ ହେବ। ଆମେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛୁ ଖଣି କାର୍ଯ୍ୟପାଇଁ ସମସ୍ତ ନିୟମ ପାଳନ କରନ୍ତୁ। ଆଦିବାସୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଆଡଭୋକେଟ ଆର୍ଲବଟ କିଣ୍ଡୋ, ସମାଜସେବୀ ବିବଲ ଟପୋ, ଅନିମା ମିଞ୍ଜ ଉପସ୍ଥିତ ଥିଲେ।

# ରାଜନଗରରେ ସି ଫୁଡ଼ ପ୍ରୋସେସିଂ ପ୍ଲାଣ୍ଟ ପାଇଁ ଦାବି

**ରାଜନଗର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଧାମରା ମୁହାଣରୁ ବରୁଣେଇ ଯାଏ ପ୍ରଲମ୍ବିତ ଦୀର୍ଘ ବେଳାଭୂମି ଓ ବ୍ରାହ୍ମଣୀ, ବୈତରଣୀ ତଥା ଖରସ୍ରୋତାର ନଦୀ ଅବବାହିକା ଅଞ୍ଚଳ ଭାବରେ ପରିଚିତ ରାଜନଗରରେ ଏକ ସି-ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି। ସ୍ଥାନୀୟ ଶିକ୍ଷାବିତ ତଥା ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏହି ପ୍ଲାଣ୍ଟ ନିର୍ମାଣର ଅନୁକୂଳ ଭିତ୍ତିଭୂମି ଥିବା ଦର୍ଶାଯାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବହୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳ ତଥା ନଦୀନାଳ ଘେରା ରାଜନଗରର ଆର୍ଥିକ ପ୍ରଗତିର ଆଧାର ଭାବରେ ଧାନ ଓ ମତ୍ସ୍ୟ ସମ୍ପଦକୁ ଗ୍ରହଣ କରାଯାଏ। ପ୍ରଚୁର ମାଛ ଏ ଅଂଚଳରେ ମିଳୁଥିବା ଦୃଷ୍ଟିରୁ ବାହାର ରାଜ୍ୟ ତଥା ବାହାର ଦେଶର ବ୍ୟବସାୟୀମାନେ ପ୍ରତ୍ୟେହ ଏହି ଅଂଚଳରୁ ମାଛ ସଂଗ୍ରହ କରି ଚାଲାଣ କରୁଥିବା ଦେଖାଯାଉଛି। ମାଛ ବିକ୍ରି କରି ଜୀବିକା ନିର୍ବାହ କରୁଥିବା ତଥା ସାମୟିକ ଭାବେ ମାଛ ଧରୁଥିବା ଲୋକ ଏହି ବେପାରୀମାନଙ୍କୁ ଉଚିତ ଦରରେ ବିକ୍ରି କରିପାରନ୍ତି ନାହିଁ। କମ୍ପାନୀ ଏଜେଣ୍ଟମାନେ ଅଳ୍ପ ଦର ଦେଇ ବହୁ ମୁନଫାର ମାଲିକ ହୁଅନ୍ତି। ତେବେ ଦୀର୍ଘଦିନରୁ ଏହି ବେସରକାରୀ ବ୍ୟବସ୍ଥା ଚାଲୁ ରହିଥିବା ବେଳେ ଏବଂ ଅଳ୍ପ କିଛି ମୁନଫାଖୋର ଏହାର ଲାଭ ଉଠାଉଥିବା ବେଳେ ଏଠାକାର ସଂଗୃହିତ ମାଛକୁ ନେଇ ରାଜନଗରରେ ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ନିର୍ମାଣ କରାଗଲେ ଅନେକ କ୍ଷୁଦ୍ର ଓ ବୃହତ ମତ୍ସ୍ୟଜୀବୀ ଉପକୃତ ହୋଇ ପାରିବେ ଏବଂ କିଛି କର୍ମସଂସ୍ଥାନ ମଧ୍ୟ ସୃଷ୍ଟି ହୋଇପାରିବ। ଏଥିସହିତ କ୍ଷୁଦ୍ର ମତ୍ସ୍ୟଜୀବୀମାନେ ସେମାନଙ୍କ ଶ୍ରମର ଉଚିତ ମୂଲ୍ୟ ପାଇପାରିବେ ଓ ସରକାର ମଧ୍ୟ ରାଜସ୍ୱ ପାଇପାରିବ। ଶିକ୍ଷାବିତ ଶ୍ରୀ ନାୟକଙ୍କ ମତରେ ରାଜନଗରରେ କୌଣସି ଶିଳ୍ପ ଅବା କ୍ଷୁଦ୍ର ଉଦ୍ୟୋଗ ନଥିବା ବେଳେ ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଛି। ତାଳଚୁଆ ଠାରେ ଏକ ଫିସେରୀ ବେସ ମଧ ରହିଛି। ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ କର୍ମସଂସ୍ଥାନର ପଥ ପ୍ରସ୍ତୁତ ପାଇଁ ସରକାର ଏ ଦିଗରେ ଆନ୍ତରିକତା ସହିତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

# ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଚାଂୟତ କଚେରୀ ନିକଟ ସ୍ଲୁଇସ ଗେଟ ପାଖରୁ ଏକ ୧୦ଫୁଟ ୬ଇଂଚ ଲମ୍ବର ଅଣ୍ଡିରା ବଉଳା କୁମ୍ଭୀର ଉଦ୍ଧାର ହୋଇଥିବା ଜଣାପଡିଛି । ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକର ସ୍ଲୁଇସ ନିକଟରେ ଥିବା ନାଳରେ କୁମ୍ଭୀର ପଶି ଯାଇଥିଲା । ଖବରପାଇ ରାଜନଗର ରେଂଜ ଅଫିସର ଚିତରଂଜନ ବେଉରାଙ୍କ ନେତୃତ୍ୱରେ ବନପାଳ ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱରଂଜନ ତରାଇ, ବନ ସୁରକ୍ଷାକର୍ମୀ ନିତାଇ ମଣ୍ଡଳ, ଦିବାକର ମଳିକ, ସହଦେବ ପ୍ରଧାନ, ମାଣିକ ଗୁଡିଆ, ହେମନ୍ତ ମହାରଣା ପ୍ରମୁଖ ନାଳରୁ ଜାଲ ସାହାଯ୍ୟରେ କୁମ୍ଭୀରକୁ ଧରିଥିଲେ । ପରେ ଏହି କୁମ୍ଭୀରକୁ କୃଷ୍ଣପ୍ରିୟାପୁର ବିଟ ନିକଟ ବାଉଁଶଗଡ ନଦୀରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି ।

# ପହଲଗାମ ଆକ୍ରମଣ କେନ୍ଦ୍ର ସରକାର କରାଇଛନ୍ତି କି: ମମତା

**ନୂଆଦିଲ୍ଲୀ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ରାଜନୈତିକ ତାପମାତ୍ରା ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଙ୍କୁରାରେ ଏକ ରାଲିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡା ସମାଲୋଚନା କରିଛନ୍ତି। ଅମିତ ଶାହଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଲଟା ଅଭିଯୋଗ ଆଣିଛନ୍ତି।



ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଭିଯୋଗର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଭୟ ପ୍ରମୁଖ ବିଜେପି ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଶାହଙ୍କୁ ମହାଭାରତର ଦୁର୍ଯ୍ୟୋଧନ ଏବଂ ଦୁଃଶାସନଙ୍କ ସହ ତୁଳନା କରିଛନ୍ତି। ପଶ୍ଚିମବଙ୍ଗରେ ଆତଙ୍କବାଦୀ ନେଟୱାର୍କ କାମ କରୁଥିବା ଶାହଙ୍କ ଅଭିଯୋଗକୁ ପ୍ରତିହତ କରିବା ସହିତ, ମମତା ପହଲଗାମ ଆକ୍ରମଣ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସିଧାସଳଖ ପ୍ରଶ୍ନ ପଚାରିଛନ୍ତି।

ବୀରସିଂହପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମମତା ବାନାର୍ଜୀ କହିଛନ୍ତି ଶକୁନିଙ୍କ ଶିଷ୍ୟ ଦୁଃଶାସନ କେବଳ ସୂଚନା ସଂଗ୍ରହ କରିବାକୁ ପଶ୍ଚିମବଙ୍ଗ ଆସିଛନ୍ତି। ସେ ବ୍ୟଙ୍ଗ କରି କହିଛନ୍ତି ଯେ ନିର୍ବାଚନ ପାଖେଇ ଆସିବା ମାତ୍ରେ ଦୁର୍ଯ୍ୟୋଧନ ଏବଂ ଦୁଃଶାସନ ଏଠାରେ ଦେଖାଯାଆନ୍ତି। ଅମିତ ଶାହ ବର୍ତ୍ତମାନ ରାଜ୍ୟରେ ତିନି ଦିନିଆ ଗସ୍ତରେ ଅଛନ୍ତି।

ଶାହା ଅନୁପ୍ରବେଶକୁ ନେଇ ମମତା ବାନାର୍ଜୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହାର ଜବାବରେ, ତୃଣମୂଳ ମୁଖ୍ୟ ମମତା ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରି ସ୍ପଷ୍ଟ କରିଛନ୍ତି, ସେ ବିଜେପିର ଅଭିଯୋଗ ନେଇ ଭୟଭୀତ ହେବେ ନାହିଁ।

ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି ବୋଲି ଅମିତ ଶାହ ଅଭିଯୋଗ କରିଥିଲେ। ମମତା ବାନାର୍ଜୀ ଏହାର କଡା ପ୍ରତିକ୍ରିୟା ପ୍ରକାଶ କରି ପ୍ରଶ୍ନ କରିଛନ୍ତି ଯେ, ଆତଙ୍କବାଦୀମାନେ ପଶ୍ଚିମବଙ୍ଗରେ ଅଛନ୍ତି କି, ପହଲଗାମ ଆକ୍ରମଣ କ'ଣ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଗଠିତ ହୋଇଥିଲା କି ? ସେ ଅମିତ ଶାହଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ବିଜେପି କେବଳ ନିର୍ବାଚନ ଜିତିବା ପାଇଁ ପଶ୍ଚିବଙ୍ଗବଙ୍ଗର ଭାବମୂର୍ତ୍ତିକୁ ଖରାପ କରୁଛି।

ମମତାଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ବିଜେପି ୨୦୨୬ରେ ପଶ୍ଚିମବଙ୍ଗରେ କ୍ଷମତା ହାସଲ କରିବା ଏବଂ ଏହାର ସୀମା ସିଲ୍ କରିବା ପାଇଁ ଦାବି କରୁଛି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି, କେନ୍ଦ୍ର ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ରାଜ୍ୟ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।

ପୂର୍ବରୁ, ଅମିତ ଶାହ ଏକ ସାମ୍ବାଦିକ ସମ୍ମିଳନୀରେ ମମତା ବାନାର୍ଜୀ ସରକାର ଭୋଟ ବ୍ୟାଙ୍କ ଲାଭ ପାଇଁ ଅନୁପ୍ରବେଶକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଥିଲେ। ଶାହ କହିଥିଲେ, ଆସାମ ଏବଂ ତ୍ରିପୁରାରେ ଅନୁପ୍ରବେଶ ବନ୍ଦ ହୋଇଛି, କିନ୍ତୁ ପଶ୍ଚିମବଙ୍ଗରେ ଏହା ଜାରି ରହିଛି କାରଣ ରାଜ୍ୟ ସରକାର ସୀମାରେ ବାଡ଼ ଦେବା ପାଇଁ ଜମି ଯୋଗାଇ ଦେଉନାହାନ୍ତି।

ସେ ଦାବି କରିଥିଲେ, ୨୦୨୬ରେ ବିଜେପି ସରକାର ଗଠନ କଲେ ହିଁ ପଶ୍ଚିମବଙ୍ଗର ସଂସ୍କୃତି ସୁରକ୍ଷିତ ରହିବ। ଶାହ ଏହା ମଧ କହିଥିଲେ, ଅନୁପ୍ରବେଶ ଏକ ଜାତୀୟ ସୁରକ୍ଷା ପ୍ରସଙ୍ଗ, କିନ୍ତୁ ମମତା ବାନାର୍ଜୀ ଏହି ସମସ୍ତ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ ଏବଂ ବିଜେପିର ପ୍ରତିଶ୍ରୁତିକୁ ନିର୍ବାଚନୀ ଚାଲ ବୋଲି କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭିଜିଲାନ୍ସ ଜାଲରେ...

ଚଢ଼ାଉ କରିଛି। ଏହି ଚଢ଼ାଉରେ ୪ ଡିଏସପି, ୭ ଇନ୍ସପେକ୍ଟର, ଜଣେ ଏସଆଇ, ୮ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ଶ୍ରୀ ପଣ୍ଡାଙ୍କ ବିପୁଳ ପରିମାଣର ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀଙ୍କ ଆଖି ଟେରା ହୋଇଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଜାରି ହୋଇଥିବା ପ୍ରେସନୋଟ ଅନୁଯାୟୀ, ଜିତେନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ଭୁବନେଶ୍ୱରରେ ୨ଟି ବହୁତଳ ଅଟ୍ଟାଳିକା, ଭୁବନେଶ୍ୱର ଉତ୍ତରାରେ ଗୋଟିଏ ଟୁ ବିଏଚକେ ଫ୍ଲାଟ ସହ ଖୋର୍ଦ୍ଧାର ସାନପଲ୍ଲୀଠାରେ ଗୋଟିଏ ୨ ମହଲା କୋଠା, ୪ଟି ଉଚ୍ଚମୂଲ୍ୟର ପ୍ଲଟ, ୨ଟି ପାସପୋର୍ଟ, ଦାମୀ ଘଣ୍ଟା, ଗୋଟିଏ ୪ ଚକିଆ ଓ ୪ଟି ୨ ଚକିଆ ଯାନ ରହିଛି। ଏହାଛଡ଼ା ଭୁବନେଶ୍ୱର ଏସବିଆଇରେ ଗୋଟିଏ ଲକର ଖୋଲାଯିବା ବାକି ରହିଛି । ସେହିପରି ବ୍ୟାଙ୍କ, ପୋଷ୍ଟାଲ ଜମା ଓ ଅନ୍ୟାନ୍ୟ ନିବେଶ ଇତ୍ୟାଦିର ମୂଲ୍ୟାୟନ ଭିଜିଲାନ୍ସ ବୈଷୟିକ ଟିମ ପକ୍ଷରୁ ଜାରି ରହିଛି । ସୂଚନାଯୋଗ୍ୟ, ୧୯୯୫ ମସିହାରେ ସିନିୟର ଲ୍ୟାବ ଆସିଷ୍ଟାଣ୍ଟ ଭାବେ ଜିତେନ୍ଦ୍ର ପଣ୍ଡା ସରକାରୀ ଚାକିରିରେ ଯୋଗ ଦେଇଥିଲେ । ସେହି ସମୟରେ ତାଙ୍କ ଦରମା ୨୦୦୦ଟଙ୍କା ଥିଲା ।

### ଖାଲିଦା ଜିୟାଙ୍କ...

୧୯୯୬ ଏବଂ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ଦେଶକୁ ନେତୃତ୍ୱ ଦେଇଥିଲେ। ସେ ପୂର୍ବତନ ରାଷ୍ଟ୍ରପତି ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ପ୍ରତିଷ୍ଠାତା ଜିଆଉର ରହମାନଙ୍କ ପତ୍ନୀ ଥିଲେ। ତାଙ୍କ ବଡ଼ ପୁଅ, ବିଏନପିର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ୨୦୦୮ ମସିହାରୁ ଲଣ୍ଡନରେ ରହୁଥିଲେ ଏବଂ ଏହି ମାସରେ ବାଂଲାଦେଶ ଫେରି ଆସିଥିଲେ। ତାଙ୍କ ସାନ ପୁଅ ଆରାଫାତ ରହମାନ ୨୦୧୫ ମସିହାରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ।

### ସରକାରୀ କାର୍ଯ୍ୟାଳୟରେ...

ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, ସମସ୍ତଙ୍କୁ ନିବେଦନ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ଆସିବେ ନାହିଁ। କେବଳ ଆପଣଙ୍କ ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଆପଣ ସମସ୍ତଙ୍କର ମଙ୍ଗଳ କରନ୍ତୁ। ବନ୍ଦେ ଉତ୍କଳ ଜନନୀ।

### ଏବେ ହେଲମେଟ୍...

ଇତିମଧ୍ୟରେ ୧୦୦୦ ଟଙ୍କିଆ ଚାଲାଣ କାଟୁଛନ୍ତି। ଦୁଇଚକିଆ ଦୁର୍ଘଟଣାରେ ଅଧିକାଂଶ ମୃତ୍ୟୁ ମୁଣ୍ଡ ଆଘାତ ଯୋଗୁଁ ହେଉଥିବାରୁ ଏହି ନିୟମର ଉଦ୍ଦେଶ୍ୟ ହେଉଛି ଚାଳକମାନଙ୍କ ଜୀବନ ରକ୍ଷା କରିବା।

### ନଥିପତ୍ରରେ ଜନଶୁଣାଣି...

କୁମାର ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ଯେ, ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜନଗର ବ୍ଲକ ଡାଙ୍ଗମାଳଠାରେ ବାମ୍ବୋ କାଫେ ନିର୍ମାଣ କରିବା ପାଇଁ ତତ୍କାଳୀନ ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କ ସହ କନିଷ୍ଠ ଯନ୍ତ୍ରୀ ମୌଖିକ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଏହି କାର୍ଯ୍ୟଟିକୁ ଶ୍ରୀ ମହାନ୍ତି ସୁଚାରୁ ରୂପେ ସଂପନ୍ନ କରିଥିଲେ । ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିରୁଦ୍ଧ ନାୟକଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇ ବିଲ କରାଯିବାର ବ୍ୟବସ୍ଥା ଥିଲା । ବର୍ଷାଧିକ କାଳ ଦୌଡି ଦୌଡି ନିରାଶ ହୋଇଥିଲେ । ୨୦୨୪ ମସିହାରେ ଉକ୍ତ କାର୍ଯ୍ୟର ବିଲକୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକ ଉଠାଇ ନେଇଯାଇଛନ୍ତି । ଦୁଇଲକ୍ଷ ଟଙ୍କା ପିସି ନଦେଲେ ବିଲ ଦେବି ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି । ଏସଂପର୍କରେ ବିଭିନ୍ନ ମିଳିତ ଜନଶୁଣାଣୀ ଯଥା- ୨୦୨୪ ମସିହା ଡିସେମ୍ବର ମାସ ୩୦ତାରିଖ, ୨୦୨୫ ମସିହା ମେ ମାସ ୧୩ତାରିଖ, ସେହି ବର୍ଷ ଜୁଲାଇ ୨୮ତାରିଖରେ ଅଭିଯୋଗ କରିଥିଲେ ମଧ ଏଯାବତ୍ କାମ୍ବୋକାଫେ ନିର୍ମାଣ ଅର୍ଥ ମିଳିନଥିବାରୁ ପୁନର୍ବାର ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର ପରେ ଶିବିର ଅନୁଷ୍ଠିତ ହେଉଛି । କିନ୍ତୁ ଲୋକମାନଙ୍କ ସମସ୍ୟା ସମାଧାନର ନାଁ ଗନ୍ଧ ନାହିଁ । ଜନଶୁଣାଣୀ ଶିବିରରେ ଅଭିଯୋଗର ସମାଧାନ ହେନଥିବାରୁ ନଥିପତ୍ରରେ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

### ସରପଞ୍ଚଙ୍କ ସ୍ୱାମୀଙ୍କୁ...

ମେହେନ୍ଦିନଗର ପଞ୍ଚାୟତର ସରପଞ୍ଚ ବିଦ୍ୟୁତପ୍ରଭା ସେଠୀ ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି ଯେ ଆଜି ପଞ୍ଚାୟତର ମାସିକ ବୈଠକ ଚାଲିଥିବା ସମୟରେ ୱାର୍ଡସଭ୍ୟ ପ୍ରସନ୍ନ ଜେନା ତାଙ୍କୁ ଜାତିଆଣ ଆକ୍ଷେପ କରି ଅଭାଷାରେ ଗାଳିଗୁଲଜ କରିଥିଲେ। ବାହାରେ ଅପେକ୍ଷାରତ ତାଙ୍କର ବୃଦ୍ଧ ସ୍ୱାମୀ ବାନାମ୍ବର ସେଠୀ ପାଟିଗୋଳ ଶୁଣି ଆସିବାରୁ ସେ ଏକ ଲୁହା ଚେୟାର ନେଇ ତାଙ୍କ ମୁହଁକୁ ମାରିଥିଲେ। ଘଟଣା ସ୍ଥଳରେ ବାନାମ୍ବର ରକ୍ତାକ୍ତ ହେବା ସହ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ପାଟକୁରା ଗୋଷ୍ଠୀ ଚିକିତ୍ସାଳୟରେ ଚିକିତ୍ସିତ କରାଇବା ସହ ନ୍ୟାୟ ପାଇଁ ସେ ପାଟକୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପାଟକୁରା ଥାନାରେ ମାମଲା (କେସ ନଂ -୨୩୪/୨୫) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନାଧିକାରୀ ଇନ୍ସପେକ୍ଟର ମହମ୍ମଦ ଜାମସେଦ କହିଛନ୍ତି।

# ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ

**ଭୁବନେଶ୍ୱର,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷ ପୂର୍ବରୁ କଷ୍ଟମ ବିଭାଗକୁ ମିଳିଛି ବଡ ସଫଳତା। ଭୁବନେଶ୍ୱର ବିମାନ ବନ୍ଦରରୁ ଚାଲାଣ ସମୟରେ ୪କୋଟି ଟଙ୍କାର ମାରିଜୁଆନା ଜବତ କରିଛି କଷ୍ଟମ ବିଭାଗ। ବିମାନରେ ଜଣେ ଯାତ୍ରୀ ମାରିଜୁଆନା ଆଣିଥିବା ବେଳେ ତାଙ୍କୁ କଷ୍ଟମ ବିଭାଗ ଅଟକ ରଖି ସମସ୍ତ ମାରିଜୁଆନା ଜବତ କରିଛି। ସମ୍ପୃକ୍ତ ଯାତ୍ରୀଙ୍କ ବ୍ୟାଗରୁ ମାରିଜୁଆନା ଜବତ କରାଯାଇଛି। ଜବତ ମାରିଜୁଆନାର ମୂଲ୍ୟ ୪କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଥାଇଲାଣ୍ଡରୁ ଏହି ମାରିଜୁଆନା ଭୁବନେଶ୍ୱର ଆସୁଥିବା ସୂଚନା ରହିଛି। ଆଗକୁ ନୂଆବର୍ଷ ଥିବାରୁ ଏହି ମାରିଜୁଆନା ସହରକୁ ଆସିଥିବା ସନ୍ଦେହ କରାଯାଉଛି।

# ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

**ମାର୍ଶାଘାଇ,୩୦।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ୫୩ ନମ୍ବର ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥର ମଶାକଣୀ ନିକଟରେ ଆଜି ସଂଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣକ କେନ୍ଦ୍ରାପଡା ଅଟାବୁହା ଅଞ୍ଚଳର ରଞ୍ଜିତ ପ୍ରଧାନ (୫୭) ବୋଲି ମୃତକ ନିକଟରୁ ମିଳିଥିବା କାଗଜାତରୁ ଜଣାପଡିଛି। ମୃତକ ପାରାଦୀପରୁ ଡ୍ୟୁଟି ସାରି ଏକ ବାଇକ (ଓଆର ୦୨ଏଟି୨୦୯୧) ଯୋଗେ ଘରକୁ ଫେରୁଥିବା ସମୟରେ ଯୁବକଙ୍କୁ ପଛପଟୁ ଏକ ଟ୍ରକ (ଓଡି୦୪କ୍ୟୁ୭୯୪୭) ଚଢିଯିବା ଫଳରେ ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ ଆଇଆଇସି କହିଛନ୍ତି। ତେବେ ରାଜପଥ ଏବେ ବେପରୁଆ ଟ୍ରକ ଚାଳକଙ୍କ କବ୍‌ଜାରେ ରହୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ନିରିହ ପଥଚାରୀଙ୍କ ମୃତ୍ୟୁ ଘଟୁଛି।

# ଗୋଷ୍ଠୀ ସଂଘର୍ଷରେ ଚାରି କିନ୍ନର ଗୁରୁତର

**ଭଦ୍ରକ,୩୦।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦୁଇ ଗୋଷ୍ଠି କିନ୍ନରଙ୍କ ବିବାଦ ଉଗ୍ରରୂପ ନେଇଛି। ସୂଚନା ଅନୁଯାଇ ଗତ କିଛି ଦିନ ଧରି ଭଦ୍ରକର ଦୁଇ ଗୋଷ୍ଠି ମଧ୍ୟରେ ଲାଗିଥିଲା ବିବାଦ। ଆଜି ଟାଉନ ଥାନା ନିକଟ ଡଗରା ସାହି ବଜାରରେ ଗୋଟେ ଗୋଷ୍ଠି କିନ୍ନରମାନେ ପରିବା କିଣୁଥିବା ବେଳେ ଅନ୍ୟ ଏକ କିନ୍ନର ଗୋଷ୍ଠି ହଠାତ ସଙ୍ଘବଧ ହୋଇ ବିଭିନ୍ନ ମରଣାସ୍ତ୍ର ଧରି ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଚାରି କିନ୍ନର ଗୁରୁତର ହେଇଛନ୍ତି। ତେବେ ପୂର୍ବରୁ ପୋଲିସକୁ ମାଡ ଖାଇଥିବା ଗୋଷ୍ଠି ଅଭିଯୋଗ କରିଥିବା ବେଳେ ଆଜି ଆକ୍ରମଣ ହେବା ଘଟଣା ପୋଲିସ ପାଇଁ ହୋଇଥିବା କହିଛନ୍ତି କିନ୍ନରମାନେ। ଏହି ଘଟଣାରେ ସ୍ଥାନୀୟ ଜଣେ ବିଜେଡି କର୍ମୀ ସମ୍ପୃକ୍ତ ହୋଇ ଆକ୍ରମଣ କରିଥିବା ଅଭିଯୋଗ ଆଣିଛନ୍ତି କିନ୍ନରମାନେ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ